# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 18/2025 | Page 14 | ₹ 7.00

୫୧ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 294 | ମୂଲ୍ୟ ₹୭/-







# ସଫଳ: ରାଜ୍ୟରେ ଲାଗିଲା ୧.୫ କୋଟି ଚାରା

- ସୁନ୍ଦରଗଡ଼ରେ ସର୍ବାଧିକ
- ମୋଦିଙ୍କ ବଳିଷ୍ଠ ନେତୃତ୍ୱ

**ସବୁଠାରୁ ଅନନ୍ୟ : ମୁଖ୍ୟମନ୍ତ୍ରୀ**

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଲାଗି ଓଡ଼ିଶା ସରକାର ଯେଉଁ ୭୫ ଲକ୍ଷ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଥିଲେ ତାହାକୁ ରାଜ୍ୟବାସୀ ଦ୍ୱିଗୁଣ କରିଛନ୍ତି। ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ଏବଂ ଶ୍ରଦ୍ଧାକୁ ପ୍ରମାଣିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବୁଧବାର ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ୧ କୋଟି ୪୯ ଲକ୍ଷ ୧୧ ହଜାର ୩୩୯ ଚାରା ରୋପଣ ହୋଇଛି। ତେବେ ଅପରାହ୍ନ ୧.୩୩ ସୁଦ୍ଧା ୭୫ ଲକ୍ଷ ଚାରାରୋପଣ ଲକ୍ଷ୍ୟ ପୂରଣ ହୋଇଥିଲା। ରାଜ୍ୟର ସମୁଦାୟ ୭୧,୯୨୪ଟି ସ୍ଥାନରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ଜିଲା ସର୍ବାଧିକ ୧୪,୨୧,୬୧୮ ଚାରା ଲଗାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୋରାପୁଟ ୧୧,୦୧, ୬୨୪ଟି ଗଛ ଲଗାଇ ଦ୍ୱିତୀୟ ଏବଂ କେନ୍ଦୁଝର ୧୦, ୪୨, ୯୨୭ ଚାରା ରୋପଣ କରି ତୃତୀୟ ସ୍ଥାନ ଅଧିକାର କରିଛି।**

ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)

ଚାରାରୋପଣର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହ ସମସ୍ତ ସମ୍ପୃକ୍ତ ବିଭାଗକୁ ପ୍ରଶଂସା କରିବା ସହିତ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହି ଭଲପାଇବା ତାଙ୍କୁ ଅଭିଭୂତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏକାମ୍ର କଲେଜ ପରିସରରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଗୋଟିଏ ଅଁଳାଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଶର ବିକାଶ ପୁରୁଷ ତଥା ବିଶ୍ୱର ଶ୍ରେଷ୍ଠ ଲୋକପ୍ରିୟ ନେତା ଭାବେ ବର୍ଣ୍ଣନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ। ନରେନ୍ଦ୍ର ମୋଦି ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏକି ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ୫୫ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ଦେଶମାତୃକାର ସେବା ବିଷୟରେ ହିଁ ଚିନ୍ତା କରିଆସିଛନ୍ତି। ତାଙ୍କର ସମ୍ପୂର୍ଣ୍ଣ ଜୀବନ ମା' ଭାରତୀ'ର ସେବାରେ ଉତ୍ସର୍ଗୀକୃତ। ତାଙ୍କର ଦୂରଦୃଷ୍ଟି, ଦିଗ୍‌ଦର୍ଶନ, ବଳିଷ୍ଠ ନେତୃତ୍ୱ, କାର୍ଯ୍ୟଶୈଳୀ ସବୁଠାରୁ ଭିନ୍ନ ଓ ଅନନ୍ୟ। ପ୍ରଧାନମନ୍ତ୍ରୀ ସାରା ଦେଶ ବୁଲିଛନ୍ତି ଏବଂ ତୃଣମୂଳସ୍ତରର ଲୋକଙ୍କ ସମସ୍ୟା ବୁଝିଛନ୍ତି। ନିଜ ବ୍ୟକ୍ତିଗତ ଅନୁଭବରୁ ଲୋକଙ୍କ ସମସ୍ୟା ଜାଣି ତା'ର ସମାଧାନର ରାସ୍ତା ଖୋଜିଥାନ୍ତି ପ୍ରଧାନମନ୍ତ୍ରୀ। ଉଜ୍ଜ୍ୱଳା ଯୋଜନା ଜରିଆରେ ମା'ମାନଙ୍କ ରୋଷେଇଘରକୁ ଧୂଆଁରୁ ମୁକ୍ତ କରିବା ହେଉ କିମ୍ବା ଜନଧନ ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହେଉ ଅବା ଆୟୁଷ୍ମାନ୍ ଭାରତ ଯୋଜନାରେ କୋଟି କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା, ମାତୃବନ୍ଦନା ଯୋଜନାରେ ମା'ମାନଙ୍କୁ ସହାୟତା ପ୍ରଦାନ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଜରିଆରେ କୃଷକଙ୍କ ପାଇଁ ସହାୟତା ଭଳି ପ୍ରତ୍ୟେକ ନିଷ୍ପତ୍ତିରେ ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବାର ଲକ୍ଷ୍ୟ ପ୍ରତିଫଳିତ ହୋଇଛି। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ପ୍ରଖର ରାଷ୍ଟ୍ରବାଦ ଓ ଦେଶପ୍ରେମର ଝଲକ ମିଳେ। ରାଷ୍ଟ୍ର ହିତ ମୋଦିଙ୍କ ପାଇଁ ଏକ ସ୍ଲୋଗାନ୍ ନୁହେଁ, ଏହା ତାଙ୍କ ଜୀବନ ପଦ୍ଧତି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଜୀବନ ତାଙ୍କ ମା'ଙ୍କ ଆଶୀର୍ବାଦରେ ଦେଶସେବା ପାଇଁ ପ୍ରେରିତ ହୋଇଛି। ତେଣୁ ମା'ର ସମ୍ମାନରେ ଧରିତ୍ରୀ ମାତାର ସୁରକ୍ଷା ପାଇଁ ମୋଦି ଏହି ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ ଏହି ଦିନଟି ଉଭୟ ମା' ଓ ଧରିତ୍ରୀ ମାତା ପାଇଁ ସମର୍ପିତ। ସେ କହିଥିଲେ, ଓଡ଼ିଶାର ବିକାଶ ଲାଗି ମୋଦିଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଗତ ବର୍ଷ ଏହି ସମୟରେ ସେ ଓଡ଼ିଶା ଆସିଥିଲେ ଏବଂ ଆମ ମା'ମାନଙ୍କ ପାଇଁ ସୁଭଦ୍ରା ☞ପୃଷ୍ଠା-୪



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ଭୁବନେଶ୍ୱର ଏକାମ୍ର କଲେଜରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଏକଦିବସୀୟ ଚାରାରୋପଣ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ।

# ଟଙ୍କା ପାଇଁ ମହିଳା କନ୍‌ଷ୍ଟେବଲଙ୍କୁ ହତ୍ୟା

**ଭୁବନେଶ୍ୱରରେ ମାରି ଘଟଗାଁରେ ପୋତିଥିଲେ ଅଭିଯୁକ୍ତ କନ୍‌ଷ୍ଟେବଲ ସ୍ୱାମୀ**

ଭୁବନେଶ୍ୱର/କେନ୍ଦୁଝର/ ଘଟଗାଁ,୧୭।୯ (ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର ପଟ୍ଟନାୟକ)



ଶୁଭମିତ୍ରା ସାହୁ



ଦୀପକ ରାଉତ

ଭୁବନେଶ୍ୱର ଟ୍ରାଫିକ୍ ମହିଳା କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ନିଖୋଜ ଘଟଣାର ବୁଧବାର ପର୍ଦ୍ଦାଫାଶ ହୋଇଛି। ଶୁଭମିତ୍ରାଙ୍କୁ ଭୁବନେଶ୍ୱରରେ ତଣ୍ଟିଚିପି ହତ୍ୟା ପରେ କେନ୍ଦୁଝର ଜିଲା ଘଟଗାଁ ନିକଟ ଜଙ୍ଗଲରେ ପୋତି ଦିଆଯାଇଥିଲା। ଏହି ଘଟଣା ଘଟାଇଥିଲେ ତାଙ୍କ ସ୍ୱାମୀ(୨୦୨୪ ଜୁଲାଇ ୨୩ରେ କୋର୍ଟରେ ବିବାହିତ) ତଥା କନ୍‌ଷ୍ଟେବଲ ଦୀପକ ରାଉତ। ଶୁଭମିତ୍ରାଙ୍କ ତଣ୍ଟିଚିପି ହତ୍ୟା ପଛରେ ଟଙ୍କା କାରବାର ବଡ଼ କାରଣ ବୋଲି କୁହାଯାଉଛି। ପୋଲିସ ସୂଚନାମୁତାବକ ଉଭୟଙ୍କ ବିବାହ ଉପଲକ୍ଷେ ହେବାକୁ ଥିବା ଉତ୍ସବ ପାଇଁ ଶୁଭମିତ୍ରା ଦୀପକଙ୍କଠାରୁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିରୁ ବିବାଦ ଘଟି ଦୀପକ ତାଙ୍କୁ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଦୀପକଙ୍କ ଏହା ଦ୍ୱିତୀୟ ବିବାହ। ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଇନ୍‌ସ୍ୟୁରାନ୍ସ ବାବଦରେ କୁଆଡ଼େ ୧ କୋଟି ଟଙ୍କା ପାଇଥିଲେ। ଏହି ଇନ୍‌ସ୍ୟୁରାନ୍ସ ଟଙ୍କା ଉପରେ ଶୁଭମିତ୍ରାଙ୍କ ଦୃଷ୍ଟି ଥିବାରୁ ତାଙ୍କ ଜୀବନ ନେବାକୁ ଦୀପକ ପଛାଇ ନ ଥିଲେ ବୋଲି କୁହାଯାଉଛି। ସେହିପରି ଶୁଭମିତ୍ରାଙ୍କଠାରୁ ଦୀପକ ୧୦ ଲକ୍ଷ ଟଙ୍କା ନେଇ ଫେରାଇ ନ ଥିଲେ। ସେହି ଟଙ୍କା ମାଗିବାରୁ ଦୀପକ ଏହି ଘଟଣା ଘଟାଇଥିବା କୁହାଯାଉଛି। ଏନେଇ ତଦନ୍ତ ଚାଲିଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି।

ପୋଲିସ ସୂଚନା ମୁତାବକ ଶୁଭମିତ୍ରାଙ୍କୁ ଦୀପକ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଭୁବନେଶ୍ୱରରୁ କାର୍ ଯୋଗେ ଘଟଗାଁ ନେଇ ସେଠାରେ ଏକ ଜଙ୍ଗଲରେ ଜଣେ ସମ୍ପର୍କୀୟ ଭାଇଙ୍କ ସହଯୋଗରେ ମାଟି ତଳେ ପୋତିଥିଲେ। ଶୁଭମିତ୍ରା ନିଖୋଜ ହେବାର ୧୧ଦିନ ପରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସ୍ୱୀକାର କରିଛନ୍ତି ଖୋଦ୍ ହତ୍ୟାକାରୀ ସ୍ୱାମୀ ଦୀପକ। କମିଶନରେଟ୍ ପୋଲିସ ଶୁଭମିତ୍ରାଙ୍କ କଲ୍ ଡିଟେଲ୍ସ ଯାଞ୍ଚ ☞ପୃଷ୍ଠା-୪

# ସରକାରୀ ବସ୍‌ରେ ମାଗଣା ସ୍କୁଲ ଯିବେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୭।୯ (ସୁଚିସ୍ମିତା ସାହୁ)

**ବିଜ୍ଞପ୍ତି ପ୍ରକାଶ କଲା ଗଣଶିକ୍ଷା ବିଭାଗ**

ଏଣିକି ଛାତ୍ରୀଛାତ୍ରମାନେ ସରକାରୀ ବସ୍‌ରେ ମାଗଣାରେ ସ୍କୁଲ ଯିବେ। ଏଥିପାଇଁ ସ୍କୁଲ ପୋଷାକ କିମ୍ବା ସ୍କୁଲ ଆଇକାର୍ଡ ଦେଖାଇବାକୁ ପଡିବ। ଏନେଇ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିବାବେଳେ ବୁଧବାର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଡ୍ରପ୍‌ଆଉଟ ହାର କମାଇବା ଲକ୍ଷ୍ୟରେ ପିଲାଙ୍କୁ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟାହ୍ନଭୋଜନ, ସ୍କୁଲ ୟୁନିଫର୍ମ, ପାଠ୍ୟପୁସ୍ତକ, ପାଠପଢ଼ା ଶୈଳୀ ଆଦିରେ ରାଜ୍ୟ ସରକାର ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଏବେ ଯାତାୟାତ ସୁବିଧା ନ ଥିବା କିମ୍ବା ଗାଡି ଖର୍ଚ୍ଚ ପାଇଁ ସ୍କୁଲ ଆସିପାରୁ ନ ଥିବା ଛାତ୍ରୀଛାତ୍ରଙ୍କ ଲାଗି ☞ପୃଷ୍ଠା-୪

# ଡିଜେ ଗାଡ଼ି ଉପରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କଲେ ଜରିମାନା ସହ ପଞ୍ଜୀକରଣ ଓ ଫିଟ୍‌ନେସ୍ ହେବ ରଦ୍ଦ**

କଟକ, ୧୭।୯(କାର୍ତ୍ତିକ ସାହୁ)

ଗତ କିଛି ଦିନ ମଧ୍ୟରେ ବେଆଇନ ଡିଜେ ଗାଡ଼ି ଯୋଗୁ ସାମ୍ନାକୁ ଆସିଥିବା ଅଘଟଣକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଡିଜେ ଗାଡ଼ିଗୁଡ଼ିକ ବେଆଇନ ଭାବେ ଯାନର ଷ୍ଟ୍ରକଚର୍ ବା ମୂଳଢାଞ୍ଚାରେ କରୁଥିବା ପରିବର୍ତ୍ତନ, ଗାଡ଼ିର ଉଚ୍ଚତା, ଲମ୍ୱ ଓ ପ୍ରସ୍ଥରେ ପରିବର୍ତ୍ତନ, ଗାଡ଼ିରେ ଲଗାଉଥିବା ଅତି ଉଚ୍ଚ ସ୍ୱରର ସ୍ପିକର ଏବଂ ଚିକ୍‌ମିକ୍ କରୁଥିବା ବେଆଇନ ଆଲୋକ ଇତ୍ୟାଦିକୁ ରୋକିବା ନିମନ୍ତେ ଏଣିକି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ପରିବହନ ବିଭାଗ। ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ସର୍କୁଲାର ପରିବହନ ଆୟୁକ୍ତଙ୍କ ଦ୍ୱାରା ଜାରି କରାଯାଇଛି। ମୋଟରଯାନ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ବେଆଇନ ଭାବେ ତାକୁ ଡିଜେ ଯାନ ଭାବେ (ମୋଟର ଯାନ ଆଇନରେ ଡିଜେ ଭ୍ୟାନର କୌଣସି ପ୍ରଚଳିତ ବ୍ୟବସ୍ଥା ନାହିଁ) ପରିବର୍ତ୍ତନ କରି ବେଆଇନ ଭାବେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଶବ୍ଦ ପ୍ରଦୂଷଣ ☞ପୃଷ୍ଠା-୪

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଅବାଧ ବାଘ ଶିକାର**

ନୂଆଦିଲ୍ଲୀ,୧୭।୯

ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ସଂଘଟିତ ବାଘ ଶିକାର ଓ ବେଆଇନ ବଣ୍ୟପ୍ରାଣୀ ଚାଲାଣ ରାକେଟର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ନେଇ ଦାଖଲ ଏକ ପିଟିଶନ ଉପରେ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାର, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କୁ ଜବାବ ମାଗିଛନ୍ତି। ରାଜ୍ୟ ଓ ଜାତୀୟସ୍ତରରେ ସଂଘଟିତ ଶିକାର ସିଣ୍ଡିକେଟ୍‌ଗୁଡ଼ିକ ସକ୍ରିୟ ଥିବାରୁ ବ୍ୟାଘ୍ର ବଂଶ ପ୍ରତି ବିପଦ ସୃଷ୍ଟି ହୋଇଥିବା ଆଇନଜୀବୀ ଗୌରବ ଗୌରବ କୁମାର ବଂଶଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଦର୍ଶାଇଛନ୍ତି। ଏଥିରେ ଗୌରବ ଉଲ୍ଲେଖ କରିଛନ୍ତି, ଅନ୍ୟୂନ ୩୦% ବାଘ ସ୍ୱୀକୃତିପ୍ରାପ୍ତ ବ୍ୟାଘ୍ର ସଂରକ୍ଷଣ ବାହାରେ ବସବାସ କରୁଛନ୍ତି। ଏଥିଯୋଗୁ ଅବାଧ ବାଘ ଶିକାର କରାଯାଉଥିବା ନେଇ ପ୍ରକାଶିତ କେତେକ ଖବରର ଅବତାରଣା କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି, କେନ୍ଦ୍ର, ଏନ୍‌ଟିସିଏ ଏବଂ ଅନ୍ୟ ପକ୍ଷମାନଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଛନ୍ତି। କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ ଏହା ଉପରେ ଅବଗତ ହେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ବ୍ୟବସ୍ଥିତ ଢଙ୍ଗରେ ଏକ ସିଣ୍ଡିକେଟ୍ କାର୍ଯ୍ୟ କରୁଛି। ଉକ୍ତ ସିଣ୍ଡିକେଟ୍ ବାଘ ସମେତ ଅନ୍ୟ ବଣ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ଦେଶ ତଥା ଅନ୍ତର୍ଜାତୀୟ ସୀମାକୁ ଚାଲାଣ କରି ଲାଭ ଉଠାଉଥିବାରୁ ଏହା ଉପରେ ଖଣ୍ଡପୀଠ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନେକ ଅଭିଯୁକ୍ତଙ୍କ ଗିରଫଦାରି, ବାଘ ଚମଡ଼ା, ଅସ୍ଥି, ଅସ୍ତ୍ରଶସ୍ତ୍ର ଓ ଆର୍ଥିକ ରେକର୍ଡ ସମେତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ, ଏହି ଆତଙ୍କ କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ହୋଇ ରହିନାହିଁ। ବରଂ ଆଇନକୁ ଫାଙ୍କି ବେଆଇନ ବାଘ ଶିକାର କରୁଥିବା ଏକ ମଜଭୁତ୍ ଆପରାଧିକ ☞ପୃଷ୍ଠା-୪



# ଏସ୍‌ଆଇଆର୍: ଅର୍ଦ୍ଧାଧିକ ଭୋଟରଙ୍କୁ ନୂଆ ଦସ୍ତାବିଜ ଦେବାକୁ ପଡ଼ି ନ ପାରେ

ନୂଆଦିଲ୍ଲୀ,୧୭।୯

ଅଧିକାଂଶ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବେଳେ ଅର୍ଦ୍ଧାଧିକ ମତଦାତାଙ୍କୁ ନୂଆ ଦସ୍ତାବିଜ ଦେବାକୁ ପଡ଼ି ନ ପାରେ ବୋଲି ବୁଧବାର ନିର୍ବାଚନ କମିଶନ(ଇସି) ଅଧିକାରୀମାନେ ସୂଚନା ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ, ଅନେକ ରାଜ୍ୟରେ ୨୦୦୨ରୁ ୨୦୦୪ ମଧ୍ୟରେ ଭୋଟର ତାଲିକାର ଏସ୍‌ଆଇଆର୍ କରାଯାଇଛି। ଏହି ବର୍ଷକୁ ସେମାନଙ୍କ ପରବର୍ତ୍ତୀ ଏସ୍‌ଆଇଆର୍ ପାଇଁ କଟ୍‌ଅଫ୍ ତାରିଖ ଭାବେ ବିଚାର କରାଯିବ। ସାରା ଦେଶରେ ଏସ୍‌ଆଇଆର୍ ଲାଗୁ ପାଇଁ ଇସି ଖୁବ୍‌ଶୀଘ୍ର ତାରିଖ ଘୋଷଣା କରିବେ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ଭୋଟର ତାଲିକା ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। କେତେକ ରାଜ୍ୟର ସିଇଓମାନେ ଗତ ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**କ୍ୟାଲେଣ୍ଡର ଓ ପୌରାଣିକ କଥା**





## ଦିଲ୍ଲୀରେ ଆଜି




ଗାଜାରେ ଇସ୍ରାଏଲର ନରସଂହାର ବିରୋଧରେ ବୁଧବାର ଦିଲ୍ଲୀର ମଣ୍ଡିହାଉସଠାରେ ବୁଦ୍ଧିଜୀବୀମାନେ ବିକ୍ଷୋଭ କରୁଛନ୍ତି। (ଫଟୋ-ଚମନ ଗୌତମ)

## 'ଆଲେକ୍ସିଙ୍କୁ ଜେଲରେ ବିଷଦେଇ ମାରିଥିଲେ'

ମସ୍କୋ,୧୭।୯(ଏପି)

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସମାଲୋଚକ ତଥା ବିରୋଧୀ ନେତା ଆଲେକ୍ସି ନାଭାଲ୍‌ନିଙ୍କୁ ଜେଲରେ ବିଷଦେଇ ହତ୍ୟା କରାଯାଇଥିଲା। ଆଲେକ୍ସିଙ୍କ ବିଧବା ସ୍ତ୍ରୀ ୟୁଲିଆ ନାଭାଲ୍‌ନୟା ବୁଧବାର ଏକ ଭିଡିଓ ଜାରିକରି ଏଭଳି ଅଭିଯୋଗ ଆଣିଛନ୍ତି।


ୟୁଲିଆ ନାଭାଲ୍‌ନୟା


ଆଲେକ୍ସି ନାଭାଲ୍‌ନି

ସରକାରୀ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି କ୍ରେମ୍‌ଲିନ୍ ବିରୋଧୀ ବିକ୍ଷୋଭକୁ ବ୍ୟାପକ କରିଥିବା ନାଭାଲ୍‌ନି ଗିରଫ ହୋଇ ୧୯ ବର୍ଷ ପାଇଁ ଜେଲଦଣ୍ଡ ଭୋଗୁଥିଲେ। ୨୦୨୪ ଫେବୃଆରୀରେ ଆର୍କଟିକ୍ ପେନାଲ କଲୋନିରେ ସନ୍ଦେହଜନକ ଭାବେ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁର ଠିକ୍ ପୂର୍ବରୁ ନାଭାଲ୍‌ନିଙ୍କୁ ବିଷ ଦିଆଯାଇଥିଲା ବୋଲି ଦୁଇଟି ନିରପେକ୍ଷ ଲାବ୍ ରିପୋର୍ଟରୁ ଜାଣିବାକୁ ପାଇଥିବା ତାଙ୍କ ସ୍ତ୍ରୀ ୟୁଲିଆ କହିଛନ୍ତି। ନାଭାଲ୍‌ନିଙ୍କ ଶରୀରରୁ ସଂଗୃହୀତ ଜୈବିକ ନମୁନାକୁ ରୁଷିଆ ବାହାରକୁ ନେଇ ଦୁଇଟି ଲାବୋରେଟୋରିରେ ଯାଞ୍ଚ କରାଯାଇଥିଲା। ସେଥିରୁ ବିଷର ନମୁନା ମିଳିଛି। ତେବେ ରାଜନୈତିକ କାରଣରୁ ସ୍ୱାମୀଙ୍କୁ ମୁକ୍ତ କରାଯାଇ ନ ଥିଲା ବୋଲି ସେ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଉକ୍ତ ଭିଡିଓ କ୍ଲିପ୍‌ରେ ଅଭିଯୋଗ ଆଣିଛନ୍ତି। ଏଥିସହ ଲାବ୍ ଦ୍ୱୟ ପୁଟିନ୍‌ଙ୍କୁ ସନ୍ତୁଷ୍ଟ କରିବା ପରିବର୍ତ୍ତେ ନିଜ ରିପୋର୍ଟ ସାର୍ବଜନୀନ କରନ୍ତୁ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ପ୍ରକାଶ ଯେ, ପୁଟିନ୍‌ଙ୍କ ବିରୋଧରେ ୟୁଲିଆ ପୂର୍ବରୁ ମଧ୍ୟ ଏପରି ଅଭିଯୋଗ ଆଣିସାରିଛନ୍ତି। ଅନ୍ୟପକ୍ଷେ ୪୭ ବର୍ଷୀୟ ନାଭାଲ୍‌ନି ଚଲାବୁଲା କରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ, ଯାହାକି ତାଙ୍କ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ସରକାରୀ ଅଧିକାରୀମାନେ ସେତେବେଳେ କହିଥିଲେ।

# ଗାଜାରେ ଗଣହତ୍ୟା ବନ୍ଦ କର

## ଇସ୍ରାଏଲ୍ ଉପରେ ବଢ଼ିଲା ଅନ୍ତର୍ଜାତୀୟ ଚାପ

ଗାଜା ସିଟି/ଜେରୁଜେଲମ୍/କାଏରୋ,୧୭।୯(ଏପି/ରଏଟର୍ସ)

ଇସ୍ରାଏଲ୍ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ଗାଜାରେ କାର୍ଯ୍ୟରତ ୨୦ରୁ ଊର୍ଦ୍ଧ୍ୱ ସହାୟତା ଏଜେନ୍ସି ଯୁଦ୍ଧରେ ତୁରନ୍ତ ହସ୍ତକ୍ଷେପ ପାଇଁ ବିଶ୍ୱନେତାଙ୍କୁ ଅନୁରୋଧ କରିଛନ୍ତି। ଧ୍ୱସ୍ତବିଧ୍ୱସ୍ତ ଗାଜା ଭୂଖଣ୍ଡରେ ଇସ୍ରାଏଲୀ ସେନା ଗଣହତ୍ୟା ଚଳାଇଥିବା ଜାତିସଂଘର ଏକ କମିଶନ କହିବା ପରେ ଅନ୍ତର୍ଜାତୀୟ ସମୁଦାୟକୁ ଏପରି ଆହ୍ୱାନ ଦିଆଯାଇଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ର ଆକ୍ରମଣରେ ୬୫,୦୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଶିଶୁ ରହିଥିବା ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଗାଜାର ପ୍ରାୟ ୧ ନିୟୁତ ଲୋକ ନିଜ ଇତିହାସର ସବୁଠୁ ଦୁର୍ଦ୍ଦିନ ଦେଖିବେ। ସମ୍ପ୍ରତି ଗାଜାରେ ମାନବୀୟ ସ୍ଥିତି ଅତି ଖରାପ ଅବସ୍ଥାକୁ ଚାଲିଆସିଛି ବୋଲି ଏହି ଗୋଷ୍ଠୀ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି। ଗାଜା ସିଟିରୁ ଲୋକଙ୍କୁ ଜବରଦସ୍ତ ବିତାଡ଼ନ କରିବା ନେଇ ସ୍ଥଳଭାଗରେ ଇସ୍ରାଏଲ୍‌ର ସଦ୍ୟ ଉଦ୍ୟମକୁ ନିନ୍ଦା କରାଯାଇଛି। ଏହି ସହରାଞ୍ଚଳକୁ ଉଦ୍ଦେଶ୍ୟମୂଳକ ଭାବେ ବାସ ଅନୁପଯୋଗୀ କରିବା ପାଇଁ ଇସ୍ରାଏଲ୍ ଏପରି କରୁଛି। ତେବେ ବର୍ତ୍ତମାନର ସତର୍କତାକୁ ଅଣଦେଖା କଲେ ଆହୁରି ଅନେକ ହଜାର ଲୋକଙ୍କ ପ୍ରାଣହାନି ଘଟିବ ବୋଲି ଏଜେନ୍ସିଗୁଡ଼ିକ କହିଛନ୍ତି। ୫ ଲକ୍ଷରୁ ଅଧିକ ଲୋକ ଖାଇବାକୁ ପାଉନାହାନ୍ତି। ଦୁର୍ଭିକ୍ଷ ଘୋଷଣା କରାଯାଇଛି। ଏହା ବ୍ୟାପିବାରେ ଲାଗିଥିବାରୁ ପ୍ରତିଦିନ ଲୋକେ ମରୁଛନ୍ତି। ଏହାର ସମାଧାନ ଦିଗରେ ବିଶ୍ୱନେତାମାନେ ବିଫଳ ହୋଇଛନ୍ତି। ଇତିହାସ ନିଃସନ୍ଦେହରେ ଏହି ମୁହୂର୍ତ୍ତକୁ ମାନବିକତାର ଏକ ପରୀକ୍ଷା ରୂପେ ବିଚାର କରିବ। ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଛି ବୋଲି ଉକ୍ତ ବିବୃତିରେ ଉଲ୍ଲେଖ କରାଯାଇଛି। ବିବୃତିର ସ୍ୱାକ୍ଷରକାରୀଙ୍କ ମଧ୍ୟରେ ରହିଛନ୍ତି ଡକ୍ଟର୍ସ ୱିଦାଉଟ୍ ବର୍ଡର୍ସ, ଇସ୍‌ଲାମିକ୍ ରିଲିଫ୍ ୱାର୍ଲ୍ଡୱାଇଡ୍, ଆକ୍ସନଏଡ୍ ଇଣ୍ଟରନ୍ୟାଶନାଲ, ସିଏଆର୍‌ଇ ଇଣ୍ଟରନ୍ୟାଶନାଲ, ହ୍ୟାଣ୍ଡିକେପ୍ ଇଣ୍ଟରନ୍ୟାଶନାଲ, ସେଭ୍ ଦି ଚିଲ୍‌ଡ୍ରେନ୍ ଇଣ୍ଟରନ୍ୟାଶନାଲ, ନରୱେଜିଆନ୍ ରିଫ୍ୟୁଜି କାଉନ୍‌ସିଲ ଏବଂ ମେଡିସିନ୍ସ ଡୁ ମୋଣ୍ଡେ। ଏହି ସଂସ୍ଥାଗୁଡ଼ିକ ଗାଜା ଗଣହତ୍ୟା ପାଇଁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ଓ ରାଷ୍ଟ୍ରପତି ଇସାକ୍ ହେର୍ଜୋଗ୍‌ଙ୍କୁ ଦାୟୀ କରାଯାଇଛି। ଉଲ୍ଲେଖଯୋଗ୍ୟ ଯୁଦ୍ଧରେ ନିହତ ୬୫,୦୬୨ ପାଲେଷ୍ଟିନୀୟଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଶିଶୁ। ଅନ୍ୟ ୧,୬୫,୬୯୭ ଆହତ ହୋଇଛନ୍ତି। ଗାଜାର ବିସ୍ତୃତ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ୯୦% ଜନସଂଖ୍ୟା ବିସ୍ଥାପିତ ହୋଇଛନ୍ତି। ଗାଜା ସିଟିରେ ଦୁର୍ଭିକ୍ଷ ପଡ଼ିବା ସହ ମାନବୀୟ ସଙ୍କଟ ଉପୁଜିଛି।


ଇସ୍ରାଏଲ୍ ଆକ୍ରମଣ ଯୋଗୁ ଗାଜା ସିଟିରୁ ପାଲେଷ୍ଟିନୀୟଙ୍କ ଗଣପଳାୟନ ଜାରି ରହିଛି। (ଫଟୋ: ଗାର୍ଡିଆନ୍)

## ଇୟୁର ନୂଆ ଟାରିଫ୍, କଟକଣା ପ୍ରସ୍ତାବ

ବ୍ରସେଲ୍ସ,୧୭।୯

ଗତ ୨୩ ମାସ ଧରି ଚାଲିଥିବା ଗାଜା ଯୁଦ୍ଧର ଅବସାନ ପାଇଁ ୟୁରୋପୀୟ ସଂଘ (ଇୟୁ) ବୁଧବାର ଇସ୍ରାଏଲ୍ ଉପରେ ନୂଆ ଟାରିଫ୍ ଓ କଟକଣା ଲଗାଇବାକୁ ଯୋଜନା କରିଛି। ଇୟୁର ବହିର୍ବ୍ୟାପାର ନୀତି ମୁଖ୍ୟ କାଜା କଲ୍ଲାସ୍ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଏହାର ୨୭ ସଦସ୍ୟ ରାଷ୍ଟ୍ରକୁ ପରାମର୍ଶ ଦେଇଛନ୍ତି। ପ୍ରସ୍ତାବ ଅନୁଯାୟୀ, ଏହି ଦେଶଗୁଡ଼ିକ ଇସ୍ରାଏଲୀ ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ବଢ଼ାଇପାରନ୍ତି। ସେହିପରି ୧୦ ହମାସ୍ ନେତା, ଇସ୍ରାଏଲୀ ସେଟ୍‌ଲର୍ସ ଓ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କ୍ୟାବିନେଟ୍‌ରେ ଅର୍ଥମନ୍ତ୍ରୀ ଥିବା ବେଜାଏଲ୍ ସ୍ମୋଟ୍ରିକ୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଇତାମର ବେନ୍-ଗଭିରଙ୍କ ଉପରେ କଟକଣା ଲଗାଇପାରନ୍ତି। ଇସ୍ରାଏଲ୍-ଗାଜା ଯୁଦ୍ଧ ବନ୍ଦ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ଇୟୁ ପକ୍ଷରୁ କୁହାଯାଇଛି।

## ମୁମ୍ବାଇ, ସଂସଦ ଆକ୍ରମଣ ପଛରେ ମାସୁଦ ଆଝାର

### ଜୈଶ କମାଣ୍ଡରଙ୍କ ସ୍ୱୀକାରୋକ୍ତି

ନୂଆଦିଲ୍ଲୀ,୧୭।୯

ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦର ବରିଷ୍ଠ କମାଣ୍ଡର ମସୁଦ ଇଲିୟାସ୍ କଶ୍ମୀରୀ ବୁଧବାର ଏକ ଭିଡିଓ କରି ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନର ମିଛକୁ ପର୍ଦ୍ଦାଫାଶ କରିଛନ୍ତି। ସଂସଦ ଆକ୍ରମଣ ଏବଂ ୨୬/୧୧ ମୁମ୍ବାଇ ଆକ୍ରମଣ ପଛରେ ଜୈଶ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାର ଥିବାନେଇ ସେ ବୁଧବାର ସ୍ୱୀକାର କରିଛନ୍ତି। ପାକିସ୍ତାନର ବାଲାକୋଟ ଓ ବହାୱଲପୁରରେ ଜୈଶ-ଇ-ମହମ୍ମଦର ଆଡ୍ଡା ଥିବା ନେଇ ସେ ପ୍ରଘଟ କରିଛନ୍ତି। ପାକିସ୍ତାନ ନିଜ ମାଟିରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା କଥାକୁ ବାରମ୍ବାର ଅସ୍ୱୀକାର କରିଆସୁଥିବା ବେଳେ ଇଲିୟାସଙ୍କ ଉକ୍ତ ଭିଡିଓ ପାକିସ୍ତାନର ମିଛକୁ ପ୍ରଘଟ କରିଛି। ଇଲିୟାସ୍ କହିଛନ୍ତି, ଆଝାରଙ୍କ ମୁଖ୍ୟ ଠିକଣା ପାକିସ୍ତାନର ବାଲାକୋଟରେ ଥିଲା, ଯାହାକୁ ଟାର୍ଗେଟକରି ୨୦୧୯ରେ ଭାରତ ଏୟାର ଷ୍ଟ୍ରାଇକ୍ କରିଥିଲା। ଇଲିୟାସ୍‌ଙ୍କ ସୂଚନା ମୁତାବକ, ଦିଲ୍ଲୀର ତିହାର ଜେଲରୁ ମୁକୁଳିବା ପରେ ମାସୁଦ ପାକିସ୍ତାନ ଆସିଥିଲେ। ବାଲାକୋଟରେ ଆଶ୍ରୟ ମିଳିବା ପରେ ସେ ଭାରତ ବିରୋଧୀ ବିଭିନ୍ନ ଆତଙ୍କବାଦୀ ମିଶନରେ ଲାଗିପଡ଼ିଥିଲେ।

## ବନ୍ଧ୍ୟାତ୍ୱ ଯୋଗୁ ମହିଳାଙ୍କୁ ହତ୍ୟା


ସାରଳା

ଜୟପୁର, ୧୭।୯

ରାଜସ୍ଥାନର ଡିଗ୍ ଜିଲାର ଖୋହ ଥାନା କାର୍‌କା ଗ୍ରାମରେ ବନ୍ଧ୍ୟାତ୍ୱ ଯୋଗୁ ସାରଳା ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅଶୋକ ଓ ଶ୍ୱଶୁର ଘର ଲୋକେ ମିଶି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ସେମାନେ ଘର ମଧ୍ୟରେ ସାରଳାଙ୍କ ମୃତଦେହ ଜାଳି ଦେଇଥିଲେ। ଘରେ ଅଗ୍ନିକାଣ୍ଡ ଘଟି ସାରଳାଙ୍କ ଦେହରେ ନିଆଁ ଲାଗିଯାଇଥିବା ନେଇ ସେମାନେ ପଡ଼ୋଶୀଙ୍କୁ କହିଥିଲେ। ପଡ଼ୋଶୀଙ୍କୁ ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସାରଳାଙ୍କ ଶ୍ୱଶୁର ଘରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିଥିଲା। ଅଶୋକ ଓ ତାଙ୍କ ପରିବାର ସାରଳାଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ଭାଇ ବିକ୍ରାନ୍ତ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

## ଏଫ୍‌ବିଆଇ ବିଲ୍ଡିଂରେ ଧସେଇ ପଶିଲା କାର୍

### ଆମେରିକା ପତାକା ଫିଙ୍ଗି ଅଭିଯୁକ୍ତ ଫେରାର

ପିଟ୍ସବର୍ଗ, ୧୭।୯



ଆମେରିକାର ପିଟ୍ସବର୍ଗସ୍ଥିତ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେଶନ (ଏଫ୍‌ବିଆଇ) ଅଫିସ ଗେଟ୍‌କୁ ବୁଧବାର ଜଣେ ବ୍ୟକ୍ତି ନିଜ କାର୍‌ରେ ଜୋର୍‌ଦାର ଧକ୍କା ମାରିବା ସହ ବିଲ୍ଡିଂ ମଧ୍ୟକୁ ଧସେଇ ପଶିଥିଲେ। କାର୍‌ରୁ ଓହ୍ଲାଇବା ପରେ ସେ ଗାଡ଼ିର ପଛ ସିଟ୍‌ରୁ ଏକ ଆମେରିକା ପତାକା ବାହାର କରି ଭାଙ୍ଗିଯାଇଥିବା ଗେଟ୍ ଉପରେ ଫିଙ୍ଗି ଦେଇଥିଲେ। ଏହାପରେ ସେ ଚାଲିଚାଲି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଆକ୍ରମଣରେ ସିଧାସଳଖ ଭାବେ ଏଫ୍‌ବିଆଇକୁ ଟାର୍ଗେଟ କରାଯାଇଛି। ତେଣୁ ଏଫ୍‌ବିଆଇ ଉକ୍ତ ଘଟଣାକୁ ଆତଙ୍କବାଦୀ ଆକ୍ରମଣ ଭାବେ ବିବେଚନାକରି ତଦନ୍ତ ଚଳାଇଥିବା ନେଇ ପିଟ୍ସବର୍ଗସ୍ଥିତ ଏଫ୍‌ବିଆଇର ଆସିଷ୍ଟାଣ୍ଟ ସ୍ପେଶାଲ ଏଜେଣ୍ଟ କ୍ରିଷ୍ଟୋଫର ଜିଓର୍ଡାନୋ କହିଛନ୍ତି। ଉକ୍ତ କାର୍‌ରୁ କୌଣସି ବିସ୍ଫୋରକ ପଦାର୍ଥ ମିଳିନାହିଁ। ଫେରାର ଅଭିଯୁକ୍ତ ଜଣକ ଆମେରିକାର ପେନ୍‌ସିଲ୍‌ଭାନିଆର ପେନ୍ ହିଲ୍ସ ନିବାସୀ ଡୋନାଲ୍ଡ ହାସନ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଖୋଜିବା ପାଇଁ ପୋଲିସ ପ୍ରୟାସ ଚଳାଇଛି। ଏହି ଘଟଣାରେ କେହି ଆହତ ହୋଇ ନ ଥିବା କ୍ରିଷ୍ଟୋଫର କହିଛନ୍ତି।

## କର୍ମଚାରୀଙ୍କୁ ବାନ୍ଧି ବ୍ୟାଙ୍କରୁ ୨୧ କୋଟି ଲୁଟ୍

ବେଙ୍ଗାଲୁରୁ, ୧୭।୯

କର୍ଣ୍ଣାଟକର ବିଜୟପୁରା ଜିଲା ଚାଡ୍‌ଚନସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଶାଖାରେ ଏକ ଚାଞ୍ଚଲ୍ୟକର ଡକାୟତି ଘଟଣା ଘଟିଛି। ସଶସ୍ତ୍ର ଲୁଟେରାମାନେ ବ୍ୟାଙ୍କରେ ପଶି ସେଠାରେ ଉପସ୍ଥିତ ଥିବା କର୍ମଚାରୀ ଏବଂ ଗ୍ରାହକଙ୍କୁ ବାନ୍ଧି ବାଥ୍‌ରୁମ ମଧ୍ୟରେ ବନ୍ଦ କରିଦେଇଥିଲେ ଓ ବ୍ୟାଙ୍କରୁ ୧.୦୪ କୋଟି ଟଙ୍କା ମୂଲ୍ୟର ନଗଦ ଏବଂ ୨୦ କୋଟି ଟଙ୍କା ମୂଲ୍ୟର ୨୦ କେ.ଜି. ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ଘଟଣାପରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଗତ ୪ ମାସ ମଧ୍ୟରେ ବିଜୟପୁରା ଜିଲାରେ ଏହା ଦ୍ୱିତୀୟ ବଡ଼ ବ୍ୟାଙ୍କ ଲୁଟ୍ ଘଟଣା ହୋଇଥିବା ପୋଲିସ କହିଛି। ବ୍ୟାଙ୍କ ମ୍ୟାନେଜର ତାରକେଶ୍ୱରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଚିହ୍ନା ବ୍ୟକ୍ତି ମୁହଁରେ କୋଭିଡ ମାସ୍କ, ଧଳା ଟୋପି ଓ କଳା ଚଷମା ଲଗାଇ ଏକ କରେଣ୍ଟ ଆକାଉଣ୍ଟ ଓପନିଂ ଫର୍ମ ନେଇ ତାଙ୍କ ଚ୍ୟାମ୍ବର ମଧ୍ୟରେ ପ୍ରଥମେ ପଶିଥିବା ତାରକେଶ୍ୱର କହିଛନ୍ତି। ଏହି ସମୟରେ ସେ ହଠାତ୍ ପିସ୍ତଲ ଦେଖାଇ ତାଙ୍କୁ ବ୍ୟାଙ୍କରେ ଥିବା ନଗଦ ଟଙ୍କା ଦେବା ପାଇଁ ଧମକ ଦେଇଥିଲେ। ନ ହେଲେ ସେ ତାଙ୍କୁ ହତ୍ୟା କରିବେ ବୋଲି ଲୁଟେରା ଜଣକ କହିଥିଲେ। ଏହି ସମୟରେ ତାଙ୍କର ଆଉ କିଛି ସହଯୋଗୀ ପିସ୍ତଲ ଧରି ଏବଂ ମୁହଁରେ ମାସ୍କ ଲଗାଇ ବ୍ୟାଙ୍କ ମଧ୍ୟରେ ପଶିଥିଲେ। ସେମାନେ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ଗ୍ରାହକଙ୍କୁ ପ୍ଲାଷ୍ଟିକ ଦଉଡ଼ିରେ ବାନ୍ଧି ବାଥ୍‌ରୁମ ମଧ୍ୟରେ ବନ୍ଦ କରିଦେଇଥିଲେ। ବନ୍ଧୁକ ମୁନରେ ବ୍ୟାଙ୍କର ନଗଦ ଟଙ୍କା ଓ ସୁନା ଅଳଙ୍କାର ଥିବା ଲକର ଖୋଲିବାକୁ ଲୁଟେରାମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ଧମକ ଦେଇଥିଲେ। ଜୀବନ ବିକଳରେ ତାରକେଶ୍ୱର ବ୍ୟାଙ୍କର ଲକର ଖୋଲିଥିଲେ। ବ୍ୟାଙ୍କ ଲକରରେ ଥିବା ସୁନାର ୪୨୫ ପ୍ୟାକେଟ ମଧ୍ୟରୁ ଲୁଟେରାମାନେ ୩୯୮ ପ୍ୟାକେଟ ଲୁଟି ନେଇଥିବା ସେ କହିଛନ୍ତି। ଏହି ପ୍ୟାକେଟଗୁଡ଼ିକରେ ପ୍ରାୟ ୨୦ କେ.ଜି. ସୁନା ଅଳଙ୍କାର ରହିଥିଲା, ଯାହାର ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ। ସେହିପରି ଲୁଟେରାମାନେ ବ୍ୟାଙ୍କରୁ ୧.୦୪ କୋଟି ଟଙ୍କାର ନଗଦ ମଧ୍ୟ ଲୁଟି ନେଇଥିବା ପୋଲିସ ସୂଚନା ଦେଇଛି। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

### ଫୁରସତ୍

## ପାଣି ଭିତରେ ୨୯ ମିନିଟ୍ ନିଃଶ୍ୱାସ ରୋକି ବିଶ୍ୱ ରେକର୍ଡ

ଜାଗ୍‌ରେବ୍


ଭିଟୋମିର ମାରିଚିକ୍




କ୍ରୋଏସିଆର ଫ୍ରିଡାଇଭର ଭିଟୋମିର ମାରିଚିକ୍ ପାଣି ଭିତରେ ୨୯ ମିନିଟ୍ ୩ ସେକେଣ୍ଡ ପାଇଁ ନିଃଶ୍ୱାସ ବନ୍ଦକରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ପାଣି ଭିତରେ ସର୍ବାଧିକ ସମୟ ପାଇଁ ନିଃଶ୍ୱାସ ରୋକିବା (ପୁରୁଷ)ଶ୍ରେଣୀରେ ତାଙ୍କ ନାମ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନିତ ହୋଇଛି। ପୂର୍ବରୁ ଏହି ଶ୍ରେଣୀରେ ରହିଥିବା ବିଶ୍ୱ ରେକର୍ଡ ଅପେକ୍ଷା ମାରିଚିକ୍ ପ୍ରାୟ ୫ ମିନିଟ୍ ଅଧିକ ସମୟ ନିଜ ନିଃଶ୍ୱାସକୁ ବନ୍ଦ ରଖିଥିଲେ।

ଜଣେ ଫ୍ରିଡାଇଭର ଭାବେ ଡାୟଫ୍ରାଗ୍‌ମାଟିକ୍ ଶ୍ୱାସକ୍ରିୟା, କାର୍ଡିଓ ବ୍ୟାୟାମ ଏବଂ ଧ୍ୟାନ ଭଳି ସ୍ୱତନ୍ତ୍ର ଶାରୀରିକ ଏବଂ ମାନସିକ ପ୍ରଶିକ୍ଷଣ ନେଇଥିବାରୁ ସେ ଏହି ବିରଳ ସଫଳତା ପାଇଥିବା ମାରିଚିକ୍ କହିଛନ୍ତି। ୨୦ ମିନିଟ୍ ଧରି ନିଃଶ୍ୱାସ ରୋକିବା ପରେ ତାଙ୍କ ଶରୀର ଖରାପ ହେଉଥିବା ନେଇ ସେ ଅନୁଭବ କରିଥିଲେ। କିନ୍ତୁ ସେ ମାନସିକ ଭାବେ ହାର୍ ମାନି ନ ଥିଲେ ଏବଂ ତାଙ୍କୁ ଶେଷରେ ସଫଳତା ମିଳିଥିବା ମାରିଚିକ୍ କହିଛନ୍ତି।

ସାଧାରଣତଃ ଶରୀର ପାଇଁ ଦୀର୍ଘ ସମୟ ନିଃଶ୍ୱାସ ବନ୍ଦ ରଖିବା ସହଜ ନୁହେଁ। ଏପରି କଲେ ମଣିଷ ରକ୍ତରେ ଅମ୍ଳଜାନ ସ୍ତର ହ୍ରାସ ପାଇବା ସହ ଅଙ୍ଗାରକାମ୍ଳ ସ୍ତରରେ ବୃଦ୍ଧି ଘଟିଥାଏ। ତେଣୁ ପାଣି ମଧ୍ୟରେ ନିଃଶ୍ୱାସ ବନ୍ଦ ରଖିବା ଅନେକ ଥର ଘାତକ ସାବ୍ୟସ୍ତ ମଧ୍ୟ ହୋଇଥାଏ। ତେବେ ଫ୍ରିଡାଇଭରମାନଙ୍କୁ ଏ ଦିଗରେ ବିଶେଷ ତାଲିମ୍ ଦିଆଯାଇଥାଏ। ପାଣି ଭିତରେ ନିଜ ମାନସିକ ସ୍ଥିତିକୁ ସ୍ଥିର ରଖିବା ପାଇଁ ସେମାନେ ଧ୍ୟାନ ଉପରେ ମଧ୍ୟ ନିର୍ଭର କରିଥାନ୍ତି। ଚରମ ଏବଂ ବିପରୀତ ପରିସ୍ଥିତିରେ ଭୟ ଏବଂ ଚିନ୍ତାକୁ ନିୟନ୍ତ୍ରଣ କରିବା ସହ ମନକୁ ଶାନ୍ତ ରଖିବାରେ ଧ୍ୟାନ କରିବା ସେମାନଙ୍କୁ ସହାୟକ ହୋଇଥାଏ।

## 'ନିଜ ସର୍ତ୍ତରେ ବଞ୍ଚିବାକୁ ପସନ୍ଦ କରେ'

ମଲାଇକା ଆରୋରା



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା ପ୍ରାୟତଃ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ବୁଧବାର ଏକ ସାକ୍ଷାତ୍‌କାର ଦେଇ ମଲାଇକା କହିଛନ୍ତି, ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଅନ୍‌ଲାଇନ ଟ୍ରୋଲିଂ ଓ ସମାଲୋଚନାର ଶିକାର ହେବା ତାଙ୍କୁ ଜୀବନରେ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ସେ କହିଛନ୍ତି, ନିଜ କ୍ୟାରିୟର, ପୋଷାକ ଏବଂ ସମ୍ପର୍କକୁ ନେଇ ତାଙ୍କୁ ଅନେକବାର ଟ୍ରୋଲର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରଥମେ ଏ ସବୁକୁ ନେଇ ସେ ଚିନ୍ତିତ ରହୁଥିଲେ। କିନ୍ତୁ ଧୀରେ ଧୀରେ ସେ ଏ ସବୁରେ ଅଭ୍ୟସ୍ତ ହୋଇଯାଇଥିଲେ ଏବଂ ନିଜ ସର୍ତ୍ତରେ ବଞ୍ଚିବାକୁ ନିଷ୍ପତ୍ତି ନେଇଥିଲେ। ଫ୍ୟାଶନ୍, ଫିଟ୍‌ନେସ୍ ଏବଂ ବିଭିନ୍ନ ବ୍ୟକ୍ତିଗତ ନିଷ୍ପତ୍ତି ଆଦି କ୍ଷେତ୍ରରେ ସେ ନିଜ ସର୍ତ୍ତରେ ବଞ୍ଚିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତାଙ୍କୁ କରାଯାଉଥିବା ଟ୍ରୋଲିଂକୁ ସେ ନଜର ଅନ୍ଦାଜ୍ କରିବାକୁ ଲାଗିଥିଲେ। ନିଜ ପ୍ରତି ସଚ୍ଚୋଟ ରହିବା ଦ୍ୱାରା ପ୍ରକୃତ ଆତ୍ମବିଶ୍ୱାସ ଆସିଥାଏ ବୋଲି ମଲାଇକା କହିଛନ୍ତି। ୨୦୧୭ରେ ଅଭିନେତା ତଥା ଫିଲ୍ମ ନିର୍ମାତା ଅର୍‌ବାଜ ଖାନ୍‌ଙ୍କ ସହ ଛାଡ଼ପତ୍ର ହେବା ପରେ ଅଭିନେତା ଅର୍ଜୁନ କପୁରଙ୍କ ସହ ସମ୍ପର୍କକୁ ନେଇ ମଲାଇକା ଚର୍ଚ୍ଚାରେ ଥିଲେ। ବୟସ ପାର୍ଥକ୍ୟ ଯୋଗୁ ଏହି ସମ୍ପର୍କକୁ ନେଇ ମଲାଇକାଙ୍କୁ ଅନେକବାର ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡ଼ିଥିଲା।



ଏକାମ୍ର କଲେଜରେ ଆୟୋଜିତ ରାଜ୍ୟସ୍ତରୀୟ 'ମା'ପାଇଁ ଗଛଟିଏ ଅଭିଯାନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କୁ ଚାରା ବଣ୍ଟନ କରୁଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ବିଧାୟକ ବାବୁ ସିଂ ପ୍ରମୁଖ ବୁଧବାର ମାଷ୍ଟରକ୍ୟାଣ୍ଟିନ ନିକଟ ସିଟି ବସ୍‌ଷ୍ଟାଣ୍ଡଠାରେ ସଫେଇ କରୁଛନ୍ତି।

# ଆରମ୍ଭ ହେଲା ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

■ ମଧ୍ୟପ୍ରଦେଶରୁ ପ୍ରଧାନମନ୍ତ୍ରୀ କଲେ ଶୁଭାରମ୍ଭ

■ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ଶୁଭଦିନ: ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ଧାର୍‌ଠାରେ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନର ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ୍ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେବ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡ଼ିହୋଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହେଲ୍‌ଥ ସ୍କ୍ରିନିଂ ଷ୍ଟଲ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନକରି ବୁଲି ଦେଖିଥିଲେ।

କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ଶୁଭଦିନ। ଗତବର୍ଷ ଏହି ଦିବସରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ସାରା ଦେଶର ମହିଳାମାନଙ୍କ ପାଇଁ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ଆରମ୍ଭ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ଆର୍ଥିକ ସଶକ୍ତୀକରଣ ପର୍ଯ୍ୟନ୍ତ ନାରୀ ଜୀବନର ପ୍ରତ୍ୟେକ ଫେଜ୍‌ରେ ପ୍ରଧାନମନ୍ତ୍ରୀଙ୍କ ଯୋଜନା ସେମାନଙ୍କୁ ସହଯୋଗର ହାତ ବଢ଼ାଇଛି। ଉଜ୍ଜ୍ୱଳା ଯୋଜନା, କିଶୋରୀ ଶକ୍ତି ଯୋଜନା, ନୟୀ ରୋଶ୍‌ନି ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ପରି ଅନେକ ଯୋଜନା ମହିଳାଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଏହି ଅଭିଯାନ ଜରିଆରେ ମହିଳା ସ୍ୱାସ୍ଥ୍ୟ, ପୋଷଣ, ଉପଯୁକ୍ତ ଖାଦ୍ୟ ପାନୀୟ ସମ୍ପର୍କରେ ସଚେତନତା କ୍ୟାମ୍ପେନ କରାଯିବ। ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ। ଏହି ଅଭିଯାନ ମାଧ୍ୟମରେ ଉଚ୍ଚରକ୍ତ ଚାପ, ମଧୁମେହ, କର୍କଟ, ରକ୍ତହୀନତା, ଯକ୍ଷ୍ମା, ସିକଲସେଲ୍ ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗ ଗୁଡ଼ିକ ଚିହ୍ନଟକରିବା ପାଇଁ ସ୍କ୍ରିନିଂ କରାଯିବ ଏବଂ ଚିକିତ୍ସା ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ। ରାଜ୍ୟର ୩୦ ଜିଲାରୁ ୧.୫ କୋଟି ମା' ଓ ଭଉଣୀ ଏହି ଅଭିଯାନ ଜରିଆରେ ଉପକୃତ ହେବେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ହୋଇଛି। ଏହି ଅଭିଯାନରେ ବୁଧବାର ସାଢ଼େ ଗୋଟାଏ ସୁଦ୍ଧା ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ବିଭିନ୍ନ ଶିବିରରେ ସ୍କ୍ରିନିଂ କରାଯାଇ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା ଦ୍ୱାରା ନାରୀ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରର ସୂଚକାଙ୍କଗୁଡ଼ିକରେ ଆହୁରି ଉନ୍ନତି ଆସିବ ଏବଂ ସାରା ଦେଶରେ ସୁସ୍ଥ ସମାଜ ଗଠନ ଦିଗରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲ୍‌ଥ ସ୍କ୍ରିନିଂ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ଭାଜପା ପକ୍ଷରୁ 'ମା ପାଇଁ ଗଛଟିଏ ଅଭିଯାନ'ର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

■ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତକଲେ ମୁଖ୍ୟମନ୍ତ୍ରୀ

■ ଅକ୍ଟୋବର ୨ ଯାଏ ଦଳ ପାଳିବ ସେବାପକ୍ଷ

ପ୍ରଧାନମନ୍ତ୍ରୀଙ୍କ ସେବା ମନୋଭାବକୁ ପାଥେୟକରି ତାଙ୍କ ୭୫ତମ ଜନ୍ମଦିବସରେ ଭାଜପା ପକ୍ଷରୁ ଦେଶବ୍ୟାପୀ ବୁଧବାରଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବାପକ୍ଷ' ଭାବେ ପାଳନ କରାଯାଉଛି। ଏନେଇ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ରାଜ୍ୟ ଭାଜପା ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟ ଜାରି ରହିବ। ସେବାପକ୍ଷ ପାଳନ ଉପଲକ୍ଷେ ପ୍ରଥମ ଦିନରେ ସେବା ଦିବସ ଅବସରରେ ରାଜ୍ୟ କାର୍ଯ୍ୟାଳୟ ଠାରେ 'ମା'ପାଇଁ ଗଛଟିଏ ଅଭିଯାନ' ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସାରା ରାଜ୍ୟରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ଚାରାରୋପଣ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଜୀବନୀକୁ ନେଇ ଫଟୋଚିତ୍ର ପ୍ରଦର୍ଶନୀ, ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ସକାଳେ ଭୁବନେଶରସ୍ଥିତ ମାଷ୍ଟରକ୍ୟାଣ୍ଟିନ ନିକଟ ସିଟି ବସ୍‌ଷ୍ଟାଣ୍ଡଠାରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ



ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ପରେ ବୁଲି ଦେଖୁଛନ୍ତି।

ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଶତାଧିକ କାର୍ଯ୍ୟକର୍ତ୍ତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଜନପଥଠାରେ ଅନୁଷ୍ଠିତ 'ମା ପାଇଁ ଗଛଟିଏ ଅଭିଯାନ' ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଏହାପରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କ ଜୀବନ ଉପରେ ଆଧାରିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେବାପକ୍ଷ ପାଳନ ଅବସରରେ ଗୁରୁବାର ସବୁ ଜିଲା ଓ ୧୯ରୁ ୨୭ ପର୍ଯ୍ୟନ୍ତ ସମସ୍ତ ମଣ୍ଡଳସ୍ତରରେ ରକ୍ତଦାନ ଶିବିର ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ପର୍ଯ୍ୟାବରଣ ଉପରେ ଗୁରୁତ୍ୱ ଦିଆଯାଇ ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ମା' ପାଇଁ ଗଛଟିଏ ଅଭିଯାନ ବ୍ୟାପକ କରାଯିବ। ଏହି ଅବସରରେ ଦଳ ଏବଂ ବିଭିନ୍ନ ମୋର୍ଚ୍ଚା ଓ ପ୍ରକୋଷ୍ଠ ତରଫରୁ ଜିଲା ଏବଂ ମଣ୍ଡଳସ୍ତରରେ ସମସ୍ତ ମନ୍ଦିର, ଧାର୍ମିକ ସ୍ଥଳ, ଜଳାଶୟ, ପୁଷ୍କରିଣୀ ଏବଂ ପାର୍କ ଆଦି ସ୍ଥାନରେ ସଫେଇ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଜିଲାସ୍ତରରେ ଅନୁଷ୍ଠିତ ହେବ। ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପ୍ରଧାନମନ୍ତ୍ରୀଙ୍କ ଉପରେ ଚୟନିତ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୯ ଓ ୨୦ ତାରିଖରେ ଜିଲାସ୍ତରୀୟ ପ୍ରବୁଦ୍ଧ ବର୍ଗ ଖବର ଆଦି ଅନେକ କାର୍ଯ୍ୟକ୍ରମ ହେବ ବୋଲି ସେବାପକ୍ଷ ରାଜ୍ୟ ସଂଯୋଜକ ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

# ଚାରାରୋପଣରେ ରାଜ୍ୟ ରେକର୍ଡ କରିଛି: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୧୭।୯(ରବିନାରାୟଣ ଜେନା)

**ବିଭିନ୍ନ ବିଭାଗର ତତ୍ପରତା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ୭୫ ଲକ୍ଷ ଚାରାରୋପଣ ଅଭିଯାନ ସମ୍ପୂର୍ଣ୍ଣ ସଫଳ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ଆହ୍ୱାନକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରି ଓଡ଼ିଶାବାସୀ ଦେଢ଼କୋଟି ଚାରାରୋପଣ କରି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟ ପାଇଁ କେବଳ ଯେ ଜଙ୍ଗଲ ଓ ପରିବେଶ ବିଭାଗ ଗୁରୁତ୍ୱ ଦେଇଥିଲା ତାହା ନୁହେଁ, କୃଷି, ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ବଡ଼ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ମଧ୍ୟପ୍ରଦେଶ ସରକାର ଗୋଟିଏ ଦିନରେ ୧୧ ଲକ୍ଷ ଚାରା ରୋପଣ କରିଥିବାବେଳେ ଆସାମ ସରକାର ଗୋଟିଏ ଦିନରେ ୯ ଲକ୍ଷ ୨୬ ହଜାର ଚାରା ରୋପଣକରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଓଡ଼ିଶା କେଇ ଘଣ୍ଟା ଭିତରେ ୧.୫ କୋଟି ଚାରା ଲଗାଇ ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗି ଏକ ଅବିସ୍ମରଣୀୟ କୀର୍ତ୍ତି ସ୍ଥାପନ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୪୫ ଦିନ ଧରି ଅହରହ ସଂଘର୍ଷ କରିବାକୁ ପଡ଼ିଥିଲା। ସମସ୍ତ କାର୍ଯ୍ୟକୁ ତଦାରଖ କରିବା ଲାଗି ଏକ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିଲା। ସକାଳ ପ୍ରାୟ ୬ଟାରୁ ଚାରାରୋପଣ ଆରମ୍ଭ ହେବାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏନ୍‌ଆଇସି, ଓର୍‌ସାକ୍ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ବହୁ ଅଧିକାରୀ ସମନ୍ୱୟ ରକ୍ଷାକରି ତଥ୍ୟ ଅପ୍‌ଡେଟ୍ କରୁଥିଲେ। ଫଳରେ ପ୍ରତ୍ୟେକ ମୁହୂର୍ତ୍ତରେ ରାଜ୍ୟର କେଉଁ ସ୍ଥାନରେ କେତେ ଚାରାରୋପଣ ହୋଇଥିଲା ତାହାର ସଦ୍ୟତମ ତଥ୍ୟ ଜଣାପଡୁଥିଲା। ସେ କହିଛନ୍ତି, ଚାରାରୋପଣ ସଂଖ୍ୟାଦୃଷ୍ଟିରୁ ବିରଳ ରେକର୍ଡ ସୃଷ୍ଟି ହୋଇଛି, ଯାହାକି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ସହିତ ସମସ୍ତଙ୍କୁ ଗଛ ଲଗାଇବାକୁ ପ୍ରେରଣା ଯୋଗାଇବ ଏବଂ ପରିବେଶ ସୁସ୍ଥ ରହିବ।

ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଆରମ୍ଭ ହୋଇଥିବା 'ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନରେ ସାମିଲ ହୋଇ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଛି। ବିଭାଗୀୟ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ପ୍ରମୁଖ କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଛନ୍ତି।



ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅଧିକାରୀମାନେ ଚାରାରୋପଣ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି।



ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# 'ଅନ୍ୱେଷା': ୧୭ ଜିଲାକୁ ୫୦.୬୩ କୋଟି ମଞ୍ଜୁର

ଭୁବନେଶ୍ୱର,୧୭।୯(ରବିନାରାୟଣ ଜେନା)

**ଛାତ୍ରୀଛାତ୍ରଙ୍କୁ ଦିଆଯିବ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଖର୍ଚ୍ଚ**

ରାଜ୍ୟର ୧୭ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ 'ଅନ୍ୱେଷା' ଯୋଜନାରେ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ସରକାର ପ୍ରାୟ ୫୦.୬୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ବୁଧବାର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରୀଛାତ୍ରଙ୍କ ହିତକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏହାକୁ ନେଇ ଗତ ୬ ମାସର ସମସ୍ତ ଅର୍ଥ ମଙ୍ଗଳବାର ସରକାର ଅନୁମୋଦନ କରିଛନ୍ତି। ଏ ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ମହାଲେଖାକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ବିଭାଗ ପକ୍ଷରୁ ପତ୍ରରେ ଦର୍ଶାଯାଇଛି, ଛାତ୍ରୀଛାତ୍ରଙ୍କ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ବାବଦକୁ ୧୦ କୋଟି ୫ ଲକ୍ଷ ୧୧ ହଜାର ୪୦୦ ଏବଂ ସ୍କୁଲ୍ ଫି, ୟୁନିଫର୍ମ, ପୁସ୍ତକ ଓ ପାଠ୍ୟ ଉପକରଣ ଏବଂ ପରିବହନ ବାବଦରେ ୪୦ କୋଟି ୫୮ ଲକ୍ଷ ଟଙ୍କା ରହିଛି। ବିଭାଗର ତଥ୍ୟ ଅନୁଯାୟୀ, ୧୭ ଜିଲାର ୧୫ ହଜାର ୨୨୯ ଛାତ୍ରୀଛାତ୍ର ଗତ ୬ ମାସ ପାଇଁ ୧୦ କୋଟି ୫ ଲକ୍ଷ ୧୧ ହଜାର ୪୦୦ ଟଙ୍କା କେବଳ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ବାବଦକୁ ପାଇବେ। ସେଥିମଧ୍ୟରେ ଅନୁଗୋଳକୁ ୨୨.୯୦ ଲକ୍ଷ ପ୍ରଦାନ କରାଯାଇଥିବାବେଳେ ବରଗଡ଼କୁ ୩୬.୩୬ ଲକ୍ଷ ୬୦୦, ବଲାଙ୍ଗୀରକୁ ୬୩.୩୬ ଲକ୍ଷ, ଦେବଗଡ଼କୁ ୧୮ ଲକ୍ଷ ୧ ହଜାର ୮୦୦, ଗଜପତିକୁ ୪୧ ଲକ୍ଷ ୩୮ ହଜାର ୨୦୦, ଗଞ୍ଜାମକୁ ୪୦ ଲକ୍ଷ ୨୬ ହଜାର, କଳାହାଣ୍ଡିକୁ ୬୧ ଲକ୍ଷ ୧୧ ହଜାର ୬୦୦, ଫୁଲବାଣୀକୁ ୬୪ ଲକ୍ଷ ୪୧ ହଜାର ୬୦୦, କେନ୍ଦୁଝରକୁ ୬୩ ଲକ୍ଷ ୪୯ ହଜାର ୨୦୦, କୋରାପୁଟକୁ ୬୩ ଲକ୍ଷ ୬୨ ହଜାର ୪୦୦, ମାଲକାନଗିରିକୁ ୪୩ ଲକ୍ଷ ୩ ହଜାର ୨୦୦, ମୟୂରଭଞ୍ଜକୁ ୧ କୋଟି ୧୪ ଲକ୍ଷ ୩୧ ହଜାର ୨୦୦, ନବରଙ୍ଗପୁରକୁ ୬୯ ଲକ୍ଷ ୪୩ ହଜାର ୨୦୦, ନୂଆପଡ଼ାକୁ ୬୦ ଲକ୍ଷ ୯୧ ହଜାର ୮୦୦, ରାୟଗଡ଼ାକୁ ୯୦ ଲକ୍ଷ ୬୧ ହଜାର ୮୦୦, ସମ୍ବଲପୁରକୁ ୫୪ ଲକ୍ଷ ୪୫ ହଜାର ଏବଂ ସୁନ୍ଦରଗଡ଼ ଜିଲାକୁ ୯୭ ଲକ୍ଷ ୪୧ ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଛି।

ଅନୁରୂପ ଭାବେ ୧୭ ଜିଲାରେ ଅନ୍ୱେଷା ଯୋଜନାରେ ୨୦ ହଜାର ୬୦୦ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଫି, ୟୁନିଫର୍ମ, ପାଠ୍ୟ ଉପକରଣ, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୪୦ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଗତ ୬ମାସ ଧରି ଅନ୍ୱେଷା ଯୋଜନାରେ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇ ନ ଥିବାରୁ ଏହାକୁ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏ ନେଇ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଥିବାବେଳେ ବିଜେଡି ମଧ୍ୟ ସମାନ ଅଭିଯୋଗ ଉଠାଇଥିଲା।

# ଅକ୍ଟୋବର ୨ ଯାଏ ଜିଲାରୁ ମଣ୍ଡଳ ପର୍ଯ୍ୟନ୍ତ ଚାଲିବ ବ୍ୟାପକ ଚାରାରୋପଣ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ବିଶ୍ୱରେ ପ୍ରକୃତି ଓ ପରିବେଶର ସୁରକ୍ଷା ଲାଗି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ମୋଦିଙ୍କ ୭୫ତମ ଜନ୍ମଦିନକୁ ବୁଧବାର ଉଭୟ ସରକାରୀ ଏବଂ ଦଳୀୟ ସ୍ତରରେ ପାଳନ କରାଯାଇଛି। ଅକ୍ଟୋବର ୨ ପର୍ଯ୍ୟନ୍ତ ୧୫ ଦିନବ୍ୟାପୀ ଭାଜପା ପକ୍ଷରୁ ସେବାପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟରେ ମା' ପାଇଁ ଗଛଟିଏ ଅଭିଯାନକୁ ବ୍ୟାପକ କରାଯାଇଛି। ଭୁବନେଶ୍ୱର ଜିଲା ଜଗନ୍ନାଥପୁର, କୋରଡ଼କଣ୍ଟା, କେଶୁରା ଆଦି ଗ୍ରାମରେ ଚାରାରୋପଣ କରାଯାଇଛି। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଯୋଗଦେଇ କହିଛନ୍ତି, ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ। ମା' ପାଇଁ ଗଛଟିଏ ଅଭିଯାନକୁ ସଫଳ କରିବା ପାଇଁ ଘରେ ଘରେ ଚାରାରୋପଣ କରିବାକୁ ସେ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଗୁରୁବାର ଠାରୁ ଜିଲାରୁ ଆରମ୍ଭ କରି ମଣ୍ଡଳ ଯାଏଁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ବ୍ୟାପକ ଚାରାରୋପଣ କରାଯିବ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଦିବଙ୍ଗତ ଅନ୍ନପୂର୍ଣ୍ଣା ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଓ ଗୀତିକବିତା ପାଠୋତ୍ସବ'କବି ଓ କବିତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସକାଳ: ୯ଟା ୩୦।
- ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା, ସ୍ଥାନ: ମିରା ପୟର, ଶ୍ରୀଅରବିନ୍ଦ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ସିପିଆଇଏମ୍ ନେତା କମ୍ରେଡ ପ୍ରକାଶ କାରତଙ୍କ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରାଥମିକ ଶିକ୍ଷକ ଲେବଲ୍ ଭି (ଏ) ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା।
- କଳାସୌରଭ ପକ୍ଷରୁ ରାଗରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଗଡ଼ଜାତ ଗାନ୍ଧି ବିପ୍ଳବୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ସତୀଚଉରା ଶ୍ମଶାନସ୍ଥିତ ସମାଧିପୀଠ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## ପୁରୀ
- ବଡ଼ଦାଣ୍ଡ ଉଠାଦୋକାନୀ ସଂଘ ପକ୍ଷରୁ ଶାନ୍ତି ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଦଶମ ଆୟୁର୍ବେଦ ଦିବସ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଜଟଣୀ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ବାଲେଶ୍ୱର
- ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଡାଇବେଟିସ୍ ମ୍ୟାନେଜମେଣ୍ଟ ସେଣ୍ଟର ଓ ଡାଏଗ୍ନୋଷ୍ଟିକ୍ ଲାବୋରଟୋରୀ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ମାଳଦା ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: ପୁରୁଣାବଜାର ବୁଢ଼ାଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମା' ତାରିଣୀ ମହୋତ୍ସବ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଆଇଆଇସି ବିଲଡିଂ ସାର୍ତ୍ତାଗୁଡା, ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ମହାବୀରସାହି, କୁଆଁରିଆ ଓ ନେଳିଗୁଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ନାରାୟଣୀଙ୍କ ଷୋଡଶ ପୂଜାର ପଞ୍ଚମ ଦିବସ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୨ୟ ଦିବସ, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ବିମଳାଙ୍କ ଷୋଡଶ ପୂଜାର ପଞ୍ଚମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ସ୍ଥାନ: ମେଡିକାଲ ପରିସର, ଗୁଡାରି, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଶ୍ରୀ ଅରବିନ୍ଦଙ୍କ ଦେହାନ୍ତ ପବିତ୍ର ପ୍ରତିଷ୍ଠା ଦିବସ, ସ୍ଥାନ: ଦଶହରାପଦା, ସମୟ : ପୂର୍ବାହ୍ନ ୬ଟା ୩୦

## କୋରାପୁଟ
- ମା ପାଟଦେଇ ମକା ମିଶନର ଦୁଇ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି
- ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ଏମ୍.ଭି. ୧୮ ଗ୍ରାମ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସଫେଇ ସୁରକ୍ଷା ମିତ୍ର ଓ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ, ସ୍ଥାନ : ଡିଆର୍‌ଏମ କାର୍ଯ୍ୟାଳୟ, ସମୟ : ସକାଳ ୯ଟା ୩୦।
- ସମ୍ବଲପୁରୀ ରାବଣ ବଦ୍ଧର କଳାକାର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ମାରୱାଡି ଯୁବାମଞ୍ଚ ପକ୍ଷରୁ ଅଗ୍ରସେନ ଜୟନ୍ତି ପ୍ରସ୍ତୁତି ବୈଠକ, ସ୍ଥାନ : କ୍ଷେତରାଜପୁର ପଞ୍ଚାୟତି ଧର୍ମଶାଳା, ସମୟ : ଅପରାହ୍ନ ୪ଟା।

## ରାଉରକେଲା
- ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ, ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା
- ଆଦର୍ଶ ପାଠାଗାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସୋଲେସ୍, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ରକ୍ତଦାନ ଶିବିର, ସ୍ଥାନ: ତାଲମେଣ୍ଡା, ଭେଡେନ,ସମୟ: ସକାଳ ୯ଟା।
- ପ୍ରଶିକ୍ଷଣ ଶିବିର-'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସଂଯୁକ୍ତ କୃଷକ ସଂଗଠନର ନୂଆଖାଇ ଭେଟ ସମାରୋହ,ସ୍ଥାନ:ନୃସିଂହନାଥ ରାମଚଣ୍ଡୀ ମନ୍ଦିର ପରିସର, ପାଇକମାଳ,ସମୟ:ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି
- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏ ଜନଶୁଣାଣି ଶିବିର, ସ୍ଥାନ: ରାଜୀବ ଗାନ୍ଧୀ ସେବା ଭବନ କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ନବ ସାକ୍ଷରତା ଅଭିଯାନ ସମ୍ପର୍କୀୟ ବ୍ଲକସ୍ତରୀୟ ବୈଠକ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ନାରୀ ଶକ୍ତି ପରିବାର ଅଭିଯାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବିଶ୍ୱକର୍ମା ପୂଜା ଅବସରରେ ବୀରମହାରାଜପୁର ଗାଡ଼ି ଚାଳକ ସଂଘ ପକ୍ଷରୁ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ : ଦୋଳମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ରାଜମିସ୍ତ୍ରି ସଂଘ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ, ସ୍ଥାନ: ସାପ୍ତାହିକ ବଜାର ପଡିଆ ତରବୋଡ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗିରହିବାରୁ କାର୍ଯ୍ୟହାସଲ ସକାଶେ ବିବ୍ରତ ହେବେ। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଆନୁଷ୍ଠାନିକ କାମରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ନିର୍ଦ୍ଦିଷ୍ଟ କାମ ସକାଶେ ଉଦ୍ଦିଷ୍ଟ ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**ବୃଷ** — ଅର୍ଥାଭାବ ନ ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅନ୍ୟ ଉପରେ ବିରକ୍ତି ପ୍ରକାଶ କରି କଳହକୁ ନିମନ୍ତ୍ରଣ କରିପାରନ୍ତି। ସରକାରୀ ସ୍ତରରେ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଆଜିର ବ୍ୟବସାୟ ଓ ପରିବହନରେ ସାଧାରଣ କଥାକୁ କେନ୍ଦ୍ରକରି ଝଗଡ଼ାର ଆଶଙ୍କା ରହିଛି।

**ମିଥୁନ** — ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ଆଶା ରହିଛି। ସାମାନ୍ୟ କଥାକୁ କେନ୍ଦ୍ରକରି ପରିବାର ଭିତରେ ତର୍କବିତର୍କ ବୃଦ୍ଧି ହେତୁ ଚିନ୍ତା କରି ପାରନ୍ତି। ସାହିତ୍ୟ, ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କରିବା ସାଙ୍ଗକୁ ନିଜର ରୋଜଗାର ପ୍ରତି ଧ୍ୟାନ ଦେଇପାରନ୍ତି।

**କର୍କଟ** — କର୍ମକ୍ଷେତ୍ରରେ ବିଶେଷ ପରିଶ୍ରମ କାରଣରୁ ଟେନସନ୍ ଲାଗିରହିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ପାରସ୍ପରିକ କଥାର ତାଳମେଳ ଅଭାବରୁ ବିତର୍କର ଆଶଙ୍କା ରହିଛି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** — ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଅଟକି ଯାଉଥିବା କାମକୁ ସମ୍ପନ୍ନ କରିବାରେ ସହାୟକ ହେବ। କର୍ମକ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସହାୟକ ହେବ। କିନ୍ତୁ ସଭାସମିତିରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା** — କର୍ମକ୍ଷେତ୍ରରୁ ଶତ୍ରୁଙ୍କ ପ୍ରାୟୋଜିତ କୌଣସି ଗୁଜବ ମନକୁ ଚହଲାଇ ଦେବ। ସାମାଜିକ ସ୍ତରରେ ଆତ୍ମୀୟଙ୍କ ଅସହଯୋଗ ଓ ଅସମ୍ମାନ ପାଇଁ ଦୁଃଖିତ ହେବେ। ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ , ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** — କର୍ମକ୍ଷେତ୍ରରେ ଅସଜଡା ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ସମର୍ଥ ହେବେ। ତୀର୍ଥାଟନ ଯାତ୍ରା କାଳରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତ ହୋଇପାରନ୍ତି।

**ବିଛା** — ମନରେ ଯାହା ପାଇବାକୁ ଆଶାବାନ୍ଧି ବସିଛନ୍ତି ଆଜି ତାହା ପାଇବା ସମ୍ଭାବନା ରହିଛି। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଉତ୍ତମ। ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ର କରି କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତିରେ ଟେନସନ୍ ବଢିପାରେ।

**ଧନୁ** — ଆଜିର କର୍ମକ୍ଷେତ୍ରରେ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ବନ୍ଧୁଙ୍କ ସହାୟତାରେ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ସଭାସମିତିରେ ଆଲୋଚନା କାଳରେ ଅପ୍ରିୟ ସତ୍ୟ ପ୍ରକାଶ କରିବା ଠିକ୍ ହେବ ନାହିଁ।

**ମକର** — ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମନକୁ ବୁଝାଇ ଚଳିବା ହେତୁ ମାନସିକ ଦୁଶ୍ଚିନ୍ତା ଦୂରହେବ। ପରିବାରର ଅର୍ଥସଂକଟ ଦୂରେଇବାକୁ ଧାର କରଜ କରିବାକୁ ବାଧ୍ୟ ହେବେ। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ମୁଖ୍ୟଭୂମିକା ଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** — ପରିବାରର ଆବଶ୍ୟକତାକୁ ନେଇ ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। ଆଲୋଚନା କାଳରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହେବେ। ବିଶେଷ ଭ୍ରମଣଜନିତ ପୁରାତନ ରୋଗପୀଡ଼ାରୁ କଷ୍ଟ ପାଇପାରନ୍ତି।

**ମୀନ** — କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶର ଗମ୍ଭୀରତାକୁ ଅନୁଭବ କରି ବ୍ୟଥିତ ହେବେ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବେ। ବ୍ୟବସାୟରୁ ପାଇଥିବା ଲାଭ ଟଙ୍କାକୁ ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି ସେପ୍ଟେମ୍ବର ୧୮ ତାରିଖ, ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଗୁରୁବାର, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୮ ଗତେ ଘ.୦୭.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୧ ଗତେ ଘ.୦୨.୪୧ ମଧ୍ୟେ ରାହୁ କାଳ ।

# ଅନୁଗୋଳ ବିଧାୟକ ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

**ଅନୁଗୋଳ, ୧୭।୯ (ମାନସ ବିଶ୍ୱାଳ)**

ଅନୁଗୋଳ ବିଧାୟକ ତଥା ଭାଜପାର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ବୁଧବାର ଅସୁସ୍ଥ ହୋଇପଡ଼ିଛନ୍ତି। ପୂର୍ବାହ୍ନରେ ସେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ସେ ବିପଦମୁକ୍ତ ବୋଲି ଜଣାପଡ଼ିଥିବା ବେଳେ ଦଳୀୟ କର୍ମୀ ଏବଂ ଶୁଭେଚ୍ଛୁମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଗିଖିଆଙ୍କ ଚାତର ବଡ଼**
**ବାଲିଙ୍ଗି କାଢ଼ନ୍ତି ସାତ ଶଗଡ଼।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି। ତେବେ ୟା' ଆଗରେ ତା' ଆଗରେ ହାତପତେଇ ଚଳୁଥିବା ବ୍ୟକ୍ତି ମୁହଁରେ ଏପରି ବଡ଼ଲୋକି ଆଦୌ ଶୋଭା ପାଇ ନ ଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପୌଢ଼ି ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମସଲାଦିଆ ପାନକେ ଭାଙ୍ଗିଛି**
**ଗୋରୀ ହାତ ପାନ ନୁହେଁରେ**
**ଗୋରୀ ହାତ ପାନ ଖଣ୍ଡିଏ ଖାଇଲେ**
**ଚମକି ଉଠଇ ଦିହରେ।**

ଯାହା ସହ ଯାହାର ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ। ଶୟନେ ସପନେ ଜାଗରଣେ କେବଳ ତା'ମୁହଁ ଦେଖାଯିବା ସହ ତା' କଥା ଦିନରାତି ଭାବି ହେଉଥାଏ। ପ୍ରେମିକା ସ୍ମୃତିରେ ଅଧୀର ହୋଇ ପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସଫଳ: ରାଜ୍ୟରେ ...

ଯୋଜନାର ଶୁଭାରମ୍ଭ କରିଥିଲେ। ସୁଭଦ୍ରା ଯୋଜନା ଓଡ଼ିଶାର କୋଟିଏ ମା'ଙ୍କ ପାଇଁ ଆର୍ଥିକ ସଶକ୍ତୀକରଣର ଏକ ପ୍ରମୁଖ ଅସ୍ତ୍ର ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ମଧ୍ୟ ପ୍ରଧାନମନ୍ତ୍ରୀ ମା'ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏକ ବୈପ୍ଳବିକ ଅଭିଯାନ ଆରମ୍ଭ କରିଛନ୍ତି- ସୁସ୍ଥ ନାରୀ, ସଶକ୍ତ ପରିବାର। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଜନ୍ମଦାତ୍ରୀ ମା' ଓ ଧରିତ୍ରୀ ମାତାର ସୁରକ୍ଷା ପାଇଁ ଏକ ସଂକଳ୍ପର ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଗତବର୍ଷ ଆରମ୍ଭ ହୋଇଥିବା 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ୬.୭୨ କୋଟି ଗଛ ଲଗାଯାଇ ସାରା ଦେଶରେ ଓଡ଼ିଶା ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ଗଛ ଲଗାଇବା ପାଇଁ ନିଷ୍ପତ୍ତି କରାଯାଇଛି। ସନ୍ଧ୍ୟା ସୁଦ୍ଧା ପ୍ରାୟ ଦେଢ଼କୋଟି ଚାରା ଲଗାଯାଇସାରିଛି।

ବୁଧବାର ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରୀଛାତ୍ର, ୧ ହଜାର କଲେଜର ୧ ଲକ୍ଷ ଛାତ୍ରୀଛାତ୍ର ଅତି ଉତ୍ସାହର ସହ ଚାରା ରୋପଣରେ ସାମିଲ ହୋଇଛନ୍ତି। ଏହାସହିତ ୨ ଲକ୍ଷ ଶିକ୍ଷୟିତ୍ରୀଶିକ୍ଷକ, ୭୬ ହଜାର ଅଙ୍ଗନୱାଡି କର୍ମୀ, ୧୭ ହଜାର ୫୦୦ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ସଭ୍ୟାସଭ୍ୟ, ୧୭ ହଜାର ଆଶାକର୍ମୀ, ୧୬ ହଜାର ୫୦୦ ମାଇଁ ଭାରତ ସ୍ୱେଚ୍ଛାସେବୀ ଓ ୧୦ ହଜାର ଇକୋ-କ୍ଲବ ଯୋଗଦେଇଛନ୍ତି। ସମସ୍ତଙ୍କୁ ଚାରା ଲଗାଇ ସେଲ୍ଫି ଉଠାଇବା ସହିତ 'ମେରି ଲାଇଫ୍' ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିବା ସହିତ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଫଟୋ ପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦେଶପ୍ରେମ ଓ ଦେଶସେବା ସବୁଠାରୁ ନିଆରା। ପ୍ରଧାନମନ୍ତ୍ରୀଙ୍କ ଯୋଜନାଗୁଡ଼ିକ କିପରି ଦେଶର ବିଭିନ୍ନ କ୍ଷେତ୍ରରେ କାୟାକଳ୍ପ ଆଣିପାରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ ଓ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଆଇଆର୍: ଅର୍ଦ୍ଧାଧିକ ...

ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିସାରିଛନ୍ତି। କୌଣସି ଯୋଗ୍ୟ ନାଗରିକ ଯେପରି ବାଦ୍ ନ ପଡ଼ନ୍ତି ତାହା ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ଗୁରୁତ୍ୱ ଦେଇ ସିଇଓମାନେ କାର୍ଯ୍ୟ କରୁଥିବା କୁହାଯାଉଛି।
ଇତିମଧ୍ୟରେ ଇସି ଇଭିଏମ୍ ବାଲଟ୍ ପେପରର ଡିଜାଇନିଂ ଓ ପ୍ରିଣ୍ଟିଂ ସମ୍ପର୍କିତ ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ତଦନୁସାରେ ଏହା ଅଧିକ ପଠନଯୋଗ୍ୟ ଓ ଭୋଟର-ଅନୁକୂଳ ହେବ। ଏଥିରେ ପ୍ରାର୍ଥୀମାନଙ୍କ ରଙ୍ଗିନ ଫଟୋ ସହ ସେମାନଙ୍କ ନାମ ବଡ଼ ଅକ୍ଷରରେ ଉଲ୍ଲେଖ ରହିବ, ଯାହାକୁ ଦେଖି ମତଦାତାମାନେ ସହଜରେ ସେମାନଙ୍କୁ ଜାଣିପାରିବେ ଏବଂ ନିଜ ପସନ୍ଦ ଅନୁସାରେ ଭୋଟ ଦେଇପାରିବେ। ପ୍ରାର୍ଥୀଙ୍କ ନାମ ସହ ନନ୍ ଅଫ୍ ଦି ଏବଭ୍ (ନୋଟା)ର ଅକ୍ଷର ଆକୃତି ୩୦ ସାଇଜ୍‌ରେ ରହିବ ଏବଂ ସ୍ପଷ୍ଟତା ପାଇଁ ତାକୁ ବୋଲ୍ଡ କରାଯିବ। ଏଥିପାଇଁ ବ୍ୟବହୃତ କାଗଜ ମଧ୍ୟ ପୂର୍ବାପେକ୍ଷା ମୋଟା ରହିବ। ବିଧାନସଭା ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଭାବେ ପିଙ୍କ୍ କଲର ପେପର ବ୍ୟବହାର କରାଯିବ। ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରୁ ଏହା ଲାଗୁ ହେବ ବୋଲି ଇସି ସୂଚନା ଦେଇଛନ୍ତି। ଭାରତର ନିର୍ବାଚନ କମିଶନ କଣ୍ଡକ୍ଟ ଅଫ୍ ଇଲେକ୍ସନ ରୁଲ୍ସ, ୧୯୬୧ର ରୁଲ୍ ୪୯ବିରେ ସଂଶୋଧନ ଆଣି ପ୍ରଚଳିତ ଗାଇଡ୍‌ଲାଇନ୍‌ରେ ଏପରି ପରିବର୍ତ୍ତନ କରିଥିବା ଦର୍ଶାଇଛନ୍ତି।

### ଡିଜେ ଗାଡ଼ି ଉପରେ ...

ଓ ଚିକ୍‌ମିକ୍ ଆଲୋକ ଦ୍ୱାରା ରାସ୍ତାରେ ଯାତାୟାତ କରୁଥିବା ଅନ୍ୟ ଗାଡ଼ିଗୁଡିକ ଅସୁବିଧାର ସମ୍ମୁଖୀନ ହେବା ସହ ବେଆଇନ ଉଚ୍ଚତା ଯୋଗୁ ଶର୍ଟସର୍କିଟ ଓ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଭଳି ଅଘଟଣର ତଥ୍ୟ ବିଭାଗ ଦୃଷ୍ଟିକୁ ଆସିଛି। ଏହି ତଥାକଥିତ ଡିଜେ ଭ୍ୟାନର ବ୍ୟବହାର ବହୁଳ ଭାବେ ହେଉଛି। ତେଣୁ ଆଇନରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଯାଞ୍ଚ ଏବଂ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗାମୀ ପାର୍ବଣ ଋତୁରେ ଏଭଳି ବେଆଇନ ଯାନକୁ ବ୍ୟବହାର ନ କରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି। ଏଥିପାଇଁ ପୋଲିସ ବିଭାଗର ମଧ୍ୟ ସହଯୋଗ ଲୋଡ଼ାଯାଇଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଅସୁରକ୍ଷିତ ଡିଜେ ଗାଡ଼ିକୁ ରୋକିବା ଆବଶ୍ୟକ ହୋଇପଡ଼ିଛି। ବିଭାଗ ପକ୍ଷରୁ ଏହି ଅଭିଯାନକୁ ଅଧିକ ପ୍ରଭାବୀ କରିବାକୁ ରାତି ତଥା ଉତ୍ସବ ଆଦି ସମୟରେ ବିଶେଷ ଧ୍ୟାନ ରଖାଯିବ। ସାମୂହିକ ସୁରକ୍ଷା ସୁନିଶ୍ଚିତ କରିବାକୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଚାଲାଣ କଟାଯିବ ଓ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହ ଗାଡ଼ି ମାଲିକ ତଥା ଅପରେଟରମାନଙ୍କୁ ଆଇନ ଓ ସୁରକ୍ଷା ମାନଦଣ୍ଡ ବିଷୟରେ ସଚେତନ କରିବା ପାଇଁ ବିଭାଗ ଦ୍ୱାରା ସଚେତନତା ଅଭିଯାନ ଆରମ୍ଭ କରାଯିବ। ଲୋକମାନେ ଯେଉଁ ଯାନକୁ ଭଡ଼ାରେ ନେଉଛନ୍ତି ବା ବ୍ୟବହାର କରୁଛନ୍ତି, ସେହି ଗାଡ଼ି ପଞ୍ଜୀକୃତ ଅଛି କି ନାହିଁ, ଏହା ସୁରକ୍ଷା ମାନଦଣ୍ଡକୁ ପାଳନ କରୁଛି କି ନାହିଁ ସେଥିପ୍ରତି ମଧ୍ୟ ଯତ୍ନବାନ ହେବାକୁ ଅନୁରୋଧ କରାଯାଇଛି।

### ସରକାରୀ ବସ୍‌ରେ ...

ମାଗଣା ବସ୍ ଯାତ୍ରାର ସୁବିଧା କରିଛନ୍ତି। ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ମାଗଣାରେ ସ୍କୁଲ ଯାଇପାରିବେ ବୋଲି ସୂଚନା ଦିଆଯାଇଛି। ସମସ୍ତ ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲାରେ ଥିବା ବିଦ୍ୟାଳୟ ସମ୍ବନ୍ଧୀୟ ତଥ୍ୟ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଜିଲା ପ୍ରବନ୍ଧକଙ୍କୁ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓଏସ୍‌ଆର୍‌ଟିସିର ବର୍ତ୍ତମାନର ବସ୍ ରୁଟ୍ ଓ ସମୟସୂଚୀକୁ ପୁନଃ ଆଲୋଚନା କରାଯାଇ ଯେପରି ବସ୍‌ଗୁଡିକ ଅଧିକାଂଶ ସ୍କୁଲ ରାସ୍ତା ଦେଇ ଯାତାୟାତ କରିବ, ସେଥିପ୍ରତି ଧ୍ୟାନ ଦେବା ପାଇଁ ବିଭାଗ ପକ୍ଷରୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ଅନୁରୋଧ କରାଯାଇଛି। ଏବାବଦରେ ଓଏସ୍‌ଆର୍‌ଟିସି ହରାଉଥିବା ଆୟକୁ ବଜେଟ ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସୂଚନାନୁସାରେ, ଗତ ଅଗଷ୍ଟ ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ର ନିଃଶୁଳ୍କ ବସ୍‌ରେ ଯାତ୍ରା କରିବା ନେଇ ଆଲୋଚନା ହୋଇଥିଲା। ସମସ୍ତ ସ୍କୁଲର ଛାତ୍ରୀଛାତ୍ର ନିଜ ସ୍କୁଲର ବୈଧ ପରିଚୟ ପତ୍ର ଦେଖାଇ କିମ୍ବା ସ୍କୁଲ ପୋଷାକ ପିନ୍ଧିଥିଲେ ବସ୍‌ରେ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହ ଉକ୍ତ ପ୍ରସ୍ତାବକୁ ବୈଠକରେ ରାଜ୍ୟ ସରକାର ଅନୁମୋଦନ ଦେଇଥିଲେ।

### କେନ୍ଦ୍ରକୁ ଜବାବ...

ନେଟ୍‌ୱର୍କର ଉପସ୍ଥିତିକୁ ଏହା ସ୍ପଷ୍ଟ କରୁଛି। ଏପରି କି ବିଜ୍ଞପିତ ବ୍ୟାଘ୍ର ସଂରକ୍ଷଣ ନିକଟବର୍ତ୍ତୀ ଅଞ୍ଚଳରେ ଅଣସୁରକ୍ଷିତ ଜଙ୍ଗଲ ରହିଥିବାରୁ ଶିକାରୀମାନେ ସେଠାକୁ ଆସୁଥିବା ବାଘଙ୍କୁ ବାରମ୍ବାର ଟାର୍ଗେଟ କରୁଥିବା ନଜରକୁ ଆସୁଛି। କୋର୍ଟ ଏଥିରେ ହସ୍ତକ୍ଷେପ କରି ଏକ ବିସ୍ତୃତ, ନିରପେକ୍ଷ ଓ ସମନ୍ୱିତ ତଦନ୍ତ ପାଇଁ ନିର୍ଦ୍ଦେଶ ନ ଦେଲେ ଦେଶର ପରିବେଶଗତ ସୁରକ୍ଷା ବିପନ୍ନ ହେବ। ଜାତୀୟ ପ୍ରାଣୀ ବାଘର ଅସ୍ତିତ୍ୱ ପ୍ରତି ମଧ୍ୟ ବିପଦ ବଢ଼ିଯିବ। ତେଣୁ ଏହାର ସିବିଆଇ ତଦନ୍ତ ଜରୁରୀ ବୋଲି ପିଆଇଏଲ୍‌ରେ ଉଲ୍ଲେଖ କରାଯାଇଛି। ଉକ୍ତ ପିଟିଶନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, କାର୍ମିକ ଓ ତାଲିମ ବିଭାଗ, ସିବିଆଇ ଏବଂ ଏନ୍‌ଟିସିଏକୁ ପକ୍ଷଭୁକ୍ତ କରାଯାଇଛି।

### ଟଙ୍କା ପାଇଁ ମହିଳା ...

ସହ କମିଶନରେଟ୍ ପୋଲିସ ମୁଖ୍ୟାଳୟର ଆକାଉଣ୍ଟ ସେକ୍ସନରେ କାମ କରୁଥିବା କନ୍‌ଷ୍ଟେବଲ ଦୀପକଙ୍କୁ ଜେରା କରିବା ପରେ ସେ ଗୋଟି ଗୋଟି କରି ସତ ମାନିଛନ୍ତି। କମିଶନରେଟ ପୋଲିସର ଏକ ଟିମ୍ ବୁଧବାର ଦୀପକଙ୍କୁ କେନ୍ଦୁଝର ଘଟଗାଁ ନିକଟ ଜଙ୍ଗଲକୁ ନେଇ ମାଟିଖୋଳି ଶୁଭମିତ୍ରାଙ୍କ ମୃତଦେହ ଜବତ କରିଛି। ଯାଜପୁର ଜିଲା ଟମ୍‌କା ଥାନା ଅନ୍ତର୍ଗତ ବାଙ୍ଗରପଟା ଗ୍ରାମରେ ଦୀପକଙ୍କ ଘର ହୋଇଥିବାବେଳେ ସେ ପୂର୍ବରୁ ଅନ୍ୟଜଣଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୀପକ ଇନ୍‌ସ୍ୟୁରାନ୍ସ ବାବଦ ୧ କୋଟି ଟଙ୍କା ପାଇଥିଲେ। ଉକ୍ତ ଇନ୍ସୁରାନ୍ସ ଟଙ୍କାକୁ ନେଇ ଶୁଭମିତ୍ରା ଓ ଦୀପକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ତେବେ ଶୁଭମିତ୍ରା ଏବଂ ଦୀପକଙ୍କ ଆକାଉଣ୍ଟ ଯାଞ୍ଚ ଏବଂ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କମିଶନର କହିଛନ୍ତି। ଏନେଇ କ୍ୟାପିଟାଲ ଥାନା ପକ୍ଷରୁ ଏକ ହତ୍ୟା ମାମଲା (ନଂ.୫୩୫/୨୦୨୫) ରୁଜୁ କରାଯାଇ ଅଧିକ ଖୋଳତାଡ଼ କରାଯାଇଛି। ଦୀପକଙ୍କୁ ସହଯୋଗ କରିଥିବା ଅଭିଯୋଗରେ ସମ୍ପର୍କୀୟ ଭାଇ ପପୁ ଭୂୟାଁ ଓ ତାଙ୍କ ସାଙ୍ଗ ଜଟଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଉଭୟଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସୂଚନା ମିଳିଛି। ଏହି ଘଟଣାରେ ଆଗକୁ ସବିଶେଷ ତଥ୍ୟ ଦିଆଯିବ ବୋଲି ସିପି ଦେବଦତ୍ତ ସିଂ କହିଛନ୍ତି।




# ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)**

ଗୁରୁବାରଠାରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିଛି। ସରକାର ସୁରୁଖୁରୁରେ ଅଧିବେଶନ ଚଳାଇବାକୁ ଚାହୁଁଥିବାବେଳେ କେତେକ ପ୍ରସଙ୍ଗରେ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା କଂଗ୍ରେସ ଓ ବିଜେଡି ଏବଂ ଶାସକ ଭାଜପାର ବିଧାୟକଦଳ ବୈଠକ ଅନୁଷ୍ଠିତ ହୋଇସାରିଛି। ଗୁରୁବାର ବିଜେଡି ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ପରେ ଗୃହ ମୁଲତବୀ ହେବା ସ୍ଥିର ହୋଇଛି।

# ଅର୍ଚ୍ଚନା ନାଗ ଆଇନଜୀବୀ ପେସାରୁ ସସ୍‌ପେଣ୍ଡ

**କଟକ, ୧୭।୯(କାର୍ତ୍ତିକ ସାହୁ)**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଅର୍ଚ୍ଚନା ନାଗଙ୍କୁ ଆଇନଜୀବୀ ପେସାରୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ବୁଧବାର ସୂଚନା ଦେଇଛନ୍ତି। ଅର୍ଚ୍ଚନା ତାଙ୍କ ବିରୋଧରେ ଥିବା ଫୌଜଦାରି ମାମଲା ସମ୍ପର୍କିତ ତଥ୍ୟ ଉଦ୍ଦେଶ୍ୟମୂଳକ ଭାବେ ଗୋପନ ରଖି ଆଇନଜୀବୀ ଭାବେ ପଞ୍ଜୀକରଣ ଫର୍ମ ଦାଖଲ କରିଥିଲେ ଏବଂ ସେହି ଆଧାରରେ ନିଜକୁ ଆଇନଜୀବୀ ହିସାବରେ ପଞ୍ଜୀକରଣ କରାଇଥିଲେ। ପରବର୍ତ୍ତୀ ସମୟରେ ପ୍ରାପ୍ତ ତଥ୍ୟ ଅନୁଯାୟୀ ଜଣାଗଲା ଯେ, ବାସ୍ତବରେ ଅର୍ଚ୍ଚନାଙ୍କ ନାମରେ ବିଭିନ୍ନ ଦଫା ସମ୍ବଳିତ ଫୌଜଦାରି ମାମଲା ରୁଜୁ ହୋଇ ବିଚାରାଧୀନ ରହିଛି। ଏସବୁ ସତ୍ତ୍ୱେ ପଞ୍ଜୀକରଣ ପାଇଁ ଦାଖଲ କରିବାକୁ ଥିବା ନିର୍ଦ୍ଧାରିତ ବିନ୍ଦୁ ୧୪, ୧୫, ୧୬, ୧୭, ୨୦ (ଖ)ରେ ସେ ଉଲ୍ଲେଖ କରିଥିଲେ ଯେ, ତାଙ୍କ ବିରୋଧରେ କୌଣସି ଫୌଜଦାରି ମାମଲା ନାହିଁ କିମ୍ବା ସେ କୌଣସି ବ୍ୟବସାୟ ବୃତ୍ତିରେ ସମ୍ପୃକ୍ତ ନାହାନ୍ତି। ମାତ୍ର ତଥ୍ୟରୁ ଜଣାଯାଇଛି କି ସେ ଦୁଇଟି କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି। ଏ ସମସ୍ତ ବିଷୟରେ ଆଇନଜୀବୀ ପାଇଁ ପଞ୍ଜୀକରଣ ସମୟରେ ନିର୍ଦ୍ଧାରିତ ଫର୍ମରେ ସୂଚନା ନିମନ୍ତେ ପ୍ରାବଧାନ ଥିବା ସତ୍ତ୍ୱେ ସେ ସମସ୍ତ ବିନ୍ଦୁରେ ନାସ୍ତିସୂଚକ ସୂଚନା ଦେଇଛନ୍ତି। ଏହା ପ୍ରମାଣିତ ହେଉଛି ଯେ ସେ ମିଥ୍ୟାର ଆଶ୍ରୟ ନେଇ ଆଇନଜୀବୀ ପରିଷଦରେ ନିଜକୁ ଆଇନଜୀବୀ ଭାବରେ ପଞ୍ଜୀକରଣ କରାଇଛନ୍ତି। ଏହା ଭାରତୀୟ ଅଧିବକ୍ତା ନିୟମ ୧୯୬୧ର ବିରୁଦ୍ଧାଚରଣ କରିବା ସହିତ ଆଇନଜୀବୀ ପରିଷଦ, ଯାହାକି ଆଇନ ଶିକ୍ଷା ଓ ଆଇନ ପେସାର ସର୍ବୋଚ୍ଚ ନିୟାମକ ସଂସ୍ଥାକୁ ସେ ଠିକ୍ ତଥ୍ୟ ନ ଦେଇ ନିଜ ନାମକୁ ବାର୍ କାଉନସିଲରେ ପଞ୍ଜୀକରଣ କରାଇନେଇଛନ୍ତି। ଏହିସବୁ ବିଷୟ ଗୁରୁତର ସହିତ ଗ୍ରହଣ କରି ବାର କାଉନସିଲର ୧୪ ତାରିଖ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

# ଆଲୋଚନାକୁ ଯିବେନି, ହୋହଲ୍ଲାକରି ବନ୍ଦ କରିବେ

## ବିଜେଡି ବିଧାୟକଦଳ ବୈଠକରେ ନିଷ୍ପତ୍ତି

- ଫ୍ଲୋର ମ୍ୟାନେଜମେଣ୍ଟ କମିଟି ଗଠିତ, ବାଦ୍ ପଡ଼ିଲେ ରଣେନ୍ଦ୍ର
- ନାରୀ ନିର୍ଯାତନା, ଚାଷୀ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ମୁଖ୍ୟ ପ୍ରସଙ୍ଗ

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

ବିଧାନସଭାର ମୌସୁମୀ ଅଧିବେଶନ ଗୁରୁବାରଠାରୁ ଆରମ୍ଭହୋଇ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିବ। ତେବେ ବିଧାନସଭାରେ ଶାସକ ଦଳକୁ ଘେରିବା ଲାଗି ବିରୋଧୀ ବିଜେଡି ବିଧାୟକ ଦଳ ବୈଠକରେ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ହେଲେ ଏହି ସ୍ୱଳ୍ପ ଦିନିଆ ଅଧିବେଶନରେ କୌଣସି ପ୍ରସଙ୍ଗ ଉପରେ କିଛି ଆଲୋଚନା ନ କରି କେବଳ ବିରୋଧ ପ୍ରଦର୍ଶନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହକୁ କିପରି ବନ୍ଦ କରିହେବ ତାହା ହିଁ କରିବାକୁ ସବୁ ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ବୈଠକରେ ଏହି କଥାକୁ କେତେଜଣ ବରିଷ୍ଠ ବିଧାୟକ ଗ୍ରହଣ କରି ନ ଥିଲେ। ବିରୋଧ କରାଯିବ ହେଲେ ଯେଉଁ ବିଷୟ ଗୃହରେ ଉଠାଯିବ ତା'ଉପରେ ଆଲୋଚନା ନ କରି ଖାଲି ହୋହଲ୍ଲା କଲେ କିଛି ଲାଭ ନାହିଁ ବୋଲି କେତେଜଣ ବରିଷ୍ଠ ବିଧାୟକ ମତ ରଖିଥିଲେ। କିନ୍ତୁ ଏହାକୁ ବୈଠକରେ ଗ୍ରହଣ କରାଯାଇ ନ ଥିଲା, କେବଳ ବିରୋଧ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସୂଚନା ମିଳିଛି। ଅନ୍ୟପଟେ ବିଧାନସଭା ଫ୍ଲୋର ମ୍ୟାନେଜମେଣ୍ଟ କମିଟି ଗଠନ କରାଯାଇଛି। ଏଥିରେ ଦଳର ୧୦ ଜଣ ବିଧାୟକଙ୍କୁ ସ୍ଥାନ ମିଳିଥିବା ବେଳେ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରଖାଯାଇ ନାହିଁ। ସେଥିରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜକିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିକିତ୍ସା ସମୟରେ ରଣେନ୍ଦ୍ର ଦଳର ସଭାପତିଙ୍କ ଚିକିତ୍ସା ନେଇ ଉଠାଇଥିବା ପ୍ରଶ୍ନ ପାଇଁ ତାଙ୍କୁ ଏବେ ଅଣଦେଖା କରାଯିବା ପର୍ବ ଆରମ୍ଭ ହୋଇଛି ବୋଲି ଜଣେ ବିଧାୟକ ନିଜ ନାମ ଗୋପନ ରଖି କହିଛନ୍ତି। ସେହିପରି ଏହି ଅଧିବେଶନ ସମୟରେ ନବୀନ ନୂଆଦିଲ୍ଲୀ ଗସ୍ତରେ ରହିବେ। ବିଧାୟକ ଦଳ ବୈଠକ ସମୟରେ ନବୀନ ଭିଡିଓ କନ୍‌ଫରେନ୍ସି ଜରିଆରେ ଉପସ୍ଥିତ ଥିଲେ। ଦଳରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ, କଂଗ୍ରେସ ଗୃହରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରିଛି। ତେଣୁ ଅନାସ୍ଥା ପ୍ରସଙ୍ଗରେ ବିଜେଡି ନିଜକୁ ଦୂରେଇରଖିବା ଲାଗି ନବୀନ ଦିଲ୍ଲୀରୁ ଫେରିବା କଥା ଭାବୁନାହାନ୍ତି।

ଅନ୍ୟପଟେ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ନେଇ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ବୈଠକରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି, ବିଧାନସଭାର ମୌସୁମୀ ଅଧିବେଶନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅପ୍ରାସଙ୍ଗିକ କରିବା ପାଇଁ ରାଜ୍ୟ ସରକାର ଅଫିସରମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଦୃଢ ବିରୋଧ କରାଯିବ। ଏହା ବ୍ୟତୀତ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିବା ବିଶୃଙ୍ଖଳା ଓ ଦଳାଚକଟା ଘଟଣାରେ ମଧ୍ୟ ସରକାରଙ୍କୁ ଜବାବ ଦାବି କରାଯିବ ବୋଲି ସେ କହିଛନ୍ତି।




# କଂଗ୍ରେସ ଆଣିବ ଅନାସ୍ଥା ସହ ନାରୀ ନିର୍ଯାତନା

## କଂଗ୍ରେସ ବିଧାୟକଦଳ ବୈଠକ

**ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)**



ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ମୌସୁମୀ ଅଧିବେଶନ ସମୟରେ କଂଗ୍ରେସ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭାଜପା ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଅନାସ୍ଥା ପ୍ରସ୍ତାବ ଆଣିବ ବୋଲି କହିଛି। ବୁଧବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଦିନଦ୍ୱିପ୍ରହରରେ ରାଜଧାନୀରେ ମହିଳା କନ୍‌ଷ୍ଟେବଲଙ୍କୁ ହତ୍ୟା କରାଯାଉଛି, ଏହାଠାରୁ ଲଜ୍ଜାଜନକ ଘଟଣା ଆଉ କ'ଣ ରହିଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି, ବଲାଙ୍ଗୀରେ ଛାତ୍ରୀଙ୍କୁ ପୋଡ଼ି, ଗୋପାଳପୁରରେ ଛାତ୍ରୀଙ୍କୁ ଗଣବଳାତ୍କାର, ବ୍ରହ୍ମଗିରି ଗଣବଳାତ୍କାର ପ୍ରଭୃତି ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ଦାୟିତ୍ୱରେ ଥିଲେ ହେଁ ଅଭିଯୁକ୍ତଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳାକୁ ନେଇ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କଂଗ୍ରେସ ଆଣିବ। ଏଥିରେ ସହଯୋଗ କରିବା ଲାଗି ବିଜେଡିକୁ ଆହ୍ୱାନ ଦିଆଯାଇଛି। ଆଶା କରୁଛି ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ଏପରି ପ୍ରସଙ୍ଗକୁ ସମର୍ଥନ ଦେବ।

ଭକ୍ତ ପୁଣି କହିଛନ୍ତି, ରାଜ୍ୟରେ ସାର କଳାବଜାର ବ୍ୟାପକ ମାତ୍ରାରେ ହେଉଛି। ମନ୍ତ୍ରୀ କହୁଛନ୍ତି ସାର ପର୍ଯ୍ୟାପ୍ତ ଅଛି, ହେଲେ ଚାଷୀଙ୍କୁ ମିଳୁନାହିଁ। ଅନ୍ୟପଟେ ଦୁଇଗୁଣ ଅଧିକ ଦାମ୍‌ରେ ଚାଷୀ ସାର କିଣୁଛନ୍ତି। ଏନେଇ ବାରମ୍ବାର କହିବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉନାହିଁ କି ଚାଷୀଙ୍କୁ ସାର ମିଳୁନାହିଁ। ସେହିପରି ଫସଲବୀମା ପଇସା ଚାଷୀଙ୍କୁ ମିଳୁନି। ଧାନ କଟ୍‌ନି ଛଟ୍‌ନି ଏବେ ତୀବ୍ର ହେଉଛି। ଶିକ୍ଷାକ୍ଷେତ୍ରରେ ମଧ୍ୟ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଛାତ୍ରସଂସଦ ନିର୍ବାଚନ ସରକାର ଜାଣିଶୁଣି କରୁନାହାନ୍ତି। ସ୍ୱଚ୍ଛପାଣି ନ ମିଳିବାରୁ ୧୧ ଜିଲାରେ ହଇଜା ବ୍ୟାପିଥିଲା। ରାଜ୍ୟର ଅଧିକାଂଶ ଜିଲାରୁ ଖଣିଜ ସମ୍ପଦ ଚୋରି ହେଉଛି। ଏସବୁ ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇବ ବୋଲି ଭକ୍ତ କହିଛନ୍ତି। ବୈଠକରେ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟିକା ସୋଫିଆ ଫର୍ଦ୍ଦୋସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାରୀ ନିର୍ଯାତନା ନେଇ ସବୁ ଏସ୍‌ପି ଅଫିସ୍ ଆଗରେ ବିଜେଡିର ପ୍ରତିବାଦ




ମହିଳା ବିଜେଡି ପକ୍ଷରୁ ବୁଧବାର ଡିସିପି ଅଫିସ୍ ଘେରାଉ।

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

ମହିଳାଙ୍କ ଉପରେ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ଭାଜପା ମା' ନାଁରେ ଚାରାରୋପଣ କାର୍ଯ୍ୟକ୍ରମ କରୁଛି ବୋଲି ବିଜେଡି କହିଛି। ଏଥିସହ ୧୪ ମାସର ଭାଜପା ସରକାରରେ ମହିଳାମାନଙ୍କ ଓଠରୁ ହସ ଲିଭିଯାଇଛି। ଭୟର ବାତାବରଣ ମଧ୍ୟରେ ଓଡ଼ିଶାର ମାତୃଶକ୍ତି ଅଛନ୍ତି। ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର, ରାସ୍ତାଘାଟ କେଉଁଠି ବି ମହିଳା ସୁରକ୍ଷିତ ନାହାନ୍ତି ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଆହ୍ୱାନରେ ମହିଳା ବିଜେଡି ରାଜ୍ୟବ୍ୟାପୀ ସବୁ ଏସ୍‌ପି ଅଫିସ୍ ସମ୍ମୁଖରେ ଏହାର ପ୍ରତିବାଦ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ବିଜେଡି ଅଭିଯୋଗ କରିଛି, ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଲୋମହର୍ଷଣକାରୀ ଘଟଣାମାନ ଘଟିବାରେ ଲାଗିଛି। ରାଜ୍ୟରେ ୨ ଜଣ ମହିଳା ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ଆସନରେ ଥାଇ ମଧ୍ୟ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ବାବଦରେ ପଦଟିଏ ନ କହିବା ଦୁର୍ଭାଗ୍ୟଜନକ ବୋଲି ଦଳ କହିଛି।

# ପୋଲିସ ରକ୍ଷା କରିପାରୁନି ମହିଳା ପୋଲିସକୁ: କଂଗ୍ରେସ

## ରାଜଧାନୀରେ ଶୁଭମିତ୍ରାଙ୍କୁ ହତ୍ୟା ପ୍ରସଙ୍ଗ

**ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)**

ରାଜ୍ୟରେ ନାରୀ ନିର୍ଯାତନା ହୁ ହୁ ହୋଇ ବଢ଼ିଚାଲିଛି, ଏଠାରେ ମହିଳାମାନେ ଅସୁରକ୍ଷିତ ବୋଲି ରାଜ୍ୟ କଂଗ୍ରେସ କହିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ତଥ୍ୟ ଅନୁଧାନ କମିଟି ଅଧ୍ୟକ୍ଷା ଜୟଶ୍ରୀ ପଟ୍ଟନାୟକ କହିଥିଲେ, ରାଜ୍ୟରେ ଯେପରି ନାରୀ ନିର୍ଯାତନା ଘଟୁଛି ତାହା ବର୍ଣ୍ଣନା କରିବାକୁ ଭାଷା ନାହିଁ। ରାଜ୍ୟ ସରକାର ତଥା ପୋଲିସ ପ୍ରଶାସନ ଜଣେ ମହିଳା ପୋଲିସକୁ ସୁରକ୍ଷା ଦେଇପାରୁନାହାନ୍ତି। ରାଜଧାନୀର ସବୁଠୁ ସମ୍ବେଦନଶୀଳ ଅଞ୍ଚଳରେ ଜଣେ ମହିଳା କନ୍‌ଷ୍ଟେବଲ ଶୁଭମିତ୍ରାଙ୍କୁ ଦିନଦ୍ୱିପ୍ରହରରେ ହତ୍ୟା କରାଯାଉଛି ଏବଂ କେନ୍ଦୁଝରରେ ପୋତାଯାଉଛି, ଏହାଠାରୁ ବଳି ବଡ଼କଥା ଆଉ କ'ଣ ଥାଇପାରେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ମୃତା କନ୍‌ଷ୍ଟେବଲଙ୍କ ପରିବାରକୁ ସରକାର ତୁରନ୍ତ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଏବଂ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଯୋଗାଇଦିଅନ୍ତୁ। ନଚେତ୍ ମହିଳା କଂଗ୍ରେସ ଏହାକୁ ନେଇ ବଡ଼ ଆନ୍ଦୋଳନ କରିବ।

ଏହି ସମ୍ମିଳନୀରେ କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରଣତି ମିଶ୍ର ଭାଜପା ସରକାର ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ସମ୍ପୂର୍ଣ୍ଣ ହରାଇ ସାରିଲାଣି ବୋଲି କହିଥିଲେ। ସମ୍ମିଳନୀରେ ତଥ୍ୟ ଅନୁଧାନ କମିଟିର ଅନ୍ୟ ସଦସ୍ୟା ଯଥା ସୁନିତା ବିଶ୍ୱାଳ, କୁସୁମ ପ୍ରଧାନ, ଅମିତା ବିଶ୍ୱାଳ, ଗୀତାଞ୍ଜଳି ମହାନ୍ତି, ଶିଳି ସେଠୀ ଓ ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତ୍ରୀମାନେ।




# ପ୍ରାକୃତିକ ଏୟାର କଣ୍ଡିଶନର

**ଆଜି ବିଶ୍ୱ ବାଉଁଶ ଦିବସ**

ପ୍ରାକୃତିକ ଏୟାର କଣ୍ଡିଶନର ଭାବରେ ବିବେଚିତ ବାଉଁଶର ଗୁରୁତ୍ୱ ବିଷୟରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୧୮ରେ ପାଳନ ହୋଇ ଆସୁଛି 'ବିଶ୍ୱ ବାଉଁଶ ଦିବସ'। ୨୦୦୯ରେ ପ୍ରଥମ ଥର ପାଇଁ ବ୍ୟାଙ୍କକ୍‌ରେ ଏହି ଦିବସ ପାଳିତ ହୋଇଥିଲା। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି 'ପରବର୍ତ୍ତୀ ପିଢ଼ିର ବାଉଁଶ: ସମାଧାନ, ନବସୃଜନ ଏବଂ ଡିଜାଇନ'।



ପରିବେଶ, ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ଭୂମିକା ରଖୁଥିବା ବାଉଁଶ ଦ୍ରୁତ ଗତିରେ ବଢୁଥିବା ଭୂମି ଉଦ୍ଭିଦ। କିଛି ପ୍ରଜାତି ବାଉଁଶ ୨୪ ଘଣ୍ଟା ମଧ୍ୟରେ ୩୬ ଇଞ୍ଚ ବଢ଼େ। ଏହା ଏକ ପ୍ରାକୃତିକ ଏୟାର କଣ୍ଡିଶନର ଭାବରେ କାର୍ଯ୍ୟକରେ କାରଣ ଏହା ପାରିପାର୍ଶ୍ୱିକ ତାପମାତ୍ରାକୁ ୮ ଡିଗ୍ରୀ ପର୍ଯ୍ୟନ୍ତ ଥଣ୍ଡା କରିଥାଏ। କିଛି ପ୍ରକାରର ବାଉଁଶ ଖାଇବା ଯୋଗ୍ୟ ଏବଂ ଏସୀୟ ଖାଦ୍ୟ ଓ ଚା'ରେ ବ୍ୟବହୃତ ହୁଏ। କଞ୍ଚି ବାଉଁଶ ମସ୍ତିଷ୍କକୁ ଅମ୍ଳଜାନ ଯୋଗାଇବା ସହ ମୁଣ୍ଡବିନ୍ଧାରୁ ମୁକ୍ତି ଦେବାରେ ସାହାଯ୍ୟ କରିପାରେ। ସାରା ବିଶ୍ୱରେ ୧୫୦୦ରୁ ଅଧିକ ପ୍ରଜାତିର ବାଉଁଶ ଅଛି। ପ୍ରଥମ ସଫଳ ଲାଇଟବଲ୍ବରେ କାର୍ବୋନାଇଜ୍‌ଡ ବାଉଁଶ ଫିଲାମେଣ୍ଟ ଥିଲା। ବାଉଁଶ ବିଭିନ୍ନ ପ୍ରକାର, ରଙ୍ଗ ଏବଂ ଆକାରରେ ଆସିଥାଏ। ଚାଇନାରେ ପ୍ରଥମ ଫୋଟକା ବାଉଁଶରୁ ତିଆରି କରାଯାଇଥିଲା। ଭୂମିକମ୍ପରେ ବାଉଁଶ ବୁଦା ସୁରକ୍ଷିତ ସ୍ଥାନ ଭାବେ ବିବେଚିତ ହୋଇଥାଏ।

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। **-ଶ୍ରୀଅରବିନ୍ଦ**



# କ୍ୟାଲେଣ୍ଡର ଓ ପୌରାଣିକ କଥା



ଦେବଦତ୍ତ ପଟ୍ଟନାୟକ

ଭାରତର ଜାତୀୟ କ୍ୟାଲେଣ୍ଡର ହେଉଛି ସାକ କ୍ୟାଲେଣ୍ଡର। ଏହା ୭୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଛି। ଏହାକୁ ସରକାରୀ ଭାବେ ୧୯୫୭ରେ ଗ୍ରହଣ କରାଯାଇଥିଲା, କାରଣ ସ୍ୱାଧୀନ ଭାରତ ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଉପରେ ନିର୍ଭର ନ କରି ତାହାର ନିଜର ଏକ କ୍ୟାଲେଣ୍ଡର ରଖିବାକୁ ଚାହିଁଥିଲା। ଉଲ୍ଲେଖନୀୟ, ଗ୍ରେଗୋରିଆନ୍ କ୍ୟାଲେଣ୍ଡର ସହ ୟୁରୋପୀୟ ଓ ଖ୍ରୀଷ୍ଟିଆନ୍‌ଙ୍କ ସମ୍ପର୍କ ରହିଛି ଏବଂ ଏହାକୁ ଉପନିବେଶୀୟଶାସନରଏକଶେଷସନ୍ତକଭାବେଦେଖାଯାଏ।

ଭାରତରେ ଅନେକ କ୍ୟାଲେଣ୍ଡର ରହିଛି। ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟ ଭିନ୍ନ ଭିନ୍ନ କ୍ୟାଲେଣ୍ଡର ବ୍ୟବହାର କରିଥାନ୍ତି। ଏଣୁ ପାରମ୍ପରିକ ନୀତିନିୟମକୁ ଆଧାର କରି ଗୋଟିଏ ଏକକ ଭାରତୀୟ କ୍ୟାଲେଣ୍ଡର ତିଆରି କରିବା ଅତ୍ୟନ୍ତ କଷ୍ଟକର ହୋଇଯାଇଛି। ବୌଦ୍ଧଧର୍ମାବଲମ୍ବୀମାନେ ବୌଦ୍ଧ କ୍ୟାଲେଣ୍ଡର, ଜୈନମାନେ ଜୈନ କ୍ୟାଲେଣ୍ଡର ଏବଂ ଶିଖ ଓ ମୁସଲମାନ ସେମାନଙ୍କ ନିଜସ୍ୱ କ୍ୟାଲେଣ୍ଡକୁ ଅନୁସରଣ କରିଥାନ୍ତି। ଏହା ବ୍ୟତୀତ ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଆଞ୍ଚଳିକ କ୍ୟାଲେଣ୍ଡର ଅଛି। ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ମଧ୍ୟ ବିଭିନ୍ନ କ୍ୟାଲେଣ୍ଡର ବ୍ୟବହାର କରାଯାଏ। ନେପାଳରେ ବିକ୍ରମ ସମ୍ବତ (ଖ୍ରୀଷ୍ଟପୂର୍ବ ୫୭ରେ ଆରମ୍ଭ ହୋଇଥିଲା) ବ୍ୟବହାର ହେଉଥିବାବେଳେ ଭାରତ ସାକ କ୍ୟାଲେଣ୍ଡକୁ ପସନ୍ଦ କରିଛି। ଏଠାରେ ପ୍ରଶ୍ନ ଉଠେ, ଯଦି ଆମେ ବିକ୍ରମ ସମ୍ବତ(ବିକ୍ରମାଦିତ୍ୟଙ୍କ ଶାସନ ସମୟରେ ଆରମ୍ଭ ହୋଇଥିବା କୁହାଯାଏ) କିମ୍ବା ସାକ ସମ୍ବତ( ସାକ ରାଜାଙ୍କ ସମୟରେ ଆରମ୍ଭ ହୋଇଛି) ଭଳି ନାମକୁ ବ୍ୟବହାର କରିବା, ତେବେ ଏହିସବୁ ନାମର ମାନେ କ'ଣ ଏବଂ କେଉଁଠୁ ଆସିଛି ? ଏସବୁକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ତେବେ ବିକ୍ରମ ଓ ସାକ କ୍ୟାଲେଣ୍ଡର ମଧ୍ୟରେ ପ୍ରଭେଦକୁ ବୁଝିବାକୁ ହେଲେ ଆମକୁ ଇତିହାସକୁ ଅନୁଧ୍ୟାନ କରିବାକୁ ପଡ଼ିବ ଏବଂ ଏପରିକି ତାହା ପୂର୍ବରୁ ଭୌଗୋଳିକ ସ୍ଥିତିକୁ ଦେଖିବାକୁ ହେବ।

ବିନ୍ଧ୍ୟ ପର୍ବତମାଳା ଦକ୍ଷିଣ ଭାରତରୁ ଉତ୍ତର ଭାରତକୁ ଅଲଗା କରିଛି। ଉତ୍ତର ଭାରତର ଦକ୍ଷିଣ ସୀମା ଭାବେ ଥିଲା ଉଜ୍ଜୟିନୀ ସହର ଏବଂ ଦକ୍ଷିଣ ଭାରତର ଉତ୍ତର ସୀମା ରହିଥିଲା ଗୋଦାବରୀ ଅବବାହିକାର ପ୍ରତିଷ୍ଠାନ (କିମ୍ବା ପୈଠଣ)। ଏମାନଙ୍କ ମଧ୍ୟରେ ରହିଛି ବିନ୍ଧ୍ୟ ପର୍ବତମାଳା ଏବଂ ନର୍ମଦା ନଦୀ। ଏହି ଅଞ୍ଚଳ ଦେଇ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚାଲିଥିଲା। ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ପଥ ପାଇଁ ଏହା ଏକମାତ୍ର ଉପଯୋଗୀ ସ୍ଥଳପଥ ଥିଲା। ଏଣୁ ଯେଉଁ ରାଜାମାନେ ଏହାକୁ ଦଖଲ କରୁଥିଲେ ସେମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ।

ବିଦେଶୀ ଆକ୍ରମଣକାରୀଙ୍କୁ ପରାସ୍ତ କରିଥିବା ରାଜା ବିକ୍ରମାଦିତ୍ୟଙ୍କ ନାମାନୁସାରେ ବିକ୍ରମ ସମ୍ବତ ନାମ



ହୋଇଥିବା ବିଶ୍ୱାସ କରାଯାଏ। ସେହିଭଳି ସାକ ସମ୍ବତର ସମ୍ପର୍କ ରାଜା ଶାଳିବାହାନଙ୍କ ସହ ଥିବା କୁହାଯାଏ, ଯିଏ ବିଦେଶୀ ସାକ କିମ୍ବା ସ୍କିଥିଆନ ଆକ୍ରମଣକାରୀଙ୍କୁ ଦେଶରୁ ତଡ଼ିଦେଇଥିଲେ। ତେବେ ସେହି ସମୟରେ କେଉଁମାନେ ବିଦେଶୀ ଆକ୍ରମଣକାରୀ ଥିଲେ ? ସେତେବେଳେ ଭାରତରେ ଘୋଡ଼ା ନ ଥିବାରୁ ବହୁ ସମୟରେ ତାହାକୁ କେନ୍ଦ୍ର ଏସିଆରୁ ଅଣାଯାଉଥିଲା। ଅନେକ କେନ୍ଦ୍ର ଏସୀୟ ଆଦିବାସୀମାନେ ଭାରତକୁ ଘୋଡ଼ା ଆଣୁଥିଲେ ଏବଂ ଏଠାକାର ଶାସନର ପତନ ଘଟାଇ ଭାରତୀୟ ବାଣିଜ୍ୟ ପଥକୁ ଦଖଲ କରୁଥିଲେ। ସାକମାନେ ଆରାବଳୀ ଅଞ୍ଚଳର ଅଧିକାଂଶ ଭାଗକୁ ନିୟନ୍ତ୍ରଣକୁ ନେଇଥିଲେ ଏବଂ ପାଖାପାଖି ଖ୍ରୀଷ୍ଟପୂର୍ବ ୧୦୦ରେ ଭାରତକୁ ଆସିଥିଲେ। ସେହିଭଳି କୁଶାଣମାନେ ଗାଙ୍ଗେୟ ବାଣିଜ୍ୟପଥର ଅନେକ ଅଂଶକୁ ନିୟନ୍ତ୍ରଣକୁ ନେଇ ଖ୍ରୀଷ୍ଟାବ୍ଦ ୧୦୦ବେଳକୁ ଭାରତରେ ପ୍ରବେଶ କରିଥିଲେ।

ପୁରାତନ କିମ୍ବଦନ୍ତୀ ବା ଲୋକକଥା ଅନୁଯାୟୀ, ଜୈନ ସନ୍ୟାସୀ କଳକାଚାର୍ଯ୍ୟଙ୍କ ଭଉଣୀ ଥିଲେ ଜଣେ ଜୈନ ସନ୍ୟାସିନୀ। ତାଙ୍କୁ ଉଜ୍ଜୟିନୀର ରାଜା ଗଡ଼ଭିଲ୍ଲା ଅପହରଣ କରିଥିବାରୁ କଳକାଚାର୍ଯ୍ୟ ତାଙ୍କ ଉପରେ କ୍ରୋଧ ପ୍ରକଟ କରିଥିଲେ। ଉଜ୍ଜୟିନୀ ଆକ୍ରମଣ କରିବା ସକାଶେ କଳକାଚାର୍ଯ୍ୟ ସାକ ରାଜାଙ୍କ ସାହାଯ୍ୟ ଲୋଡ଼ିଥିଲେ। ସେ ଏହା ପାଇବା ପରେ ଗଡ଼ଭିଲ୍ଲାଙ୍କୁ ପରାସ୍ତକରି ତାଙ୍କ ଭଉଣୀକୁ ଉଦ୍ଧାରକରିଥିଲେ। ପରେ ସାକମାନେ ଉଜ୍ଜୟିନୀ ଦଖଲକରି ତାହାର ଶାସକ ପାଲଟିଗଲେ ଏବଂ ଗଡ଼ଭିଲ୍ଲାଙ୍କୁ ନିର୍ବାସନରେ ପଠାଇଦେଲେ। ପରେ ତାଙ୍କର ଜଙ୍ଗଲରେ ମୃତ୍ୟୁ ଘଟିଥିଲା ଓ ତାଙ୍କୁ ଗୋଟିଏ ବାଘ ଖାଇଦେଇଥିବା କୁହାଯାଏ। ତାଙ୍କ ପୁତ୍ର ବିକ୍ରମାଦିତ୍ୟ ଧୀରେ ଧୀରେ ବଡ଼ ହେବାକୁ ଲାଗିଲେ ଏବଂ ସାକ ରାଜାଙ୍କୁ ପରାସ୍ତକରି ଉଜ୍ଜୟିନୀରୁ ତଡ଼ିଦେଇ ବିକ୍ରମ ସମ୍ବତ ପ୍ରତିଷ୍ଠା କରିଥିଲେ। ହେଲେ ଏହି ପ୍ରାଚୀନ ଲୋକକଥାର କୌଣସି ଐତିହାସିକ ପ୍ରମାଣ ନାହିଁ, କିନ୍ତୁ ଏହା ଲୋକପ୍ରିୟ ଜୈନ ପୁରାଣର ଏକ ଅଂଶ ହୋଇରହିଛି। ଅନେକ ଦକ୍ଷିଣ ଭାରତୀୟ ଗବେଷକ ବିଶ୍ୱାସ କରନ୍ତି ଯେ, ସାକ କ୍ୟାଲେଣ୍ଡର ଶାଳିବାହାନଙ୍କ ନାମାନୁସାରେ ହୋଇଛି, ଯିଏ କି ବିକ୍ରମାଦିତ୍ୟଙ୍କ ଭଳି ପ୍ରତିଷ୍ଠାନରୁ ସାକମାନଙ୍କୁ ବିତାଡ଼ିତ କରିଥିଲେ। ସାତବାହାନ ରାଜବଂଶ ଶାସନ ଅଧୀନରେ ଶାଳିବାହାନ ଥିଲେ। ଏହା ପ୍ରଥମେ ୯ମ ଶତାବ୍ଦୀରେ ଶିଳାଲେଖରେ ସ୍ଥାନ ପାଇଥିଲା ଏବଂ ପ୍ରାୟ ଏହି ସମୟରେ ବିକ୍ରମାଦିତ୍ୟ ଓ ଶାଳିବାହାନଙ୍କ କାହାଣୀ ସବୁ କିମ୍ବଦନ୍ତୀ ସମ୍ବଳିତ ପୁସ୍ତକ ବିକ୍ରମାଦିତ୍ୟ ପଚିଶି ଏବଂ ସିଂହାସନ ବତିଶି ମାଧ୍ୟମରେ ସାମ୍ନାକୁ ଆସିଥିଲା। ଅବଶ୍ୟ, ତିନି ରାଜା ଯଥା ବିକ୍ରମାଦତ୍ୟ, ଶାଳିବାହାନ ଓ ଭୋଜଙ୍କ ସମ୍ପର୍କରେ ସୂଚିତ କରାଯାଇଛି, ଯେଉଁମାନଙ୍କର କେନ୍ଦ୍ରୀୟ ଭାରତର ଉଜ୍ଜୟିନୀ ଓ ପୈଠଣ ମଧ୍ୟରେ ଥିବା ଅଞ୍ଚଳ ସହ ସମ୍ପର୍କ ରହିଛି। ଏହିସବୁ କାହାଣୀରେ ଦର୍ଶଯାଇଛି, ବିକ୍ରମାଦିତ୍ୟଙ୍କୁ ଶାଳିବାହାନ ହତ୍ୟା କରିଥିଲେ। ଶାଳିବାହାନ ନାଗରାଜା ବସୁକି ଓ କୁମ୍ଭାର କନ୍ୟାଙ୍କ ଅଲୌକିକ ସନ୍ତାନ ଥିଲେ ବୋଲି କୁହାଯାଇଛି।

ଆଉ ଏକ ଗ୍ରନ୍ଥରେ କୁହାଯାଇଛି ଯେ, ଶାଳିବାହାନ ମାଟି କଣ୍ଢେଇକୁ ବ୍ୟବହାରକରି ଏକ ସେନା ଗଢ଼ିଥିଲେ, ଯାହାକୁ ନାଗମାନେ ଆଲୌକିକ ଶକ୍ତି ଯୋଗାଉଥିଲେ। ଏହି କାହାଣୀରେ ସେ ବିକ୍ରମାଦିତ୍ୟଙ୍କୁ ସାହାଯ୍ୟ କରିବା କଥା ବର୍ଣ୍ଣନା କରାଯାଇଛି। ଭବିଷ୍ୟ ପୁରାଣ (୧୫୦୦ ଶତାବ୍ଦୀ ପରେ ରଚନା କରାଯାଇଛି)ରେ ଶାଳିବାହାନଙ୍କୁ ବିକ୍ରମାଦିତ୍ୟଙ୍କ ନାତି ବୋଲି କୁହାଯାଇଛି। ଏଥିରେ ମଧ୍ୟ ବର୍ଣ୍ଣନା ରହିଛି ଯେ, ବିକ୍ରମାଦିତ୍ୟ ଯିଶୁଙ୍କ ଏକ ବାଣୀକୁ ଏବଂ ଶାଳିବାହାନ ମହମ୍ମଦଙ୍କୁ ବିରୋଧ କରିଛନ୍ତି। ଦେଖିବାକୁ ଗଲେ ଆଶ୍ଚର୍ଯ୍ୟର କଥା ହେଉଛି, ଯିଶୁ ଓ ମହମ୍ମଦଙ୍କ ମଧ୍ୟରେ ପାଖାପାଖି ୬୦୦ ବର୍ଷର ଅନ୍ତର ରହିଛି ଏବଂ ଏଭଳି ଯୁକ୍ତିର ବିଶ୍ୱସନୀୟତା ଉପରେ ଏହା ସନ୍ଦେହ ସୃଷ୍ଟିକରିଛି। ଏଥିରୁ ବୁଝାପଡୁଛି, ଏସବୁ ହେଉଛି କାଳ୍ପନିକ କାହାଣୀ ଏବଂ ସମ୍ଭବତଃ ୧୦ ଶତାବ୍ଦୀରେ ଉଜ୍ଜୟିନୀରେ ରହୁଥିବା ଜଣେ ସାହିତ୍ୟପ୍ରେମୀ ତଥା ଜ୍ଞାନୀ ରାଜା ମିହିର ଭୋଜଙ୍କ ସମୟରେ ଏହା ରଚନା କରାଯାଇଛି। କୁହାଯାଏ, ସେ ବିକ୍ରମାଦିତ୍ୟଙ୍କ ସିଂହାସନ ଆବିଷ୍କାର କରିଥିଲେ ଏବଂ ନିଜକୁ ତାଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀ ଭାବେ ବିବେଚନା କରୁଥିଲେ। ସମ୍ଭବତଃ ସେ ଶାଳିବାହାନଙ୍କ କାହାଣୀଗୁଡ଼ିକ ରଚନା କରିଥିଲେ। ଏଣୁ ଶଳିବାହାନ, ବିକ୍ରମାଦିତ୍ୟ ଏବଂ ଭୋଜଙ୍କ ପୌରାଣିକ ଲୋକକଥାଗୁଡ଼ିକ ସମ୍ଭବତଃ ୮ମ ଶତାବ୍ଦୀ ପାଖାପାଖି ସମୟରେ ସୃଷ୍ଟି କରାଯାଇଛି, ଯେଉଁଥିରେ ତାହାର ୭୦୦ରୁ ୮୦୦ ବର୍ଷ ପୂର୍ବେ ଘଟିଥିବା ଘଟଣାଗୁଡ଼ିକୁ ସାମ୍ନାକୁ ଅଣାଯାଇଛି। ତେବେ ସାକ ଓ ବିକ୍ରମ କ୍ୟାଲେଣ୍ଡ କିଏ ଆରମ୍ଭ କରିଥିଲେ ତାହା ଆମେ କେବେ ବି ଜାଣିପାରିବା ନାହିଁ। ସେଗୁଡ଼ିକର ଐତିହାସିକ ଆଧାର ଦୀର୍ଘଦିନରୁ ପୌରାଣିକ କିମ୍ବଦନ୍ତୀଗୁଡ଼ିକର ପ୍ରଚ୍ଛଦରେ ରହିଯାଇଛି। ଏଣୁ ଏହି ଲୋକ କାହାଣୀଗୁଡ଼ିକ ଉପରେ ଅନୁଧ୍ୟାନ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

-devduttofficial@gmail.com

# ଆଜିକା ଘର



ସତ୍ୟନାରାୟଣ ଦେହୁରୀ

ଆଜିକା ଘର ସମ୍ପୂର୍ଣ୍ଣ ଅଲଗା। କମ୍ ଜାଗାରେ ଏକାଧିକ ମହଲା ବିଶିଷ୍ଟ ଘର ସବୁ ତିଆରି ହେଉଛି। ଘରଗୁଡିକର ଆୟତନ କମ କିନ୍ତୁ ଉଚ୍ଚତା ଅଧିକ। ଆଉ କୌଣସି ଘରେ ଅଗଣା ଖୋଜିଲେ ମିଳିବ ନାହିଁ କି ବାରିପଟ ଖୋଜିଲେ ମିଳିବ ନାହିଁ। ଘର ଭିତରେ ରହିଛି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଗାଧୁଆ ଘର ଓ ପଇଖାନା ସହିତ ବାଲକୋନୀ। ପ୍ରତିଯୋଗିତାମୂଳକ ଭାବରେ ଘର ତିଆରି ହେଉଛି। ଘର ତିଆରି ପାଇଁ ବିଭିନ୍ନ ବ୍ୟାଙ୍କ ଲୋନ ଦେଉଥିବାରୁ କମ୍ ରୋଜଗାରରେ ମଧ୍ୟ ଭଲ ଘର କରିବା ସମସ୍ତଙ୍କର ସଉକରେ ପରିଣତ ହୋଇଗଲାଣି। ଆଜିକାଲି ସହରଗୁଡ଼ିକରେ ଟିକିଏ ବର୍ଷାହେଲେ କୃତ୍ରିମ ବନ୍ୟା ହେଉଛି। ଏହାର କାରଣ ଡ୍ରେନଗୁଡିକୁ ନିଜ ଦଖଲକୁ ନେଇ ତା'ଉପରେ ଘର ତିଆରି କରିପକାଇବା। ନିଜ ଅପକର୍ମର ଫଳ ମଣିଷ ନିଜେ ଭୋଗ କରୁଛି। ଘର ତିଆରି ଉପକରଣସବୁ ରାସ୍ତାର ଉଭୟ ପାର୍ଶ୍ୱରେ ଜମା କରି ବହୁଦିନ ରଖିବା ଏକ ଅଭ୍ୟାସରେ ପରିଣତ ହେଲାଣି।

ସହର ନୁହେଁ ଗାଁ ଗହଳିରେ ମଧ୍ୟ ଏହି ଚିତ୍ର ଦେଖିବାକୁ ମିଳୁଛି। ଗାଁଗୁଡିକରେ ଲୋକମାନେ ଗାଁ ଦାଣ୍ଡକୁ ଜବରଦଖଲ କରି ଘରଗୁଡିକ ଆଗକୁ ଆଗକୁ ବଢ଼ାଇ ଦେଉଛନ୍ତି। ଫଳରେ ଗାଁ ଦାଣ୍ଡ କ୍ରମଶଃ ସଂକୀର୍ଣ୍ଣ ହୋଇଯାଉଛି। ରୋଗୀ ଆଣିବାକୁ ଯାଉଥିବା ୧୦୮ ଆମ୍ବୁଲାନ୍ସକୁ ଯିବା ଆସିବାରେ ସମସ୍ୟା ଦେଖାଯାଉଛି। ଆଜକୁ ୨୦ବର୍ଷ ତଳେ ଯେଉଁ ଜାଗାଗୁଡିକ ଅବ୍ୟବହୃତ ହୋଇ ପଡିରହିଥିଲା, ଆଜି ସେହି ସ୍ଥାନରେ ଅନେକ ଘର ତୋଳାସରିଲାଣି। ଯେଉଁ ମଶାଣିକୁ ଯିବାକୁ ଭୟ ଲାଗୁଥିଲା ଏବେ ତାହା ଜନଗହଳି ପୂର୍ଣ୍ଣ ସ୍ଥାନ ପାଲଟି ଗଲାଣି। ବିଦ୍ୟାଳୟ, ମନ୍ଦିର ଇତ୍ୟାଦି ସ୍ଥାନକୁ ମଧ୍ୟ ଲୋକମାନେ କୋଳାହଳମୟ ସ୍ଥାନରେ ପରିଣତ କରିସାରିଲେଣି। ସାଧାରଣତଃ ଏହି ସ୍ଥାନଗୁଡିକ ଜନଗହଳିଠାରୁ ଦୂରରେ ରହିଥାଏ। କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ଲୋକମାନଙ୍କର ଘର ତିଆରି କରିବାର ଆବଶ୍ୟକତା ବଢିଯାଉଛି। ଫଳରେ ସବୁ ସ୍ଥାନ ଲୋକମାନଙ୍କ କବ୍‌ଜାକୁ ଚାଲିଯାଉଛି। ଏହା ଯେତିକି ଭଲ ସେତିକି ବିପଦପୂର୍ଣ୍ଣ ମଧ୍ୟ। ଅନେକ ସମୟରେ ବିଭିନ୍ନ ରାସ୍ତା ଦୁର୍ଘଟଣା ମଧ୍ୟ ଘଟିଥାଏ। ମୁଖ୍ୟ ରାସ୍ତାକଡ଼ରେ ଘର ଯାତାୟାତ କିମ୍ବା ବ୍ୟବସାୟିକ ଦୃଷ୍ଟିରୁ ଭଲ ହୋଇଥିଲେ ମଧ୍ୟ ଦୁର୍ଘଟଣାକୁ ବିଚାରକୁ ନେବା ଭଲ।

ବର୍ତ୍ତମାନ ବଡ଼ ବଡ଼ ସହରରେ ଜବର ଦଖଲ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଣଙ୍କର ଜାଗାକୁ ଆଉ ଜଣେ ଜୋରକରି ଦଖଲ କରିନେଇ ଯାଉଛନ୍ତି। ସେଠାରେ ଘର ତିଆରି କରିଦେଉଛନ୍ତି। ଏଥିପାଇଁ ଅନେକ ସମୟରେ ବହୁତ ଜଘନ୍ୟ ଅପରାଧ ମଧ୍ୟ ଘଟୁଛି। ସାମାନ୍ୟ ଟିକିଏ ଜାଗା ପାଇଁ ହଣାକଟା ହୋଇ ଆଇନକୁ ହାତକୁ ନେଉଛନ୍ତି। ଜୋର ଯାର ମୂଲକ ତା'ର ନ୍ୟାୟରେ ଜବର ଦଖଲ ହେଉଛି ଓ ଘର ତୋଳା ଚାଲିଛି। ଏହି ଜବର ଦଖଲ ସମସ୍ୟାକୁ ଆଖିଆଗରେ ରଖି କେତେଜଣ ଲୋକ ଆଉ ଜାଗା ନ କିଣି ସିଧାସଳଖ ଘର କିଣି ନେଉଛନ୍ତି। ଏହା ସବୁଠାରୁ ନିରାପଦ। ବଡ଼ ବଡ଼ ବିଲ୍‌ଡରମାନଙ୍କଠାରୁ ସିଧାସଳଖ ଘର କିଣି ରହୁଛନ୍ତି। ଅବଶ୍ୟ ଏହା ନିଜ ପସନ୍ଦ ଯୋଗ୍ୟ ହୋଇ ନ ପାରେ କିନ୍ତୁ ଅଧିକ ନିରାପଦ ହୋଇଥାଏ।

ଆଜିକାଲି ଘରଟିଏ ତିଆରି କଲେ କିମ୍ବା କିଣିଲେ ବାସ୍ତୁ ଅନୁସାରେ ସବୁ ତିଆରି କରାଯାଉଛି। ବାସ୍ତୁ ବିଶାରଦମାନଙ୍କ ସହ ଯୋଗାଯୋଗ କରି ଘର ତିଆରି କରାଯାଉଛି। ଆଗରୁ କିନ୍ତୁ ଏସବୁ ଦେଖାଯାଉ ନ ଥିଲା। ଆମର ପୂର୍ବପୁରୁଷମାନେ ଯେଉଁ ଘର ତିଆରି କରୁଥିଲେ ସେମାନେ କୌଣସି ବାସ୍ତୁକଥାକୁ ବିଚାର କରୁ ନ ଥିଲେ। ସେତେବେଳେ ତ କିଛି ଅସୁବିଧା ହେଉ ନ ଥିଲା ? ଏବେ କିନ୍ତୁ ବାସ୍ତୁ ଅନୁସାରେ ଘର ନ କଲେ ମନ ଭିତରେ ଗୋଟିଏ ଆଶଙ୍କା ସୃଷ୍ଟି ହେଉଛି। କିଛି ଅସୁବିଧା ହେଲେ,ସିଧାସଳଖ ବାସ୍ତୁଦୋଷ ଆଡକୁ ମନ ପଳାଉଛି। ସବୁବେଳେ ନିଜକୁ ଯାହା ଭଲ ଲାଗେ, ଯାହା ସମସ୍ତଙ୍କ ପାଇଁ ସୁବିଧାଜନକ, ସେହି ଅନୁସାରେ ଘର ତିଆରି କଲେ କିଛି ବି ଅସୁବିଧା ହୋଇ ନ ଥାଏ। ଘର ଏକ ସ୍ଥାୟୀ ଜିନିଷ ହୋଇଥିବାରୁ ଭଲ ଭାବରେ ମଜଭୁତକରି ତିଆରି କରିବା ଭଲ। ଘରର ମୂଳଭିତ୍ତିକୁ ମଜଭୁତ କଲେ, ଘର ସୁଦୃଢ଼ ହୋଇଥାଏ। ଆଗାମୀ ୧୦୦ବର୍ଷକୁ ଆଖିଆଗରେ ରଖି ଘରତିଆରି କରିବା ଠିକ୍ ହେବ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ଉତ୍ତର ପ୍ରଦେଶର ପୂର୍ବତନ ବୈଜ୍ଞାନିକ କାମିନୀ ସିଂ ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେ ସଜନା ଚାଷ କରିବା ସହ ଅନ୍ୟମାନଙ୍କୁ ଏହି ଚାଷ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। କାମିନୀ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସବ୍‌ଟ୍ରପିକାଲ ହର୍ଟିକଲ୍‌ଚର( ସିଆଇଏସ୍‌ଏଚ୍) ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ ଆଣ୍ଡ ଆରୋମାଟିକ୍‌ପ୍ଲାଣ୍ଟସ୍(ସିଆଇଏମ୍‌ଏଆର୍)ରେ ବୈଜ୍ଞାନିକ ଭାବେ ୧୭ ବର୍ଷ କାମ କରିବା ପରେ ତାହାକୁ ଛାଡ଼ି ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୭ରେ ଲକ୍ଷ୍ନୌରେ ୭ ଏକର ଜମି ଲିଜ୍‌ରେ ନେଇ ସଜନା ଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଡ. ମର୍ନିଙ୍ଗା ପ୍ରାଇଭେଟ୍ ଲିମିଟେଡ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ସଜନାରୁ ୨୨ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ଚାଷରେ ଯୋଡ଼ିସାରିଲେଣି। ତାଙ୍କ କମ୍ପାନୀ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ(ଏଫ୍‌ପିଓ) ଏହି କୃଷକମାନଙ୍କୁ ସବୁପ୍ରକାର ସହଯୋଗ କରିଆସୁଛନ୍ତି। କୃଷକମାନେ ସେମାନଙ୍କ ଉତ୍ପାଦକୁ ଡକ୍ଟର ମର୍ନିଙ୍ଗା ପ୍ରାଇଭେଟ୍ କମ୍ପାନୀକୁ ଦେଇ ଅଧିକ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୭୬

- ରାଜ୍ୟର ବିଦ୍ୟୁତ୍ ବୋର୍ଡ ୧୦୦ କୋଟି ଟଙ୍କା ସାଧାରଣ ଋଣ ଉଠାଇ ପାରିବ ବୋଲି ରାଜ୍ୟ ବିଧାନସଭା ଅନୁମୋଦନ କରିଛନ୍ତି।
- ଗ୍ରାମ୍ୟ ଗୃହନିର୍ମାଣ ଯୋଜନା ନିମନ୍ତେ ବ୍ୟକ୍ତିବିଶେଷଙ୍କୁ ଋଣ ଦେବା ନିମନ୍ତେ ରାଜ୍ୟ ଗୃହ ନିର୍ମାଣ ବିଭାଗ ୧୧,୧୧୦୦୦ ଟଙ୍କା ମଞ୍ଜୁର କରିଛନ୍ତି।
- ପୂର୍ବତନ ବୈଦେଶିକ ସେକ୍ରେଟାରୀ କେୱଲ ସିଂହଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତର ନୂତନ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 2 | | | | |
| | | 6 | | 7 | 1 | 3 | | |
| | | | 3 | | | | | 9 |
| | | 5 | | | | | | |
| 8 | | 4 | | | 6 | | 5 | |
| | | | | | | 1 | | |
| | | | 6 | 5 | | | 9 | |
| | 6 | 2 | 7 | | | | | 4 |
| 3 | | 1 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 4 | 6 | 1 | 2 | 8 | 7 | 3 |
| 1 | 7 | 3 | 5 | 8 | 4 | 9 | 2 | 6 |
| 2 | 6 | 8 | 3 | 9 | 7 | 4 | 1 | 5 |
| 8 | 1 | 5 | 4 | 6 | 9 | 7 | 3 | 2 |
| 3 | 2 | 6 | 7 | 5 | 8 | 1 | 9 | 4 |
| 4 | 9 | 7 | 1 | 2 | 3 | 5 | 6 | 8 |
| 7 | 3 | 1 | 8 | 4 | 6 | 2 | 5 | 9 |
| 6 | 4 | 9 | 2 | 7 | 5 | 3 | 8 | 1 |
| 5 | 8 | 2 | 9 | 3 | 1 | 6 | 4 | 7 |

ଗତକାଲିର ଉତ୍ତର

# ଜେନ୍ ଜେଡ୍



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଜେନ୍ ଜେଡ୍ ଆଜିକାର ସାଂସ୍କୃତିକ, ସାମାଜିକ ଏବଂ ଆର୍ଥିକ ଭୂ-ରାଇଜକୁ ହଲାଇବାରେ ଲାଗିଛି। ସେମାନେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି, ଗୁରୁତ୍ୱପୂର୍ଣ୍ଣ ସାମାଜିକ ପରବର୍ତ୍ତନ ଏବଂ କ୍ରମାଗତ ଭାବରେ ବର୍ଦ୍ଧିଷ୍ଣୁ ବିଶ୍ୱ ସଂଯୋଗ ଦ୍ୱାରା ପରିଗଠିତ ପରିବେଶରେ ବଢ଼ିଛନ୍ତି। ନବେ ଦଶକର ଶେଷ ଏବଂ ୨୦୧୦ ଦଶକର ପ୍ରାରମ୍ଭ ମଧ୍ୟରେ ଜନ୍ମିତ ଶିଶୁମାନେ ଏକ ଡିଜିଟାଲ୍-ପ୍ରଥମ ବିଶ୍ୱରେ ବିତାଇଛନ୍ତି। ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ତୁରନ୍ତ ଯୋଗାଯୋଗ ସେମାନଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇପଡ଼ିଛି। ୨୦୨୫ ବେଳକୁ ସେମାନେ ପ୍ରାରମ୍ଭିକ କିଶୋର ଅବସ୍ଥାକୁ ଯାଉଛନ୍ତି। ଆଉ କିଛି ଏବେ ଯୁବାବସ୍ଥାରେ। ଏଇ ଯୁଗର ଛୁଆଙ୍କ ଭିତରେ ପ୍ରମୁଖ ଦର୍ଶନ ହେଲା ନାନ୍ଦନିକତା। ତାହା ବି ଭିନ୍ନ ଢଙ୍ଗରେ ଆପଣେଇବା ଏବଂ ପ୍ରଦର୍ଶିତ କରିବାର ମୋହ। ଏମାନଙ୍କୁ ଅନେକେ ହୁଏତ କହିପାରନ୍ତି ସଂସ୍କୃତି ବିରୋଧୀ, ଉଦ୍ଭଟ ଓ ଉଚ୍ଛୃଙ୍ଖଳିତ ଚରିତ୍ର ଛୁଆ। କିନ୍ତୁ ଏ କଥାକୁ ଗ୍ରହଣ କରା ନ ଯାଇପାରେ। ସେମାନେ ସଂସ୍କୃତି ଓ ପରମ୍ପରାପ୍ରେମୀ। କିନ୍ତୁ ଗତାନୁଗତିକ ପାରମ୍ପରିକ ଧାରାକୁ ଗ୍ରହଣ ନକରି ତାକୁ ଟିକେ ନୂଆ ରୂପ ଦେଇ ଗ୍ରହଣ କରିବାରେ ସେମାନେ ସିଦ୍ଧହସ୍ତ। ଜେନ୍ ଜେଡ୍ ହେଉଛି ପ୍ରଥମ ପ୍ରକୃତ ଡିଜିଟାଲ୍ ନେଟିଭ୍ ପିଢ଼ି, ଯିଏ ଇଣ୍ଟରନେଟ ସହିତ ବଞ୍ଚୁଛନ୍ତି। ସେମାନେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା ଦେଇ ଆସୁଛନ୍ତି।

ପ୍ରକୃତ, ପ୍ରାମାଣିକ ଅଭିଜ୍ଞତା ଖୋଜନ୍ତି ଏବଂ ସେସବୁକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ପ୍ରତିଫଳିତ କରିବାକୁ ଚେଷ୍ଟା କରିଥାନ୍ତି। ଲାଭ ବ୍ୟତୀତ ସ୍ପଷ୍ଟ ଉଦ୍ଦେଶ୍ୟ ଥିବା ସଂଗଠନ ସହିତ ଜଡିତ ହେବା ଏବଂ ସମର୍ଥନ କରିବାକୁ ଅଧିକ ପସନ୍ଦ କରନ୍ତି। ବିଶେଷକରି ସ୍ଥିରତା ଏବଂ ସାମାଜିକ ମଙ୍ଗଳ ସମ୍ବନ୍ଧୀୟ କାର୍ଯ୍ୟ ପ୍ରତି ବେଶ୍ ସଚେତନ। ଜେନ୍ ଜେଡ୍ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ସମର୍ଥନ କରୁଥିବା ଏକ ସଂସ୍କୃତିକୁ ପ୍ରାଥମିକତା ଦେଇ କର୍ମକ୍ଷେତ୍ର ଆଶାକୁ ବହୁଗୁଣିତ କରିଥାନ୍ତି। ପାରମ୍ପରିକ ପ୍ରଥା ଏବଂ ଛୁଟିଦିନ ସଂସ୍କୃତିକୁ ହ୍ରାସ କରିବାକୁ ଚେଷ୍ଟା କରିଥାନ୍ତି। ସେମାନେ କାମ ବିଷୟରେ ବାସ୍ତବବାଦୀ। ଆର୍ଥିକ ସ୍ୱଚ୍ଛଳ ଓ ସ୍ୱାଧୀନଚେତା ସଂଚୟ ଏବଂ ନିବେଶ କରିବାରେ ପାରଦର୍ଶିତା ହାସଲ କରିଛନ୍ତି। ବିଶ୍ୱ ମାନ୍ଦାବସ୍ଥାବେଳେ ଜନ୍ମିତ ହୋଇଥିବାରୁ ବାଲ୍ୟାବସ୍ଥାରେ ଅଭିଭାବକଙ୍କ ଆର୍ଥିକ ସ୍ଥିତିକୁ ପରଖିଛନ୍ତି। ସେଭଳି ସମୟ ଦେଇ ନିଜ ଜୀବନକୁ ପରିଚାଳିତ କରିବାକୁ ଆଗ୍ରହ ପ୍ରକଟ କରନ୍ତିନି। ଟଙ୍କା ସହିତ ବହୁତ ଚତୁର। ୫୯ ପ୍ରତିଶତରୁ ଅଧିକ ଏଇ ଯୁଗର ପିଲା ଟଙ୍କା ସଞ୍ଚୟ କରିବା ପାଇଁ ଯୋଜନା କରନ୍ତି ଏବଂ ଅନ୍ୟ ପିଢ଼ିକୁ ପଛରେ ପକାଇଛନ୍ତି। ନିବେଶ କ୍ଷେତ୍ରରେ ସେମାନେ ଅନ୍ୟ ପିଢ଼ିଠାରୁ ବହୁ ଆଗରେ। ସେହିପରି ଏକ ପରିସଂଖ୍ୟାନ ଅନୁସାରେ ଜେନ୍ ଜେଡ୍ ବିବାହିତଙ୍କ ସଂଖ୍ୟାରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି ଏବଂ କିଶୋରଙ୍କ ସଂଖ୍ୟାରେ ୨୩ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି ୧୯ ପ୍ରତିଶତ ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣକାରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୩୯ ପ୍ରତିଶତ ଜେନ୍ ଜେଡ୍ ଯୁବକ ଆଗାମୀ ଛଅ ମାସରେ ଏକ ନୂତନ ଚାକିରି ଖୋଜିବା ଲୟରେ ରହିଥାନ୍ତି। ସେମାନେ ଗୋଟିଏ ସ୍ଥାନରେ ସ୍ଥାଣୁ ହୋଇ କାମ କରିବାକୁ ପସନ୍ଦ କରନ୍ତିନି। କାର୍ଯ୍ୟ-ଜୀବନ ସନ୍ତୁଳନକୁ ଗୁରୁତ୍ୱ ଦିଅନ୍ତି ଏବଂ ସେମାନଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଏବଂ ଲକ୍ଷ୍ୟ ସହିତ ସମନ୍ୱିତ



ଚାକିରି ଖୋଜିଥାନ୍ତି। କର୍ମରେ ପ୍ରତିବଦ୍ଧତା ପ୍ରଦର୍ଶନ ସହ ନିଜସ୍ୱ ଅଭିବୃଦ୍ଧି ଏବଂ ସନ୍ତୋଷକୁ ପ୍ରାଧାନ୍ୟ ଦେଇଥାନ୍ତି। ଏହି କାରଣରୁ ଲକ୍ଷ୍ୟ ପ୍ରାପ୍ତି ପାଇଁ ନିଜକୁ ସବୁଦିଗରୁ ଫିଟ୍ କରିବାକୁ ସର୍ବଦା ଚେଷ୍ଟିତ।

ଏଇ ପିଢ଼ିର ପିଲା ପରିବେଶ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସୋସିଆଲ ମିଡିଆରେ ଆନ୍ଦୋଳନକୁ ବ୍ୟାପକ କରିଥାନ୍ତି ଏବଂ ପ୍ରଭାବୀ ଢଙ୍ଗରେ ଉପସ୍ଥାପନା କରିଥାନ୍ତି। କାମବେଳେ ଧୁମ୍ କାମ ଏବଂ ଅବସର ସମୟରେ ଦୁଃସାହସିକ ଯାତ୍ରା, ପରିଭ୍ରମଣ, ସମାଜସେବା ପ୍ରତି ବିଶେଷ ରୁଚି ରଖନ୍ତି। ନିଜ ଉପାର୍ଜନର କିଛି ଅର୍ଥ ସାମାଜିକ ସେବାରେ ବ୍ୟୟ ଲାଗି ବି ପଛଘୁଞ୍ଚା ଦିଅନ୍ତିନି। ଏହା ଏକ ଶୁଭ ସଂକେତ। ଏସବୁ ଭିତରେ ବଡ଼ ଆହ୍ୱାନଭରା କଥା ହେଲା ସେମାନେ ଅଧିକତଃ ଚିନ୍ତାର ଶିକାର ହୁଅନ୍ତି। ପୂର୍ବ ପିଢ଼ି ଅପେକ୍ଷା ଅଧିକ ବ୍ୟବହାରିକ ଏବଂ ଶୀଘ୍ର ପରିପକ୍ୱ ହୋଇଥିଲେ ବି ମାନସିକ ସ୍ୱାସ୍ଥ୍ୟ ଏବେ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଅଳ୍ପ ନିଦ୍ରା, କମ୍ ଆହାର, ବାହାର ଖାଦ୍ୟ ପ୍ରତି ରୁଚି, ମନ ଓ ଶରୀରକୁ ଥକ୍କା ମେଣ୍ଟାଇବା ଲାଗି ସୁଯୋଗ ନ ଦେବା ଏବଂ ସର୍ବୋପରି ଅଭିଭାବକଙ୍କଠାରୁ ଦୂରରେ ଏକାକୀ ଜୀବନ ବିତେଇବା ଯୋଗୁ ଏ ଯୁଗର ପିଲାଙ୍କ ଭିତରେ ମାନସିକ ଅସୁସ୍ଥତା ଅଧିକ। ଏହି ପିଢ଼ି ଯେତେବେଳେ କୌଣସି ସମସ୍ୟାର ସମାଧାନ କରିବାରେ କିମ୍ବା କିଛି ଗବେଷଣା କରିବାରେ ଅଥବା ଏକ କଠିନ ଧାରଣା ପାଇବାରେ ଆବଶ୍ୟକ କରନ୍ତି ସେତେବେଳେ ଗୁରୁଜନଙ୍କ ପ୍ରତି ଆସ୍ଥା ଅପେକ୍ଷା ଏଆଇ ଆଡକୁ ମୁହାଁଇଥାନ୍ତି। ସେମାନଙ୍କ ଦୃଢ଼ ଧାରଣା ମାତାପିତା ଗୁରୁଜନଙ୍କୁ ଜଣାଇ ଗାଳି ଶୁଣିବା ଅପେକ୍ଷା ଏଆଇରୁ ସମାଧାନ ଖୋଜିବା ବରଂ ଭଲ। ଏହି କାରଣରୁ ଅନେକ ସମୟରେ ଅପରିପକ୍ୱ ସିଦ୍ଧାନ୍ତ ନେଇଥାନ୍ତି, ଯାହା ଜୀବନକୁ ବିପନ୍ନ କରି ଦେଇଥାଏ।

ସେମାନଙ୍କର ବଡ଼ ଧାରଣା ଏବଂ ବଡ଼ ଲକ୍ଷ୍ୟ ଅଛି। ତା ସହିତ ସେମାନେ ଯେଉଁ ବିଶ୍ୱରେ ପାଦ ଦେଉଛନ୍ତି ସେ ବିଷୟରେ ବାସ୍ତବବାଦୀ ମଧ୍ୟ। ଏସବୁ ସତ୍ତ୍ୱେ ସେମାନଙ୍କ ଭିତରେ ଥିବା ଅଦ୍ଭୁତ ଖିଆଲ ଓ ନୂଆକରି ଦେଖାଇବାର ମାନସିକତା ଅନେକ ସମୟରେ ବୁମେରାଂ ହୋଇପଡ଼ିଥାଏ। ଏ ସମୟରେ ଅଭିଭାବକମାନେ ସେମାନଙ୍କ ରୁଚି ଓ ଆଗ୍ରହକୁ ପରଖିବା ଆବଶ୍ୟକ। ନିଜର ଇଚ୍ଛାକୁ ଲଦି ଦେବାକୁ ଚେଷ୍ଟା କଲେ ପରିସ୍ଥିତି ଭୟଙ୍କର ହୋଇପାରେ। ସେମାନଙ୍କ ଭିତରେ ପରିଦୃଶ୍ୟ ଅପାର କର୍ମଶକ୍ତି, ବଜାର ପ୍ରତି ସଚେତନ ଏବଂ ସାମାଜିକ ଆନ୍ଦୋଳନକୁ ପରିଚାଳନା କରିବାର ଶକ୍ତିଶାଳୀ ଶକ୍ତି ସୁଚାରୁ ରୂପରେ ନିୟୋଜିତ ନ ହୋଇ ଅବାଟକୁ ଚାଲିଗଲେ ରାଷ୍ଟ୍ର ପ୍ରତି ବିପଦ ହୋଇପାରେ। ପ୍ରତ୍ୟେକ ମାତାପିତା, ଶାସନ, ପ୍ରଶାସନ ଏଇ ପିଢ଼ିର ଛୁଆର ପାରଙ୍ଗମତା ପ୍ରତି ଯେତିକି ଖୁସି ହେବା ଜରୁରୀ ତାଠାରୁ ଅଧିକ ଭାବରେ ସେମାନଙ୍କର ଦକ୍ଷତାର ସଦୁପଯୋଗ ଲାଗି ସଚେତନ ହେବା ଅନିବାର୍ଯ୍ୟ। ସାମାନ୍ୟ ଭୁଲ ପଦକ୍ଷେପ ହୁଏତ ଆଜିକାର ନେପାଳର ପରିସ୍ଥିତି ଭଳି ହୋଇପାରେ। ସଂସ୍କୃତି, ପରମ୍ପରା ଓ ପରିବେଶର ସଂରକ୍ଷଣ ସହ କିଶୋର ଓ ଯୁବ ଶକ୍ତିକୁ ଠିକ୍ ମାର୍ଗଦର୍ଶନ ହେବା ଜରୁରୀ। ସେମାନେ ବି ସଂସ୍କୃତି ଓ ପ୍ରକୃତିପ୍ରେମୀ। ଯାହା ଖାଲି ରୁଚି ଅଲଗା। ସେଇ ରୁଚିରେ ଯାହା ଆବଶ୍ୟକ ତାକୁ ପରଖିବା ବିଧେୟ। କାରଣ ଏବେ ତ ଜେନ୍ ଜେଡ୍‌କୁ ବିଶ୍ୱ ଦେଖୁଛି ଓ ଭୋଗୁଛି। ଆଗକୁ ଆସୁଛି ଜେନ ଆଲ୍‌ଫା। ଜେଡ୍‌ର ପରିବର୍ତ୍ତିତ ସ୍ୱରୂପ ଯାହା ଅଧିକ ଶାଣିତ ଓ ପ୍ରଖର ମଧ୍ୟ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଚିରନ୍ତନୀ

ନାହିଁ, ନାହିଁ, ନୁହେ ସହି
ବ୍ୟଥିତ ସେ କାତର ମିନତି
ନାହିଁ ତ ଶକତି
ଧରାର ପରାଣୀ ଅଙ୍ଗେ, ସହିବାକୁ
ସେ କରୁଣ ଦୃଷ୍ଟି
ନିମିଷେ ଯେ ତରଳାଏ
କଠିନ କଠୋର ଶିଳାସୃଷ୍ଟି !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଷାକ୍ତ ହେଉଛି ମହାନଦୀ ଓ କାଠଯୋଡ଼ି

ମହାଶୟ,

କଟକ ସହରରୁ ବାହାରୁଥିବା ଆବର୍ଜନା ପାଣିକୁ ବିନା ବିଶୋଧନରେ ଖାନନଗର ନିକଟରେ କାଠଯୋଡ଼ିକୁ ଛଡ଼ାଯାଉଛି। ଫଳରେ କାଠଯୋଡ଼ି ଏବେ ବିଷାକ୍ତ ପାଲଟିଗଲାଣି। ଅନ୍ୟପଟେ କଟକ ରେଳଷ୍ଟେଶନ ନିକଟରୁ ବାହାରିଥିବା ବିଏସ୍‌ଡବ୍ଲ୍ୟୁସି ଡ୍ରେନ୍ ଯୋବ୍ରା ରାଧାକୃଷ୍ଣ ଲେନ, ଯୋବ୍ରା ପଡ଼ିଆ ଦେଇ ଶନି ମନ୍ଦିର ନିକଟରେ ମହାନଦୀରେ ପଡ଼ିଛି। ସହରର ବର୍ଜ୍ୟପାଣି ଯୋଗୁ ଦୁଇ ନଦୀର ପାଣି ଏବେ ଆଉ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ପାଣିର ରଙ୍ଗ କଳା ହେବା ସହ ଏଥିରେ ଗାଧୋଇଲେ ଲୋକଙ୍କ ଦେହରେ ଧଳା ଦାଗ ସୃଷ୍ଟି ହେବା ସହିତ ଚର୍ମରୋଗ ଦେଖାଯାଉଛି। ଦୂଷିତ ପାଣି ଯୋଗୁ ଅନେକ ସମୟରେ ନଦୀରେ ମାଛ ମରି ଭାସୁଥିବା ଦେଖିବାକୁ ମିଳୁଛି। ସହରର ନର୍ଦ୍ଦମା ପାଣିକୁ ସିଧାସଳଖ ନଦୀ ମଧ୍ୟକୁ ଛାଡ଼ିବା ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଅଙ୍କୁଶ ଲଗାଇଛନ୍ତି। ମାତ୍ର ଦୀର୍ଘ ବର୍ଷ ଧରି ନର୍ଦ୍ଦମା ପାଣିକୁ ବିଶୋଧନ କରିବା ଦିଗରେ ପୌର ନିଗମ ପକ୍ଷରୁ କୌଣସି ଉଦ୍ୟମ କରାଯାଉ ନାହିଁ।

**-ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମଦ ଜବତ, ଅଭିଯୁକ୍ତ ଗିରଫ**

ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର): ବାଘମାରୀ ଥାନା ପୋଲିସ ସାରୁଅ ଗ୍ରାମରେ ଚଢ଼ାଉ କରି ଚିନ୍ତାମଣି ସୁତୁକିଙ୍କଠାରୁ ଆସ୍କା ଫଟି ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ୪ ଲିଟର ୬୦୦ ଆସ୍କା ଫଟି ମଦ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ବାଣପୁର,୧୭।୯(ବିଳାପ କୁମାର ସ୍ୱାଇଁ): ସାପ କାମୁଡ଼ାରେ ବୁଧବାର ଜଣେ ୪ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ବ୍ଲକ ସାନକଟୁଆଡ଼ ଗ୍ରାମର ପ୍ରଦିପ୍ତ ରାଉଳଙ୍କ ପୁଅ ରାମ ପ୍ରସାଦ ରାଉଳ। ସୂଚନା ମୁତାବକ, ପରିବାର ପ୍ରତିପୋଷଣ ପାଇଁ ପ୍ରଦିପ୍ତ ବିଦେଶ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଓ ପୁଅ ରାମ ପ୍ରସାଦ ଗ୍ରାମରେ ରହୁଥିଲେ। ତେବେ ଛିଣ୍ଡିଆସ ହେବ ପ୍ରଦିପ୍ତଙ୍କ ସ୍ତ୍ରୀ ପୁଅ ସହ ବାପଘର ବେଙ୍କୁଲିହିଦ୍ ଗ୍ରାମକୁ ଆସିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ପରିବାରର ସମସ୍ତେ ଶୋଇଥିବା ବେଳେ ଏକ ସାପ ରାମପ୍ରସାଦଙ୍କୁ କାମୁଡ଼ି ଦେଇଥିଲା। ଫଳରେ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବାଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ଚୋରା ବନ୍ଧୁକ କାରବାରରେ ଗିରଫ ବୁଲୁଙ୍କ ସହିତ ବିଧାୟକଙ୍କ ଫଟୋକୁ ନେଇ ପ୍ରଶ୍ନ ଉଠାଇଲେ ସୋନାଲି

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ): କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏକ ବଡ଼ ବନ୍ଧୁକ ର୍ୟାକେଟକୁ ଧରିଛି। ରାଜଧାନୀରେ ବନ୍ଧୁକ ବିକ୍ରି କରୁଥିବାବେଳେ ଝାଡ଼ଖଣ୍ଡ ଡିଲରଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଲୋହାରଦାଗା ଜିଲାର ମହେଶ କୁମାର ଶାହା ଓରଫ ଟିପୁ (୫୦), ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ମହମ୍ମଦ ଶେଖାବତ୍ (୪୮) ଓ ଜଙ୍କିଆ ଥାନା ଅଞ୍ଚଳର ଫିରୋଜ ଅଲ୍ଲୀ ଖାନ ଓରଫ ବୁଲୁ (୫୩)। ତେବେ ବୁଲୁ ଭାଜପାର ଜଣେ ସକ୍ରିୟ ସଦସ୍ୟ ହୋଇଥିବା ବେଳେ ଭୁବନେଶ୍ୱର ଏମ୍‌ପି ଏବଂ ଖୋର୍ଦ୍ଧା ବିଧାୟକଙ୍କ ଘନିଷ୍ଠ ସହଯୋଗୀ ବୋଲି କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଅଭିଯୋଗ ଆଣିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସୋନାଲି ଅଭିଯୋଗ ଆଣିଛନ୍ତି ଯେ, ବିଧାୟକଙ୍କ ସହଯୋଗରେ ବୁଲୁ ଚୋରା ବନ୍ଧୁକ କାରବାର କରୁଥିଲେ। ବିଧାୟକଙ୍କ ଜନ୍ମଦିନରେ ମଧ୍ୟ ବୁଲୁ ଉପସ୍ଥିତ ଥିବା ଫଟୋ ଭାଇରାଲ ହେଉଛି। ଚୋରା ବନ୍ଧୁକ ବେପାରୀ ବୁଲୁଙ୍କ ସହ ସମ୍ପର୍କ କ'ଣ ବିଧାୟକ ସ୍ପଷ୍ଟ କରନ୍ତୁ ବୋଲି ସୋନାଲି କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଖୋର୍ଦ୍ଧା ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଗ୍ରାମର ସାମୂହିକ ଉନ୍ନତି ପାଇଁ ଆଲୋଚନା

ଟାଙ୍ଗୀ,୧୭।୯(ରଘୁନାଥ ସାହୁ): ଚିଲିକା ବ୍ଲକ ଅନ୍ତର୍ଗତ ଚଣ୍ଡେଶ୍ୱର ପଞ୍ଚାୟତ ବଡ଼ପୋଖରିଆ ପାଟଣାଠାରେ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମହିଳାମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ମହିଳା ସଶକ୍ତୀକରଣ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ମୃତ୍ତିକା ସଂରକ୍ଷଣ, ରାସ୍ତା ନିର୍ମାଣ, ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବାସନ୍ତି ସ୍ୱାଇଁ, ନିଲୁ ସାହୁ, ମୀରାବାଇ ସାହୁ, ସବିତା ପେଣ୍ଡେଇ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅବଗତ କରାଯିବା ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଛି।

### ଶିକ୍ଷକ ଲକ୍ଷ୍ମୀଧରଙ୍କ ପରଲୋକ

ବେଗୁନିଆ/ବୋଲଗଡ଼,୧୭।୯ (ସନ୍ଧ୍ୟାରାଣୀ ମିଶ୍ର/ଦେବବ୍ରତ ହୋତା): ବେଗୁନିଆ ଥାନା ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବାରବାଟୀ ବିଶ୍ୱନାଥପୁର ଗ୍ରାମର ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର(୫୫)ଙ୍କ ବୁଧବାର ସକାଳେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ବେଗୁନିଆ ନିକଟ କଡ଼ବ ପଞ୍ଚାୟତ ଅନ୍ତର୍ଗତ ଚଟୁଆ ଗ୍ରାମସ୍ଥିତ ଦେବୀ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଭାବେ କାର୍ଯ୍ୟ କରୁଥିଲେ। ଏତଦ୍‌ବ୍ୟତୀତ କବିତା ରଚନା, ମଞ୍ଚ ସଂଯୋଜନା ସହ ସେ ଜଣେ ସାହିତ୍ୟିକ, କବି ଓ ଇତିହାସ ଗବେଷକ ଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଧର୍ମପରାୟଣ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପରିବର୍ତ୍ତିତ ଜଳବାୟୁକୁ ରୋକିବ ଚାରାରୋପଣ

## ଜିଲାସ୍ତରୀୟ ଏକ୍ ପେଡ୍ ମା'କେ ନାମ୍ ୨.୦ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ବୁଧବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଏକ୍ ପେଡ୍ ମା'କେ ନାମ୍୨.୦ କାର୍ଯ୍ୟକ୍ରମ ପଲ୍ଲାଟୋଟାପଡ଼ା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାଟିଏ ରୋପଣ କରି ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଏକ୍ ପେଡ୍ ମା'କେ ନାମ ଅଭିଯାନରେ ରାଜ୍ୟ ସରକାର ସମଗ୍ର ଓଡ଼ିଶାରେ ୭୫ଲକ୍ଷ ଚାରାରୋପଣ କରୁଛନ୍ତି। ଖୋର୍ଦ୍ଧା ଜିଲାର ପ୍ରତ୍ୟେକ ନାଗରିକ ଘରଠାରୁ ଆରମ୍ଭ କରି ରାସ୍ତାପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଚାରାରୋପଣ କରି ତାହାର ଯତ୍ନ ନିଅନ୍ତୁ। ଏହି ଅଭିଯାନ ଲକ୍ଷ୍ୟ ଚାରାଟିଏ ଲଗାଇବା ନୁହଁ ବରଂ ମା' ପ୍ରତି ସମ୍ମାନ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା। ସାମ୍ପ୍ରତିକ ପରିସ୍ଥିତିରେ ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ ସ୍ଥିତି ଦେଇ ଗତି କରୁଛି। ପରିବେଶ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଚାରାରୋପଣ ଏକ ଉପଯୁକ୍ତ ମାଧ୍ୟମ। ସରକାରୀ ସ୍ତରରେ ଯେତେ ଉଦ୍ୟମ ହେଲେ ବି ଯେ ପର୍ଯ୍ୟନ୍ତ ନାଗରିକମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ସମ୍ଭବ ନୁହଁ। ମାଟି ମାଆର ସୁରକ୍ଷା ପାଇଁ ସଙ୍କଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ବିକଶିତ ଖୋର୍ଦ୍ଧା, ବିକଶିତ ଓଡ଼ିଶା ପାଇଁ ବ୍ୟକ୍ତିଗତ ସ୍ତରରେ ନିଜର ଯୋଗଦାନ ରଖନ୍ତୁ। ଏହି ଅଭିଯାନରେ ସାମିଲ ହୋଇ ଚାରାଟିଏ ଲଗାଇ ସୁସ୍ଥ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାରି ହେବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦାୟନନ୍ଦ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ସ୍ଥାନୀୟ ସରପଞ୍ଚ ମନପ୍ରିତ୍ ମହାନ୍ତି ପ୍ରମୁଖ ଧରିତ୍ରୀ ମାତା ପାଇଁ ଗଛଟିଏ ଅଭିଯାନରେ ଯୋଗଦେଇ ଚାରାରୋପଣ କରିଥିଲେ।



ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ତରତୁଆସ୍ଥିତ ସଂରକ୍ଷିତ ପୋଲିସ କ୍ୟାମ୍ପସ୍‌ରେ ବୁଧବାର ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଏବଂ ପୋଲିସ ଅଧିକାରୀମାନେ।

## ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ତରତୁଆସ୍ଥିତ ସଂରକ୍ଷିତ ପୋଲିସ କ୍ୟାମ୍ପସ୍‌ରେ ବୁଧବାର ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ଚାରାଟିଏ ରୋପଣ କରି ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। କ୍ୟାମ୍ପସ୍ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି (ହେଡକ୍ୱାର୍ଟର) ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଏସ୍‌ପି(ଡିଆଇବି) ଅନାଦି ସେଠୀ, ସଦର ଡିଏସ୍‌ପି ଅନିଲ ମହାନ୍ତି, ଇନ୍‌ସ୍ପେକ୍ଟର ତାରିକ୍ ଅହମ୍ମଦ, ସଂରକ୍ଷିତ ପୋଲିସ(ଆରଓ) ଆରକ୍ଷୀ ନିରୀକ୍ଷକ ଏସ୍. କେ. ଜେନା, ସହ ନିରୀକ୍ଷକ ସୌମେନ୍ଦ୍ର ବରାଳ, ଖବରଦାତା ପ୍ରକାଶ ହାତୀ, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରଭାତ ପାଣିଗ୍ରାହୀ, ହାବିଲ୍‌ଦାର ଓ କନ୍‌ଷ୍ଟେବଲ ଆସୋସିଏଶନ ସଭାପତି ଗିରିଧାରୀ ମାଝି, ସମ୍ପାଦକ ସଞ୍ଜୟ ସେନାପତି, ମସି ଅହମ୍ମଦ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ଡିଜିପି



ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଖୋର୍ଦ୍ଧାସ୍ଥିତ ୬ଷ୍ଠ ଭାରତ ସଂରକ୍ଷିତ ବାହିନୀ (୬ଷ୍ଠ ଆଇଆର୍‌ବି) କ୍ୟାମ୍ପସ୍‌ରେ ବ୍ୟାୟାମଶାଳା ଉଦ୍‌ଘାଟନ କରିବା ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରି ପରିବେଶ ସୁରକ୍ଷା, ସନ୍ତୁଳନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ କରିବା ପାଇଁ ଆହ୍ୱାନ କରିଥିଲେ। ବୁଧବାର ରାଜ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ସମସ୍ତ ବାଟାଲିୟନ, ଜିଲା ପୋଲିସ ମୁଖ୍ୟାଳୟ, ଥାନା ପରିସରରେ ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଶରୀର ସୁସ୍ଥତା ପାଇଁ ଦୈନନ୍ଦିନ ଜୀବନରେ ବ୍ୟାୟାମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଜେ(ଏସ୍‌ଏପି) ରାଜେଶ କୁମାର, ଏଡିଜେ(ହେଡ୍‌କ୍ୱାର୍ଟର) ଦୟାଲ ଗଙ୍ଗୱାର, ଏଡିଜେ (ଆଇନଶୃଙ୍ଖଳା) ସଞ୍ଜୟ ସିଂ, ଏଡିଜେ (ପ୍ରୋବେନସନ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି (ଗୁଇନ୍ଦା) ଜୟନାରାୟଣ ପଙ୍କଜ, ଡିଆଇଜି ଅବିନାଶ କୁମାର, ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ୬ଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡିଜିପିଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଚାରାଟିଏ ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ।

# ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବୋଲଗଡ଼,୧୭।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଓ ସଦସ୍ୟାମାନେ ବୁଧବାର ବୋଲଗଡ଼ ଆଞ୍ଚଳିକ ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ଏସ୍‌ଏଚ୍‌ଜି ଗାଇଡ୍‌ଲାଇନକୁ ସେମାନେ ବିରୋଧ କରୁଥିବା ବେଳେ ଏହା ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଥିବାରୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୋଲଗଡ଼ ବିଡିଓ ସୁମନସୁଧା କୁଣ୍ଟୁଙ୍କୁ ପ୍ରଦାନ କରିଛନ୍ତି। ବ୍ଲକ, ପଞ୍ଚାୟତଗୁଡ଼ିକରେ କାର୍ଯ୍ୟରତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପରିଚାଳନା କମିଟି ପୁନର୍ଗଠନ ନେଇ ନୂତନ ସରକାର ଆଣିଥିବା ଗାଇଡ୍‌ଲାଇନ (ମାର୍ଗଦର୍ଶିକା) ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ ହୋଇଥିବା ବେଳେ ଆସନ୍ତା ୧୯ ତାରିଖରେ ଏହାର ରାୟ ପ୍ରକାଶ ପାଇବ। ସେ ପର୍ଯ୍ୟନ୍ତ ଏହି ଗାଇଡ୍‌ଲାଇନ ଅନୁଯାୟୀ ପୁନର୍ଗଠନ କାର୍ଯ୍ୟ ବନ୍ଦ ରଖିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ କୁଣ୍ଟୁ କହିଛନ୍ତି ଯେ, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ ହେଉଛି। ତେବେ ଆଞ୍ଚଳିକ ମହାସଂଘର ଦାବି ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବ।

# ଜଟଣୀ ମହାବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ

ଜଟଣୀ,୧୭।୯(ରବୀନ୍ଦ୍ରନାଥ ମହାକୁଡ଼)

ବିଶ୍ୱ ଓଜୋନ ଦିବସ ଅବସରରେ ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟକ୍ଷା ଡ. ସ୍ୱପ୍ନା ମଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଭାଗୀୟ ଶେଷବର୍ଷ ଛାତ୍ରୀ ପାୟଲ ପ୍ରିୟଦର୍ଶିନୀ ଓଜୋନ ସ୍ତରର କ୍ଷଣତା ଓ ତା'ର ପରିବେଶ ଉପରେ ପଡୁଥିବା କୁପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲା ବେଳେ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଡ. ତପନ ମିଶ୍ର, ଡ. ଅମିତ ବିକ୍ରମ ପଟ୍ଟନାୟକ, ବି.ପି. ବିଜୟଶଙ୍କର, ଆଶ୍ଚର୍ଯ୍ୟ କର ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ କୁମାରେଶ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଡ. ସ୍ମରଣିକା ନାୟକ, ରଶ୍ମିରେଖା ମହାନ୍ତି ଏବଂ ଯାଜ୍ଞସେନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲୁଗାଁ କଲେଜ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ବାଲୁଗାଁ,୧୭।୯(ସଂଗ୍ରାମ ପାଇକରାୟ): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି 'ମା' ପାଇଁ ଗଛଟିଏ' ସଙ୍କଳ୍ପ ନେଇ ପ୍ରତ୍ୟେକ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ। ଏହାପରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ରିନା ରାଉତ, କୈଳାସ ଚନ୍ଦ୍ର ମହାରଣା, ଏନ୍‌ସିସି ଅଧିକାରୀ ଚନ୍ଦନ ନାୟକ, ଯୁବ ରେଡକ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ଧୋବି ଚରଣ ପରିଡା, ରୋଭର ରେଞ୍ଜର ଅଧିକାରୀ ସ୍ନିଗ୍ଧାରାଣୀ ମୁଦୁଲି, ଦୀପକ ପରିଡାଙ୍କ ସମେତ ମୋନାଲିସା ମାନସିଂହ, ଅଧାପକ ପ୍ରବୀଣ କୁମାର ଜେନା, ବିଦ୍ୟାଧର ଝୁଟରସିଂହ, ମନୋଜ ନାୟକ, ବିମଳ କୁମାର ପଣ୍ଡା, ଝରଣା ନାଥ, ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ଉମାକାନ୍ତ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ କଳିଯୁଗେଶ୍ୱର ଯାଇ ସେଠାରେ ପାହାଡ଼ ତଳେ ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଚିଲିକା ବ୍ଲକ ସିଙ୍ଗେଶ୍ୱର ସରପଞ୍ଚ ସ୍ନେହଲତା ସେଠୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

**ସାଧାରଣ ସୂଚନା**

ସାଧାରଣ ଜନତାଙ୍କୁ ଏହା ଜଣାଇବାକୁ ଚାହୁଁଛୁ ଯେ **୦୭.୦୭.୨୦୨୫** ରୁ ଲାଗୁ ହେବା ପରେ, **ଆସୋଟେକ୍ ସନ୍ ଗ୍ରୋଥ୍ ଆବୋଡ୍ ଏଲଏଲପି** ର ନିମ୍ନଲିଖିତ ସଂସ୍ଥା/ବ୍ୟକ୍ତିବିଶେଷଙ୍କ ସହିତ କୌଣସି ପ୍ରକାରର ସମ୍ପର୍କ, ଯୋଗାଯୋଗ କିମ୍ବା ସଂପୃକ୍ତତା ନାହିଁ:

- **କ୍ୟାପଡିଲ୍ ରିଅଲ୍ଟି କେୟାର ପ୍ରାଇଭେଟ୍ ଲିମିଟେଡ୍**
- **ପ୍ରୋପେଲ୍ ରିଅଲ୍ଟି ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍**
- **ଶ୍ରୀ ଶକ୍ତି ସ୍ୱରୂପ ମିଶ୍ର**
- **ଶ୍ରୀମତୀ ବିଟିମଳା ପାଣିଗ୍ରାହୀ / ବିଟିମଳା ମିଶ୍ର**

ଯେ କୌଣସି ବ୍ୟକ୍ତି ବା ସଂସ୍ଥା ଉପରୋକ୍ତ ଉଲ୍ଲେଖିତ ବ୍ୟକ୍ତି ବା ସଂସ୍ଥାମାନଙ୍କ ସହିତ କୌଣସି ପ୍ରକାରର ବ୍ୟବହାର କିମ୍ବା ଲେନଦେନ କରିଥିବେ, ସେହିଥିରେ ସେମାନଙ୍କର ନିଜସ୍ୱ ଝୁମ୍ପରି, ଖର୍ଚ୍ଚ ବା ଅନୁପରିଣାମ ହେବ। ଆସୋଟେକ୍ ସନ୍ ଗ୍ରୋଥ୍ ଆବୋଡ୍ ଏଲଏଲପି ବା ଆସୋଟେକ୍ ଗ୍ରୁପ୍ କୌଣସି ପ୍ରକାରର ଅନଧିକୃତ ବ୍ୟବହାର ପାଇଁ ଦାୟୀ ନ ହେବେ।

ଟିମ୍ ଲିଗାଲ୍
ଆସୋଟେକ୍ ସନ୍ ଗ୍ରୋଥ୍ ଆବୋଡ୍ ଏଲଏଲପି
(ଆସୋଟେକ୍ ଗ୍ରୁପ୍)

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, **ବ୍ୟାଙ୍କର ଅଫିସର୍ସ କଲୋନି ନୟାପଲ୍ଲୀ, ଭୁବନେଶ୍ୱର ଓଡିଶାରେ ଗ୍ରେଡ "ଏ" ଫ୍ଲାଟ (6 ଟି)ର ବୈଦ୍ୟୁତିକ ନବୀକରଣ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।**

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ସମ୍ପଦା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଅକ୍ଟୋବର 03, 2025 ଅପରାହ୍ଣ 02:00 ଟା** ଅଟେ ।

** କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଏସ୍‌ଆର୍‌ସି-ଏସ୍‌ଟି-୨୫-୨୬-କେଓଇଏଲ୍,** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ **www.ireps.gov.in** ରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକକ ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଠିକାଦାରମାନଙ୍କୁ **www.ireps.gov.in** ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜକୁ ଯତ୍ନର ସହ ପଢ଼ନ୍ତୁ । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି, ଶାଲିମାର, ପଦ୍ମପୁକୁର କୋଚିଂ ଡିପୋଠାରେ ଡିଜି ସେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ସମେତ ପ୍ରାଥମିକ ରକ୍ଷଣାବେକ୍ଷଣ ରେକ୍‌ର ପାୱାର କାର୍‌ଗୁଡ଼ିକରେ ଫିଟ୍ ହୋଇଥିବା ଏହାର ଆସେସୋରିଜ୍ ସହିତ ବିଭିନ୍ନ ରେକ୍‌ଗୁଡ଼ିକର ପାୱାର କାର୍‌ଗୁଡ଼ିକରେ ସ୍ଥାପିତ 'କେଓଇଏଲ' ମେକ୍ ଡିଜି ସେଟ୍ (୫୦୦ କେଭିଏ)ଗୁଡ଼ିକର ଏସ୍‌କର୍ଟିଂ, ପରିଚାଳନା, 'ଏ', 'ବି' ଓ 'ସି' ଯାଞ୍ଚ କରିବା । **ଟେଣ୍ଡର ମୂଲ୍ୟ: ₹୧୩,୫୪,୮୭,୮୨୭.୩୩ । ଇଏମ୍‌ଡି/ବିଡ୍ ଅମାନତ: ₹୮,୨୭,୪୦୦/- । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୮।୧୦।୨୦୨୫ରିଖ ୧୧.୦୦ ଘଟିକା ।** ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ **www.ireps.gov.in** ରେ ଦିଆଯାଇଛି । **(PR-638)**

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସୂଚନା ସଂ. 30-SBP-TRD-OT-2025-26, ତା.09.09.2025ରିଖ

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର TRD ବିଭାଗର ଅଗ୍ନି ନିର୍ବାପକ ଯନ୍ତ୍ରର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଆନୁମାନିକ ମୂଲ୍ୟ :** ₹ 4,29,041.00, EMD : ₹ 8,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-, ଶେଷ ହେବା ଅବଧି : 24 ମାସ ।

(2) ଟେଣ୍ଡର ସୂଚନା ସଂ. 31-SBP-TRD-OT-2025-26, ତା.10.09.2025ରିଖ

**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡରେ ଉଲଂଘନ (Infringement)କୁ ଏଡ଼ାଇବା ନିମନ୍ତେ ଫିଡିଙ୍ଗ ପୋଷ୍ଟ ଓ ଅନ୍ୟ ଟ୍ରାକ୍ସନ ସଂରଚନାର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ :** ₹ 95,46,042.48, EMD : ₹1,90,900/-, ଶେଷ ହେବା ଅବଧି : 12 ମାସ ।

(3) ଟେଣ୍ଡର ସୂଚନା ସଂ. 32-SBP-TRD-OT-2025-26, ତା.10.09.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ TPC ଭାବେ କାର୍ଯ୍ୟରତ TRD ଷ୍ଟାଫଙ୍କ ନିମନ୍ତେ SCADA ପ୍ରଶିକ୍ଷଣ ମୋଡ୍ୟୁଲ ସହ ଫଲ୍ଟ ସିମ୍ୟୁଲେଟର (Fault Simulator) ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ :** ₹ 24,98,927.00, EMD : ₹ 50,000/-, ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 01.10.2025, 1530 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ 03.10.2025, 1530 ଘଟିକାରେ (ଟେଣ୍ଡର ସଂ. 2 ଓ 3 ନିମନ୍ତେ) ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-605/Q/25-26

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com

**E-procurement Tender Call Notice No.13 of 2025-26**
**No. 5400 (Estg.) Bhubaneswar the 6th September-2025**

**No.B-501** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Road work to be received in online bidding, double cover system for Improvement works as detailed in: **https://tendersodisha.gov.in**. The details of bid documents will be available in the above website from 5.00 P.M. of 20.09.2025 to 5.00 P.M of 03.10.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11 A.M. of 04.10.2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal **www.tendersodisha.gov.in**.
Addendum / Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0047/2526

**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**
No. B-531
GOVERNMENT OF ODISHA
E-Mail I.D.: eerbjspr@gmail.com
**('e' PROCUREMENT NOTICE)**
**Bid Identification No. S.E. JSPR(R&B)-08 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building works as mentioned below.
2. No. of Work : 03 Nos.
3. Nature of Work : Civil
4. Class of Contractor : "C, B & D"
5. Tender Paper Cost : Rs.4,000.00, 6,000.00/- (Online)
6. Available of bid documents in the website : From 19.09.2025 to 5.00 P.M. of 25.09.2025
7. Date of Opening of Bid : 11.00 A.M. of 26.09.2025

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ସମ୍ପଦା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଅକ୍ଟୋବର 03, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଏସ୍‌ଆର୍‌ସି-ଏସ୍‌ଟି-୨୫-୨୬-କେଓଇଏଲ୍,** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ **www.ireps.gov.in** ରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକକ ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ ଠିକାଦାରମାନଙ୍କୁ **www.ireps.gov.in** ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜକୁ ଯତ୍ନର ସହ ପଢ଼ନ୍ତୁ । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି, ଶାଲିମାର, ପଦ୍ମପୁକୁର କୋଚିଂ ଡିପୋଠାରେ ଡିଜି ସେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ସମେତ ପ୍ରାଥମିକ ରକ୍ଷଣାବେକ୍ଷଣ ରେକ୍‌ର ପାୱାର କାର୍‌ଗୁଡ଼ିକରେ ଫିଟ୍ ହୋଇଥିବା ଏହାର ଆସେସୋରିଜ୍ ସହିତ ବିଭିନ୍ନ ରେକ୍‌ଗୁଡ଼ିକର ପାୱାର କାର୍‌ଗୁଡ଼ିକରେ ସ୍ଥାପିତ 'କେଓଇଏଲ' ମେକ୍ ଡିଜି ସେଟ୍ (୫୦୦ କେଭିଏ)ଗୁଡ଼ିକର ଏସ୍କର୍ଟିଂ, ପରିଚାଳନା, 'ଏ', 'ବି' ଓ 'ସି' ଯାଞ୍ଚ କରିବା । **ଟେଣ୍ଡର ମୂଲ୍ୟ:** ₹୧୩,୫୪,୮୭,୮୨୭.୩୩ । **ଇଏମ୍‌ଡି/ବିଡ୍ ଅମାନତ:** ₹୮,୨୭,୪୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୧୦।୨୦୨୫ରିଖ ୧୧.୦୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ **www.ireps.gov.in** ରେ ଦିଆଯାଇଛି । **(PR-638)**

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସୂଚନା ସଂ. 30-SBP-TRD-OT-2025-26, ତା.09.09.2025ରିଖ
**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର TRD ବିଭାଗର ଅଗ୍ନି ନିର୍ବାପକ ଯନ୍ତ୍ରର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
**ଆନୁମାନିକ ମୂଲ୍ୟ :** ₹ 4,29,041.00, EMD : ₹ 8,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-, ଶେଷ ହେବା ଅବଧି : 24 ମାସ ।

(2) ଟେଣ୍ଡର ସୂଚନା ସଂ. 31-SBP-TRD-OT-2025-26, ତା.10.09.2025ରିଖ
**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡରେ ଉଲଂଘନ (Infringement)କୁ ଏଡ଼ାଇବା ନିମନ୍ତେ ଫିଡିଙ୍ଗ ପୋଷ୍ଟ ଓ ଅନ୍ୟ ଟ୍ରାକ୍ସନ ସଂରଚନାର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
**ଆନୁମାନିକ ମୂଲ୍ୟ :** ₹ 95,46,042.48, EMD : ₹1,90,900/-, ଶେଷ ହେବା ଅବଧି : 12 ମାସ ।

(3) ଟେଣ୍ଡର ସୂଚନା ସଂ. 32-SBP-TRD-OT-2025-26, ତା.10.09.2025ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ TPC ଭାବେ କାର୍ଯ୍ୟରତ TRD ଷ୍ଟାଫଙ୍କ ନିମନ୍ତେ SCADA ପ୍ରଶିକ୍ଷଣ ମୋଡ୍ୟୁଲ ସହ ଫଲ୍ଟ ସିମ୍ୟୁଲେଟର (Fault Simulator) ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ :** ₹ 24,98,927.00, EMD : ₹ 50,000/-, ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 01.10.2025, 1530 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ 03.10.2025, 1530 ଘଟିକାରେ (ଟେଣ୍ଡର ସଂ. 2 ଓ 3 ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-605/Q/25-26

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**E-procurement Tender Call Notice No.13 of 2025-26**
**No. 5400 (Estg.) Bhubaneswar the 6th September-2025**

**No.B-501** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Road work to be received in online bidding, double cover system for Improvement works as detailed in:https://tendersodisha.gov.in. The details of bid documents will be available in the above website from 5.00 P.M. of 20.09.2025 to 5.00 P.M of 03.10.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11 A.M. of 04.10.2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0047/2526

**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
No. B-531
E-Mail I.D.: eerbjspr@gmail.com
**('e' PROCUREMENT NOTICE)**
**Bid Identification No. S.E. JSPR(R&B)-08 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building works as mentioned below.
2. No. of Work : 03 Nos.
3. Nature of Work : Civil
4. Class of Contractor : "C, B & D"
5. Tender Paper Cost : Rs.4,000.00, 6,000.00/- (Online)
6. Available of bid documents in the website : From 19.09.2025 to 5.00 P.M. of 25.09.2025
7. Date of Opening of Bid : 11.00 A.M. of 26.09.2025

The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- (Er. Sarbendu Sutar)
Superintending Engineer
Jagatsinghpur (R&B) Division
OIPR-34093/11/0028/2526

**GOVERNMENT OF ODISHA** No. C-1093
**OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766002, e-mail: eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT-34 of 2025-26 / Dt.16.09.2025**
**e-Procurement Notice**

01. Name of the Work : 1 No Work
02. Type of Bid : Single Bid System
03. Approx. Estimated Cost : Rs.18.18 Lakh
04. Period of Completion : 02 (Two) Calendar Months
05. Date & time of availability of bid document in the portal : From 11.00 A.M. of Dt.20.09.2025 to 5.00 P.M. of 03.10.2025
06. Last date/time of receipt of bids in the portal : 5.00 P.M. of 03.10.2025
07. Date & time of opening of Technical Bids : At 11.30 A.M. of 04.10.2025
08. Name and address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/P.O.: Parmanandpur, 766002, Dist.: Kalahandi

Further details can be seen from the website **http://tenders.ori.nic.in** or **www.tendersorissa.gov.in**.

Sd./- Additional Chief Engineer
P.H. Division, Bhawanipatna
OIPR-13059/11/0045/2526

# ସ୍ୱଚ୍ଛ ପରିବେଶ ସ୍ୱାସ୍ଥ୍ୟଗତ ସମସ୍ୟା ଦୂରକରେ: ରାଜ୍ୟପାଳ



## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର,୧୭।୯(ସୁଚିସ୍ମିତା ସାହୁ)**

ସ୍ୱଚ୍ଛତା ଗୋଟିଏ ଦିନ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ, ବରଂ ଏହା ଏକ ନିରନ୍ତର ପ୍ରୟାସ ହେବା ଉଚିତ। ପରିବେଶ ସଫା ରଖିବା ମାନେ ପ୍ରକୃତରେ ନିଜକୁ ସଫା ରଖିବା। ସ୍ୱଚ୍ଛତା ଓ ସ୍ୱଚ୍ଛ ପରିବେଶ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ ଏବଂ ଜନସାଧାରଣଙ୍କ ସର୍ବାଙ୍ଗୀନ କଲ୍ୟାଣକୁ ପ୍ରୋତ୍ସାହିତ କରେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ରାଜ୍ୟପାଳ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କ୍ୟାମ୍ପସଠାରେ ଅବସ୍ଥାପିତ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟର ପ୍ରାଧାପିକାପ୍ରାଧାପକ, ଅଧାପିକାଅଧାପକ, କର୍ମଚାରୀ ଓ ଛାତ୍ରୀମାନଙ୍କ ସହ କ୍ୟାମ୍ପସ ସଫା କରିବା ସହିତ ଚାରାରାପଣ କରିଥିଲେ। ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭକୁ ମନେପକାଇ ରାଜ୍ୟପାଳ କହିଥିଲେ, ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ରେ ଆରମ୍ଭ କରିଥିଲେ ଏବଂ ସେବେଠାରୁ ଏହା ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି। ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଭଳି ଦେଶବ୍ୟାପୀ ଆନ୍ଦୋଳନର ଯୁବପିଢ଼ିଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଉଛି। ବର୍ତ୍ତମାନ ପିଲାମାନେ ଚକୋଲେଟ ଖାଇ ଏହାର ରାପରକୁ ଏଣେତେଣେ ନ ପକାଇ ଡଷ୍ଟବିନରେ ପକାଉଛନ୍ତି । ଏହିଭଳି ଛୋଟ ଛୋଟ ଉଦାହରଣ ସମଗ୍ର ଦେଶରେ ସ୍ୱଚ୍ଛତା ପ୍ରତି ବଢୁଥିବା ସଚେତନତାକୁ ପ୍ରମାଣିତ କରୁଛି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଉପସ୍ଥିତ ଛାତ୍ରୀମାନଙ୍କୁ କେକ୍ ଓ ଜୁସ୍ ବଣ୍ଟନ କରିବା ସହିତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ପୋଷ୍ଟର ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଚଣ୍ଡୀ ଚରଣ ରଥ ଉଦ୍‌ବୋଧନ ଦେଇଥିଲେ ।

## ଓୟୁଏଟିରେ ମା' ପାଇଁ ଗଛଟିଏ ଚାରାରୋପଣ

**ଭୁବନେଶ୍ୱର,୧୭।୯(ସୁଚିସ୍ମିତା ସାହୁ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମହନଗର ନିଗମ ଓ ସିଟି ଫରେଷ୍ଟ ଡିଭିଜନ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମା' ପାଇଁ ଗଛଟିଏ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ବିଶ୍ୱବିଦ୍ୟାଳୟର ବାଉଁଶ ଫାର୍ମଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଏକ ହେକ୍ଟର ଜମି ଉପରେ ଚାରାରୋପଣ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଭାଜପା ଓଡ଼ିଶା ଶାଖାର ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଯୋଗଦେଇ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନାରୀ, ଫାସୀ, ବଉଳ, ଶିଶୁ, ଅର୍ଜୁନ, ଅଁଳା ଇତ୍ୟାଦି ଚାରା ରୋପଣ କରାଯାଇଛି। ଏହି ସ୍ଥାନରେ ୮ହଜାରରୁ ଅଧିକ ଚାରାରୋପଣ ପାଇଁ ଯୋଜନା ହୋଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ, ଅର୍ଥ ନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧକ୍ଷ ଯୋଗଦେଇଥିଲେ।




ନୀରବ ପ୍ରତିବାଦ: ପୁରୀ ଜିଲା କଣାସ ଥାନା ଅଧିକାରୀ ପ୍ରସନ୍ନ ନାୟକଙ୍କ ବିରୋଧରେ ଗଛ କଟା କ୍ଷତିପୂରଣ ରାଶି ହଡ଼ପ ଅଭିଯୋଗ ଆଣି ନ୍ୟାୟ ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଦୁଇ ଯୁବତୀ ଧାରଣାରେ ବସିଛନ୍ତି।

# ମୋଦିଙ୍କ ଜନ୍ମଦିନ ପାଳିଲେ କିସ୍ ଛାତ୍ରୀଛାତ୍ର



**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ବିଶ୍ୱର ସର୍ବବୃହତ୍ ଜନଜାତି ବିଦ୍ୟାଳୟ କିସ୍ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ କିସ୍‌ର ୪୦ ହଜାର ଛାତ୍ରୀଛାତ୍ର ଏକାଠି ହୋଇ ମୋଦିଙ୍କ ମୁଖା ପିନ୍ଧି ଜନ୍ମଦିନ ସଙ୍ଗୀତର ତାଳେତାଳେ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍, କିସ୍ ଓ କିମସ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହାସହ ତାଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଏଥିପାଇଁ କିସ୍‌ରେ ବିଶେଷ ସାଜସଜ୍ଜା କରାଯାଇଥିଲା।

# ୬୧୯ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୧.୪୩ ଲକ୍ଷ ଚାରାରୋପଣ

**ଭୁବନେଶ୍ୱର,୧୭।୯(ସୁଚିସ୍ମିତା ସାହୁ)**

ଗୋଟିଏ ଦିନରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୬୧୯ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ଏକ ପେଡ୍ ମା' କେ ନାମ୍ ୨.୦'ଚାରାରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ୩୦ଟି ଜିଲାରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧ଲକ୍ଷ ୧୪ ହଜାର ୬୧୯ ଛାତ୍ରୀଛାତ୍ର ଏହି ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ସାରା ରାଜ୍ୟରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରିସରରେ ୧,୪୩,୨୦୯ ଚାରାରୋପଣ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଏହି ଅଭିଯାନରେ ଗଞ୍ଜାମ ଜିଲାରେ ସର୍ବାଧିକ ୪୭ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସାମିଲ ହୋଇଥିବାବେଳେ ଦ୍ୱିତୀୟରେ କଟକ ୩୭ ଏବଂ ତୃତୀୟରେ ଖୋର୍ଦ୍ଧା ଓ ବାଲେଶ୍ୱର ଜିଲାର ୩୬ଟି ମହାବିଦ୍ୟାଳୟ ସାମିଲ ହୋଇଥିଲା। ବୌଦ୍ଧ ଓ ମାଲକାନାଗିରିରେ ସର୍ବନିମ୍ନ ୪ଟି ମହାବିଦ୍ୟାଳୟ ରହିଛି। ଗଞ୍ଜାମ ଜିଲାରେ ସର୍ବାଧିକ ୧୦,୧୫୦ ଚାରାରୋପଣ ହୋଇଥିବାବେଳେ ବୌଦ୍ଧରେ ସର୍ବନିମ୍ନ ୬୩୫ଟି ଚାରା ରୋପଣ କରାଯାଇଥିବା ସୂଚନା ମିଳିଛି।

# ବିମାନ ଯାତ୍ରୀଙ୍କୁ ସ୍ୱାଗତ, ମତ ନେଲେ କର୍ତ୍ତୃପକ୍ଷ



## ଭୁବନେଶ୍ୱର ବିମାନବନ୍ଦରରେ ଯାତ୍ରୀସେବା ଦିବସ

**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀ ସେବା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିମାନବନ୍ଦରେ ପହଞ୍ଚୁଥିବା ଯାତ୍ରୀମାନଙ୍କୁ ତିଳକ ଲଗାଇବା ସହ ସ୍ୱାଗତ କରାଯାଇଥିଲା। ଏହାସହ ଓଡ଼ିଶର ପାରମ୍ପରିକ ନୃତ୍ୟ ଓଡ଼ିଶୀ, ଘୁମୁରା ଆଦି ପରିବେଷଣ କରାଯାଇଥିଲା। ସେହିପରି 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଅଧୀନରେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ଚାରାରୋପଣ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏହି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓୟୁଏଟ୍ଏସ୍ କୁଳପତି ଡ. ମାନସ ରଞ୍ଜନ ସାହୁ ମଧ୍ୟ ଉପସ୍ଥିତ ଥିଲେ।



ଜଣେ ମହିଳା ସେଲ୍‌ଫି ନେଉଛନ୍ତି।

ଅନ୍ୟପଟେ ରେଡ୍‌କ୍ରସ୍ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ୭୮ଜଣ ରକ୍ତଦାନ କରିଥିଲେ। ସେହିପରି ଅଟୋ ଓ ଟ୍ୟାକ୍ସି ଚାଳକଙ୍କ ସହ ଅନ୍ୟ କର୍ମଚାରୀଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ତଥା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହାସହ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଟର୍ମିନାଲ ବିଲ୍ଡିଂ ଓ ଏଟିସି ଟାୱାର ପରିଦର୍ଶନ କରି କ୍ୟାରିୟର ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିମାନ ବନ୍ଦର କର୍ତ୍ତୃପକ୍ଷ ଯାତ୍ରୀଙ୍କ ମତାମତ ସଂଗ୍ରହ କରିଥିଲେ। ଆୟୋଜିତ ଖବରଦାତା ସମ୍ମିଳନୀରେ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏବଂ ବିମାନ ବନ୍ଦର ଡିଜିଏମ(ଅପରେଶନ) ଉମାକାନ୍ତ ପଟେଲ ବିବରଣୀ ପ୍ରଦାନ କରିଥିଲେ। ବିମାନବନ୍ଦର ବାହାରେ ସେଲ୍ଫି ପଏଣ୍ଟ ଯାତ୍ରୀଙ୍କ ଆକର୍ଷଣ ପାଲଟିଥିଲା।

## ଭୁବନେଶ୍ୱରରୁ ଦୁବାଇ ବିମାନ ଚଳାଚଳ ବନ୍ଦ ହୋଇନି: ବିମାନବନ୍ଦର ନିର୍ଦ୍ଦେଶକ

**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ଭୁବନେଶ୍ୱରରୁ ଦୁବାଇ ବିମାନ ଚଳାଚଳ ବନ୍ଦ ରହିଥିବା ଚର୍ଚ୍ଚା ହେଉଥିବାବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହାକୁ ଗୁଜବ ବୋଲି କହିଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରରୁ ଦୁବାଇକୁ ସପ୍ତାହରେ ୩ଦିନ ବିମାନ ଉଡ଼ାଣ କରୁଛି। ଦୁବାଇ ବ୍ୟତୀତ ଆବୁଧାବୀ, ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ମଧ୍ୟ ଇଣ୍ଟରନ୍ୟାଶନାଲ ସେବା ଜାରି ରହିଛି। ଦେଶର ୩୦ ସ୍ଥାନକୁ ଭୁବନେଶ୍ୱର ବିମାନ ବନ୍ଦର ସଂଯୋଗ କରୁଛି। ସେହିପରି ଚଳିତବର୍ଷ ଶେଷ କିମ୍ବା ୨୦୨୬ ପ୍ରଥମାର୍ଦ୍ଧରେ ରାଜ୍ୟର ରଙ୍ଗେଇଲୁଣ୍ଡାକୁ ବିମାନ ଉଡ଼ିବ। ଏହା ଦକ୍ଷିଣ ଓଡ଼ିଶାକୁ ସଂଯୋଗ ବୃଦ୍ଧି କରିବ ବୋଲି ସେ ସୂଚନା ଦେଇଛନ୍ତି।

# 'ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା'

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଚାରାରୋପଣ

**ଭୁବନେଶ୍ୱର,୧୭।୯(ସୁଚିସ୍ମିତା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିସରରେ 'ଏକ ପେଡ୍ ମା' କେ ନାମ୍ ୨.୦' କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା। ବୃକ୍ଷ ବିନା ଏ ଧରାପୃଷ୍ଠରେ ମନୁଷ୍ୟର ଜୀବନ ସତ୍ତା ଆଦୌ ସମ୍ଭବ ଦେବନାହିଁ ବୋଲି କହିଛନ୍ତି। ଏହି ଅବସରରେ ପରିଷଦର ଅଧକ୍ଷ ମୃଣାଳ କାନ୍ତ ଦାସ କହିଛନ୍ତି, ପରିବେଶର ସୁରକ୍ଷା ନିମନ୍ତେ ଆଗାମୀ ଦିନରେ ପରିଷଦ ପରସରରେ ଏକ ସବୁଜ ବଳୟ ସୃଷ୍ଟି କରିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ପରିଷଦର ଶତାଧିକ କର୍ମଚାରୀ ଏବଂ ଅଧିକାରୀମାନେ ପରିଷଦ ପରିସରରେ ଚାରାରୋପଣ କରିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମ ଜେ.କେ ପେପର କମ୍ପାନୀର ସହଯୋଗିତାରେ ଅନୁଷ୍ଠିତ ହୋଇଥିଲା।

# ସାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳିତ



**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ଆବାସିକ ସ୍କୁଲ ଓ ସାଇଆଙ୍ଗନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟକୁ ସରସ, ସୁନ୍ଦର ଓ ସ୍ୱଚ୍ଛ ରଖିବାକୁ ଯେଉଁମାନଙ୍କ ଅଗ୍ରଣୀ ଭୂମିକା ରହିଛି ଯଥା ୱାଚମ୍ୟାନ୍, ଡ୍ରାଇଭର, ସଫେଇ କର୍ମଚାରୀ, ପିଅନଙ୍କ ସମେତ ଯେଉଁମାନେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେଉଛନ୍ତି ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ପୁରସ୍କାର ଜିତିଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ଚଲୋ ଜିତେ ହେଁ' ତିନୋଟି ଯାକ ବିଦ୍ୟାଳୟରେ ପ୍ରଦର୍ଶିତ ହୋଇଥିଲା। ଏହି ଚଳଚ୍ଚିତ୍ର ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଉପରେ ଆଧାରିତ ଥିଲା। ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଶିଳ୍ପୀ ସାହୁ କହିଲେ, ଆମ ଛାତ୍ରୀଛାତ୍ର ଦେଶର ଭବିଷ୍ୟତ, ଯେଉଁମାନେ କି ସୁଦୃଢ଼ ଭାରତ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ।



ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।



ଜୟଦେବ ବିହାରସ୍ଥିତ ବିଶ୍ୱକର୍ମା ମନ୍ଦିର।



ରସୁଲଗଡ଼ ବିଦ୍ୟୁତ୍ କାର୍ଯ୍ୟାଳରେ ଦେବ ଶିଳ୍ପୀଙ୍କ ପୂଜାର୍ଚ୍ଚନା କରାଯାଉଛି।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ବୈଷୟିକ ଶାଖାରେ ବିଶ୍ୱକର୍ମା ପୂଜା।



ୟୁନିଟ୍-୯ ରୋଡ୍‌ସ୍ଥିତ ୱାଟ୍‌କୋ ଜୋନ୍ ଅଫିସ।



ଧଉଳି ଚାରୁକଳା ମହାବିଦ୍ୟାଳୟରେ ପୁରୀ ସାହିଜାତ ଶୈଳୀରେ ବିଶ୍ୱକର୍ମା ପୂଜା।

# ଦେବଶିଳ୍ପୀଙ୍କ ଆରାଧନା


ବରିଷ୍ଠ ଅନୁଭାଗ ଯନ୍ତ୍ରୀ (ଜଳ ବିଭାଗ) ଖୋର୍ଦ୍ଧା ରୋଡ୍, ଜଟଣୀ


ପୂର୍ତ୍ତ ବିଭାଗ, ଖୋର୍ଦ୍ଧା


ପରିଚାଳକଙ୍କ କାର୍ଯ୍ୟାଳୟ, ୱାଟ୍‌କୋ ଉପଖଣ୍ଡ, ଖୋର୍ଦ୍ଧା


ରେଲୱେ ଷ୍ଟେଶନ ଟ୍ୟାକ୍ସି ଷ୍ଟାଣ୍ଡ, ଖୋର୍ଦ୍ଧାରୋଡ


ଜଟଣୀ ଅଟୋ ଆସୋସିଏଶନ


ବରିଷ୍ଠ ଅନୁଭାଗ ଯନ୍ତ୍ରୀ(ସେତୁ) ଉତ୍ତର, ଖୋର୍ଦ୍ଧାରୋଡ, ଜଟଣୀ


ବିଦ୍ୟୁତ୍ ବିଭାଗ, ମାଲୁଦ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ


ଇଲେକ୍ଟ୍ରୋନିକ୍ ଟେଲିଫୋନ୍ ଏକ୍ସଚେଞ୍ଜ, ଖୋର୍ଦ୍ଧାରୋଡ୍


ସାଇ ଅଟୋ ଷ୍ଟାଣ୍ଡ, ଟ୍ରାଫିକ୍ କଲୋନୀ, ଖୋର୍ଦ୍ଧାରୋଡ୍

# 'ସବୁ ମହିଳାଙ୍କ ପାଇଁ ଉପଲବ୍ଧ ହେବ ସ୍ୱାସ୍ଥ୍ୟସେବା'

**ବେଗୁନିଆ,୧୭।୯**
**(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବୁଧବାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସବୁ ବୟସର ବାଳିକା ଏବଂ ନାରୀମାନଙ୍କର ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ଆଗାମୀ ଅକ୍ଟୋବର ୨ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଅପରପକ୍ଷରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୨୧ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବ୍ଲକ ଅଞ୍ଚଳର ମୋଟ ୨୩୦୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିରେ ଟିକାକରଣ, ଅଣସଂକ୍ରାମକ ରୋଗ ଚିହ୍ନଟ ଓ ସମାଧାନ, ଯକ୍ଷ୍ମା ରୋଗ ଚିହ୍ନଟ, କିଶୋରୀ ବାଳିକାଙ୍କୁ ଟିକାକରଣ ଏବଂ ଗର୍ଭବତୀଙ୍କ ପରୀକ୍ଷା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସେହିପରି ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଓ ଖାଦ୍ୟପେୟ ସମ୍ପର୍କରେ କିପରି ସଚେତନ ରହି ସୁସ୍ଥ ପରିବାର ଗଠନ କରିପାରିବା ସେ ସମ୍ପର୍କରେ ଆହ୍ୱାନ ଦିଆଯାଇଥିଲା। ଏହି ଅଭିଯାନକୁ ବ୍ଲକର ସମସ୍ତ କାର୍ଯ୍ୟରତ ଡାକ୍ତର, ମହିଳା ଓ ପୁରୁଷ କର୍ମଚାରୀମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।




**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସିଡିଏମ୍‌ଓ ଖୋର୍ଦ୍ଧା, ଏଡିଏମ୍, ଜଟଣୀ ନଗରପାଳ ଅନନ୍ତ ବେହେରା, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ବିଭିନ୍ନ ବିଭାଗରେ ମୋଟ ୫୧୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ ବୋଲି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜିତେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

**ଟାଙ୍ଗୀ,(ରଘୁନାଥ ସାହୁ):** ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୁସ୍ଥ ନାରୀ,

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ ହୋଇଛି। ଅତିଥିଭାବେ ବିଡିଓ ରୁମାନା ଜାଫ୍ରୀ, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେବା ଯୋଗାଇ ଦିଆଯିବ ବୋଲି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ କହିଛନ୍ତି। ଅଣ ସଂକ୍ରାମକ ରୋଗ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ କର୍କଟ, ସ୍ତନ କର୍କଟ, ଗର୍ଭାଶୟ କର୍କଟ, ରକ୍ତହୀନତା, ସିକିଲସେଲ, ଚର୍ମରୋଗ, ଯକ୍ଷ୍ମା ରୋଗ ପରୀକ୍ଷା କରାଯାଇ ସେବା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରରେ କରାଯିବ ବୋଲି ପବ୍ଲିକ ହେଲ୍‌ଥ ଅଫିସର ଝୁମା ରାଣୀ ଚକ୍ରବର୍ତ୍ତୀ ଓ ବ୍ଲକ ପ୍ରୋଗ୍ରାମ ଅଧିକାରୀ ତପନ କୁମାର ମଣ୍ଟୁ ସୂଚନା ଦେଇଛନ୍ତି।

# କୁଷ୍ମାଣ୍ଡ ବେଶରେ ମା' ବନଦୁର୍ଗା

**ନିରାକାରପୁର,୧୭।୯(ମାନସ ଚନ୍ଦ୍ର ପଟ୍ଟନାୟକ)**



ଶାରଦୀୟ ଷୋଡ଼ଶ ପୂଜା ଅବସରରେ ବୁଧବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗା କୁଷ୍ମାଣ୍ଡ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା ପଞ୍ଚଦେବତା ପୂଜା ପରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ବସନ୍ତ କୁମାର ପଣ୍ଡା, ପଣ୍ଡିତ ସୀତାକାନ୍ତ ଦାଶ ଏବଂ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

# ଘର ଉପରକୁ ବୋମାମାଡ଼

**ଝାଁଳା,୧୭।୯(ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ଝାଁଳା ପଞ୍ଚାୟତ ଅଧୀନ ମୁଣ୍ଡମୁହାଣ ଗ୍ରାମର ମାନସ ପରିଡ଼ାଙ୍କ ଘର ଉପରକୁ ଗତ ସୋମବାର ରାତିରେ ବୋମାମାଡ଼ ହୋଇଛି। ଏଥିରେ ତାଙ୍କ ଚଡ଼ଁରା ଭାଙ୍ଗିଯାଇଥିବା ବେଳେ ଘର କାନ୍ଥ କ୍ଷତିଗ୍ରସ୍ତ ହୋଇଛି। ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି। ଏନେଇ ମଙ୍ଗଳବାର ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୋମବାର ରାତିରେ ମାନସ ଘରେ ଶୋଇଥିଲେ। କେହି ଦୁର୍ବୃତ୍ତ ରାତି ପ୍ରାୟ ସାଢ଼େ ଦୁଇଟାରେ ବାରି ଭିତରେ ପଶି ପଛପଟେ ଥିବା ଘର ଉପରକୁ ବୋମାମାଡ଼ କରିଥିଲା। ବୋମାମାଡ଼ ବେଳେ ଏତେ ଜୋରରେ ଶବ୍ଦ ହୋଇଥିଲା ଯେ ମାନସଙ୍କ ସହ ଭଡ଼ାରେ ରହୁଥିବା ଲୋକମାନଙ୍କ ନିଦ ଭାଙ୍ଗି ଯାଇଥିଲା। ଭଡ଼ାରେ ରହୁଥିବା ଲୋକ ଏ ସମ୍ପର୍କରେ ଘର ମାଲିକ ମାନସଙ୍କୁ ଫୋନ କରି ଜଣାଇଥିଲେ। ମାନସ ଓ ଲୋକମାନେ ଉଠି ବାହାରକୁ ଆସି ଦେଖିବା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# 'ସ୍ୱଚ୍ଛ ଭାରତ ଏକ ଯୁଗାନ୍ତକାରୀ ପଦକ୍ଷେପ'

**ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ସାଂସ୍କୃତିକ, ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପରିବାର ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ସାମୂହିକ ଦୀପଦାନ ଏବଂ ଆଲୋଚନାଚକ୍ର ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଗୁଣନିଧି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ର ପୂର୍ବତନ ବରିଷ୍ଠ ପ୍ରଚାରକ କୃଷ୍ଣ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ଓ ସମର୍ପଣଭାବ ନେଇ ରାଷ୍ଟ୍ରର ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ପରିକଳ୍ପନାରେ ପ୍ରତ୍ୟେକ ବ୍ୟକ୍ତି ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଦେଶର ଶାସନ ଭାର ସମ୍ଭାଳିବା ପରେ ୨୦୧୪ ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ସ୍ୱଚ୍ଛ ଭାରତର ଡାକରା ଦେଇଥିଲେ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ସମ୍ମାନିତ ଅତିଥି ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର ରାଷ୍ଟ୍ରୀୟ ବିଚାରଧାରା, ଜାତୀୟତା, ସମାଜ ପ୍ରତି ଉତ୍ତରଦାୟିତ୍ୱ, ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘାୟୁ କାମନା କରି ୭୫ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ସଦସ୍ୟ ବୈକୁଣ୍ଠ ନାଥ ମହାପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ଗୋପବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଶ୍ରୁତି ପରିବାର ସମ୍ପାଦକ ବ୍ରଜକିଶୋର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ତୋଷ ହରିଚନ୍ଦନ, ଅଭିମନ୍ୟୁ ଘଡ଼ୁଆଳ, ଜିତେନ୍ଦ୍ର ବେହେରା, ଦିବ୍ୟ ପ୍ରକାଶ, ପ୍ରତିଶ୍ରୁତି ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ସ୍ଥାନୀୟ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ସୁରକ୍ଷା, ନ୍ୟାୟ ମିଳୁ

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଦାବିପତ୍ର

**ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯ୍ୟାତନା ବଢ଼ିଚାଲିଛି। ଏହାର ପ୍ରତିବାଦରେ ବୁଧବାର ଖୋର୍ଦ୍ଧା ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବାଲେଶ୍ୱରରେ ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ସେ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଥିରେ ହସ୍ତକ୍ଷେପ ପାଇଁ ନିବେଦନ ସତ୍ତ୍ୱେ କେହି ତାଙ୍କୁ ସହଯୋଗର ହାତ ବଢ଼ାଇ ନ ଥିଲେ। ଫଳରେ ସେ ଜୀବନ ହାରିଲେ। ଗୋପାଳପୁର ବେଳାଭୂମିରେ ପୁରୁଷବନ୍ଧୁଙ୍କ ସମ୍ମୁଖରେ ଗଣବଳାତ୍କାର



ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଥିଲା। ନ୍ୟାୟ ନ ମିଳିବା, କାର୍ଯ୍ୟାନୁଷ୍ଠାନ ଅଭାବରୁ ଅନେକ ମହିଳା ଭାଙ୍ଗିପଡ଼ି ଜୀବନ ହାରିବାକୁ ମଧ୍ୟ ପଛାଉନାହାନ୍ତି। ଗତ ୧୫ ମାସ ମଧ୍ୟରେ ସ୍କୁଲ ଓ ହଷ୍ଟେଲରେ ଯୌନ ନିର୍ଯ୍ୟାତନାର ଅନେକ ମାମଲା ମଧ୍ୟ ସାମ୍ନାକୁ ଆସିଛି। ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୫ଟି ବଳାତ୍କାର ମାମଲା ପଞ୍ଜୀକୃତ ହେଉଛି। ଗତ ୯ ମାସରେ ୨୦ ହଜାରରୁ ଅଧିକ ମହିଳା ନିଖୋଜ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୭୦୪୮ଜଣଙ୍କୁ ଠାବ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ବିଧାନସଭା ରିପୋର୍ଟରୁ ଜଣାପଡ଼ିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜୁ ମହିଳା ଜନତା ଦଳ। ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ବିଜେଡି ନେତା ମନ୍ମଥ ରାଉତରାୟ, ଖୋର୍ଦ୍ଧା ପୌରାଞ୍ଚଳ କାଉନ୍‌ସିଲର ପ୍ରବୀଣା ଜଗଦ୍ଦେବ ରାୟ, ମୋନାଲିସା ସିଂହ, ନର୍ମଦା ଦାସ, କାଦମ୍ବିନୀ ରାଉତ, ମିତା ଭୂୟାଁ, ମଞ୍ଜୁଲତା ଭୂୟାଁ, ମାମିନା ଘଡ଼େଇ, ଜୟଶ୍ରୀ ଭୂୟାଁ ଏବଂ ମହିଳା ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଟାଙ୍ଗୀ,୧୭।୯(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ସୋରଣ ଗୋପୀନାଥପୁର ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର କାହ୍ନୁ ଚରଣ ସ୍ୱାଇଁ। ସେ ଟ୍ରକ୍ ଚାଳକ ଭାବେ କାର୍ଯ୍ୟ କରନ୍ତି। ସୂଚନା ମୁତାବକ, ସବୁଦିନ ଭଳି ମଙ୍ଗଳବାର ରାତିରେ କାହ୍ନୁ ଖାଇବା ପରେ ସାନଭାଇ ସହିତ ଶୋଇଥିଲେ। ରାତି ୧୧ଟାରେ ଫୋନ କଲ ଆସିବାରୁ ସେ ଘରୁ ବାହାରକୁ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ବୁଧବାର ସକାଳେ ସେ ନ ଉଠିବାରୁ ସାନଭାଇ ତାଙ୍କୁ ଟେକି ଉଠାଇ ଦେଖିବା ବେଳକୁ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତସ୍ରାବ ଶୁଖିଯାଇଛି। ତୁରନ୍ତ କାହ୍ନୁଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କାହ୍ନୁଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତେଣୁ ତାଙ୍କୁ କେହି ଆକ୍ରମଣ କରି ମାରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସୁଜାତା ପଲାଇ କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଓଟିଏମ୍ ଦୁର୍ଗାବଜାର ଅଞ୍ଚଳର ଜଣେ ଯୁବକ ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ ଦୁର୍ଗାବଜାରର ଶରତ ଜେନା (୩୫) ପାରିବାରିକ କଳହରୁ ଘରୁ ବାହାରି ଯାଇ ସ୍ଥାନୀୟ ଚାଉଳିଆ ପୋଲ ନିକଟସ୍ଥ ଏକ ଗଛ ଡାଳରେ ରଶି ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରଶି ଛିଡି ଯିବାରୁ ଗଛ ତଳେ ଥିବା କେନାଲରେ ଗଳି ପଡିଥିଲେ। ଏହା ଦେଖି ପାଖରେ ଥିବା କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ପାଲିସକୁ ଖବର ଦେଇଥିଲେ। ପୋଲିସ ପିସିଆର୍ ଯୋଗେ କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା


ଚୌଦ୍ୱାର


ଲିଙ୍କ ରୋଡ଼ସ୍ଥିତ ଘରୋଇ ବସ୍ ମାଲିକ ସଂଘ।


ଖପୁରିଆସ୍ଥିତ ସରକାରୀ ଆଇଟିଆଇ।


କଟକ ସଦର କନ୍ଦରପୁର ବିଦ୍ୟୁତ୍ ସେକ୍ସନ।


କ୍ୟାଣ୍ଟନମେଣ୍ଟ ରୋଡ୍ ଜଳଯୋଗାଣ ଉପଖଣ୍ଡ।


ରାଣୀହାଟ ଇଲେକ୍ଟ୍ରି ଅଫିସ।


ସାଲେପୁର ଅଟୋଷ୍ଟାଣ୍ଡ।



ଖପୁରିଆସ୍ଥିତ ସରକାରୀ ପ୍ରେସ୍।


ଡ୍ରିମ୍ସ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜାରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ସ୍କୁଟିରୁ ପଡ଼ି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ

**କଟକ ସଦର,୧୭।୯(ସୁଶାନ୍ତ କୁମାର ଜେନା)**

କଟକ-ପାରାଦୀପ ରାସ୍ତା ନାନପୁର ନିକଟରେ ବୁଧବାର ସ୍କୁଟିରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ବିଡ଼ିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ରେଣୁବାଳା ନାୟକ (୫୯)। ଘଟଣାରୁ ପ୍ରକାଶ, ସ୍ୱାସ୍ଥ୍ୟ କର୍ମୀ ସ୍ୱାମୀ ମହେନ୍ଦ୍ର ରାଉତଙ୍କ ସହ ସ୍କୁଟିରେ ରଘୁନାଥପୁର ଥାନା ଅଧୀନ ଗୋକୁଳପୁର ଗ୍ରାମକୁ ଫେରୁଥିବା ବେଳେ ହଠାତ୍ ଏକ ମାଙ୍କଡ ସ୍କୁଟି ଆଗକୁ ଚାଲି ଆସିଥିଲା। ଭାରସାମ୍ୟ ହରାଇ ଉଭୟ ତଳେ ପଡି ଯାଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଳକଙ୍କ ସନ୍ଦେହଜନକ ମୃତ୍ୟୁ

**କଟକ ସଦର,୧୭।୯(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଥାନା ଅନ୍ତର୍ଗତ ଡିହସରିତୁଆଁ ଗ୍ରାମର ସାଇ ପ୍ରକାଶ ନାୟକ (୧୧)ଙ୍କ ମୃତଦେହ ବେକରେ ରସି ଲାଗିଥିବା ଅବସ୍ଥାରେ ଘର ଆଗରେ ଥିବା ବାଉଁଶରେ ଝୁଲୁଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ବାଳକଙ୍କୁ ବେଷ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅବସ୍ଥା ସଙ୍କଟ ଥିବାରୁ କଟକ ସଦର ବିଧାୟକଙ୍କ ଗାଡ଼ିରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ବାଳକଙ୍କ ବାପାଙ୍କୁ ଅଟକ ରଖି ପଚରାଉଚରା କରୁଛି। ବାପା ଘରେ ଥିବା ବେଳେ ପୁଅ କିପରି ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁବରଣ କଲେ ସନ୍ଦେହ ଉପୁଜିଛି। ପରେ ବାଳକଙ୍କ ବୋଉ ସୁଲୋଚନା ଘରେ ପହଞ୍ଚି ସବୁ ଘଟଣା ଦେଖିଥିଲେ। ଖବର ଲେଖାଯିବା ବେଳକୁ କେହି ଥାନାରେ ଏତଲା ଦେଇ ନ ଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

### ଏସ୍‌ଭି ନିର୍‌ତାରରେ ସ୍ୱଚ୍ଛତାହିଁ ସେବା ଶୁଭାରମ୍ଭ

**କଣ୍ଟାପଡା,୧୭।୯(ସୁରନାରାୟଣ ସାହୁ)**

କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନରେ ବୁଧବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଅପରାହ୍ନରେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍ଥାନ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି, ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଏବଂ ପ୍ରଶାସନିକ ଅଧିକାରୀ ରଶ୍ମୀରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ଏବଂ ସାମାଜିକ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଦ୍ୱାରା ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ



ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ଜିଲାସ୍ତରୀୟ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ,୧୭।୯(କାର୍ତ୍ତିକ ସାହୁ)**

କଟକ ଜିଲାସ୍ତରୀୟ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀସ୍ୱାସ୍ଥ୍ୟରେ ଏମ୍‌ପି କଟକ ଭର୍ତ୍ତୃହରି ମହତାବଙ୍କ ଦ୍ୱାରା ବୁଧବାର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଇ.ଏନ.ଟି., ଚକ୍ଷୁ, ରକ୍ତଚାପ, ମଧୁମେହ ଏବଂ ଦାନ୍ତ ପରୀକ୍ଷା, ମୁଖ-ଗହର/ସ୍ତନ/ଗ୍ରୀବା କର୍କଟ, ଗର୍ଭବତୀ ମହିଳାଙ୍କ ପାଇଁ ପ୍ରସବ ପୂର୍ବବର୍ତ୍ତୀ, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ, ରକ୍ତହୀନତା ସ୍ତର ଯାଞ୍ଚ, ଟେଲିମାନସ ସେବା, ଯକ୍ଷ୍ମା ପରୀକ୍ଷା, ସିକିଲ୍‌ସେଲ ଆନିମିଆ, ସ୍ୱତନ୍ତ୍ର ପରାମର୍ଶ, ସୁସ୍ଥ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟର ମାନଦଣ୍ଡକୁ ବଜାୟ ରଖିବା, ମେଦବହୁଳତା ପ୍ରତିରୋଧ କରିବା ପାଇଁ ଖାଦ୍ୟରେ ତେଲ ଓ ଚିନି କମ ବ୍ୟବହାର କରିବା, ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଖାଦ୍ୟଦ୍ରବ୍ୟକୁ ଗୁରୁତ୍ୱ ଦେବା, ବାଲ୍ୟାବସ୍ଥା ସମୟରେ ଶିଶୁ ଏବଂ ଛୋଟ ପିଲାଙ୍କ ଖାଦ୍ୟ ସମ୍ବନ୍ଧୀୟ ଅଭ୍ୟାସ ଆପଣେଇବା, ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଏବଂ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା ଆଦି ସମ୍ପର୍କରେ ଡାକ୍ତରମାନେ ସଚେତନ କରୁଛନ୍ତି। ସ୍ୱାସ୍ଥ୍ୟସେବା ସୁବିଧାରେ ଉପଲବ୍ଧ କରାଇବା ପାଇଁ ମାତୃ ଏବଂ ଶିଶୁ ସୁରକ୍ଷା କାର୍ଡ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ପଞ୍ଜୀକରଣ, ଆୟୁଷ୍ମାନ ବୟୋବନ୍ଦନା କାର୍ଡ, ସିକିଲ ସେଲ କାର୍ଡ, ପୋଷଣ ସ୍ଥିତି ଚିହ୍ନଟ ପାଇଁ ହିତାଧିକାରୀଙ୍କ ପଞ୍ଜୀକରଣ କରାଯିବ। ନାଗରିକମାନଙ୍କ ସକ୍ରିୟ ଯୋଗଦାନ ପାଇ ରକ୍ତଦାନ ଶିବିର, ନିକ୍ଷୟ ମିତ୍ର ସ୍ୱୟଂସେବକ ପଞ୍ଜୀକରଣ, ଅଙ୍ଗଦାନ ପଞ୍ଜୀକରଣ କରାଯିବ। ଜିଲାର ୧୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୬୨ଟି ଜନ ସ୍ୱାସ୍ଥ୍ୟକେନ୍ଦ୍ର, ୧୭ଟି ସହରାଞ୍ଚଳ ଜନ ସ୍ୱାସ୍ଥ୍ୟକେନ୍ଦ୍ର, ୨ଟି ଉପଖଣ୍ଡ ହସ୍ପିଟାଲ, ଗୋଟିଏ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ୩୨୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରଠାରେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

## ଇମ୍ଫାରେ ଏକ୍ ପେଡ୍, ମା' କେ ନାମ୍ ୨.୦ ଅଭିଯାନ


ଇମ୍ଫା ପରିସରରେ 'ଏକ୍ ପେଡ୍, ମା' କେ ନାମ୍ ୨.୦' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧୭।୯ (ମାନସ ସାମଲ/ଆଶୁତୋଷ ଦାସ)**

ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ଅବସରରେ ଚୌଦ୍ୱାରସ୍ଥିତ ଇମ୍ଫା କମ୍ପାନୀ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗୋଖଲେ ଆଇଡିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ଓ ଶାଳଗାଁ ଗ୍ରାମରେ 'ଏକ ପେଡ୍, ମା' କେ ନାମ ୨.୦' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗୀ-ଚୌଦ୍ୱାର ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଟକ ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ, ଗୋଖଲେ ଉଚ୍ଚ ବିଦ୍ୟାଳୟ ଅଧକ୍ଷା, ଇମ୍ଫାର ବରିଷ୍ଠ କର୍ମକର୍ତ୍ତା, ଛାତ୍ରୀଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଚାରାରୋପଣ କରିଥିଲେ। ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ସଂଯୋଜନା କରି କହିଥିଲେ। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏକ ମାସ ମଧ୍ୟରେ ମୋଟ ୫୦୦୦ ଚାରାରୋପଣ ଲକ୍ଷ୍ୟ ରଖିଛି। ପରିବେଶ ରକ୍ଷା ଓ ଭବିଷ୍ୟତ ପିଢ଼ି ପାଇଁ ଗଛ ଲଗାଯିବା ଆବଶ୍ୟକତା ଉପରେ ଇମ୍ଫା ପକ୍ଷରୁ ଜୋର୍ ଦିଆଯାଉଛି। ଛାତ୍ରୀଛାତ୍ର ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଏହି ଅଭିଯାନ ସଫଳ ରୂପ ନବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଇମ୍ଫାର ବରିଷ୍ଠ ପ୍ରବନ୍ଧକଙ୍କ ମଧ୍ୟରୁ ସୁଜିତ ମିଶ୍ର, ଲଲାଟ କିଶୋର ମହାପାତ୍ର, ବବିତ ନନ୍ଦ, ମାନସ ପଣ୍ଡା, ଦେବାଶିଷ ତ୍ରିପାଠୀ, ନିରଞ୍ଜନ ସାହୁ, ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ମାନସ ପ୍ରଧାନ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ଥିତପ୍ରଜ୍ଞ ଦାସ, ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**୧ ମାସରେ ୫୦୦୦ ଚାରାରୋପଣ ଲକ୍ଷ୍ୟ**

## ନାରୀ ସୁରକ୍ଷା ଦାବିକଲା କଟକ ବିଜୁ ମହିଳା ଜନତା ଦଳ

**କଟକ,୧୭।୯(ଶିଲ୍ପା ପ୍ରିୟଦର୍ଶିନୀ)**

ନାରୀ ସୁରକ୍ଷା ଦାବି କରି ବୁଧବାର ବିଜୁ ମହିଳା ଜନତା ପକ୍ଷରୁ ପ୍ରଥମେ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ସହ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ମହିଳାମାନଙ୍କ ପ୍ରତି ଆକ୍ରମଣ, ଅତ୍ୟାଚାର, ବଳାତ୍କାର ଆଦି ବିଭିନ୍ନ ହିଂସା ରୋକିବାରେ ସରକାର ବିଫଳ ହୋଇଛନ୍ତି। ତେବେ ତୁରନ୍ତ ଏଦିଗରେ ପଦକ୍ଷେପ ନିଅନ୍ତୁ ଏବଂ ନାରୀ ସୁରକ୍ଷା ଓ ନାରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂଙ୍କ ସଂଯୋଜନାରେ ବିଜୁ ମହିଳା ଜନତା ଦଳ ସାଧାରଣ ସମ୍ପାଦକ ମୀନତି ବେହେରା, କଟକ ପୂର୍ବତନ ମେୟର ଅନୀତା ବେହେରା, ମିନାକ୍ଷୀ ବେହେରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ନାରୀ ନେତ୍ରୀ ପୂର୍ଣ୍ଣିମା ସିଂ, କର୍ପୋରେଟର ଏ. ଶ୍ରୀଦେବୀ, ପ୍ରଜ୍ଞା ବେଉରା, ଇତିଶ୍ରୀ ଦାସ, ଦୀପାଳି ସିଂ, ପ୍ରିୟମ୍ବଦା ମହାନ୍ତିଙ୍କ ସମେତ କଟକ ଜିଲା ବିଜୁ ମହିଳା ଜନତା ଦଳର ନେତ୍ରୀ, କର୍ମୀ, କର୍ପୋରେଟର, ବରିଷ୍ଠ ନେତା ଓ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିବସରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା

**କଟକ,୧୭।୯(ଶିଲ୍ପା ପ୍ରିୟଦର୍ଶିନୀ):** କଟକ ମା' ଚଣ୍ଡୀଙ୍କ ମନ୍ଦିରରେ ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ବରିଷ୍ଠ ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ, ଗୀତାରାଣୀ ଦାସ, ରାଜ୍ୟ ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ, ଦୀପ୍ତି ସ୍ୱାଇଁ, ପ୍ରତିମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରାହ୍ମଣ ସମାଜ ପକ୍ଷରୁ ମା' ଚଣ୍ଡୀଙ୍କ ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଜୀବନ କାମନା କରାଯାଇଥିଲା। ବ୍ରାହ୍ମଣ ସମାଜ ପଣ୍ଡିତ ବିନୋଦ ଦାଶଙ୍କ ନେତୃତ୍ୱରେ ପଣ୍ଡିତ ଶୁଭାଶିଷ ଦାଶ, ଲଲାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଟେଟ୍ରାହେଡ୍ରନ୍ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ମଙ୍ଗୁଳି-ଜଗତପୁର,୧୭।୯(ମାନସ ସାମଲ)**

କଟକ ଜିଲା ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ବୁଧବାର 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ଓ ଟେଟ୍ରାହେଡ୍ରନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ଟେଟ୍ରା ଗ୍ରୁପ ପ୍ରତିଷ୍ଠାତା ତ୍ରିଦେବ ବେହେରା, ଶିକ୍ଷାବିତ୍ ତାପସ କୁମାର ମଲ୍ଲିକ ଓ ସାମାଜିକ କର୍ମୀ ଅମୂଲ୍ୟ କୁମାର ବେଉରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିବୃନ୍ଦ ଟାଙ୍ଗୀ-ଭଞ୍ଜିମୁଣ୍ଡା ରାସ୍ତା ଦୁଇ ପାର୍ଶ୍ୱରେ ଚାରାରୋପଣ କରିଥିଲେ। ସମାନ ଦିନରେ ପ୍ରତିଷ୍ଠାତା ବେହେରାଙ୍କ ଝିଅଙ୍କ ଜନ୍ମଦିନ ଥିବାରୁ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧକ୍ଷ ଶୁଭ୍ରକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଶତାଧିକ ଛାତ୍ରୀଛାତ୍ର ଚାରାରୋପଣ ପୂର୍ବକ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।



ଟେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଉଛି।

## ହରପାର୍ବତୀ ବିବାହ ଉତ୍ସବ ମୁଖ୍ୟ ଆକର୍ଷଣ

**କଟକ,୧୭।୯(ଶିଲ୍ପା ପ୍ରିୟଦର୍ଶିନୀ)**



**ଷ୍ଟେଶନ ବଜାର ପୂଜା କମିଟି**

ପାଖେଇ ଆସୁଛି ଦୁର୍ଗାପୂଜା। ମାତ୍ର କେଇଟା ଦିନ ପରେ ମା' ଦୁର୍ଗାଙ୍କ ସମେତ ହରପାର୍ବତୀ ଓ ପ୍ରଭୁ ମହାଦେବଙ୍କ ଧରାପୃଷ୍ଠକୁ ଆଗମନ ହେବ। ସମସ୍ତ ପୂଜା କମିଟି ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଏହି ପୂଜାରେ ସାମିଲ ହୋଇଛି ଷ୍ଟେଶନ ବଜାର ପୂଜା କମିଟି। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୫ ଲକ୍ଷ ଟଙ୍କା ବଜେଟ ରଖାଯାଇଛି। ୧୯୨୮ରେ ପ୍ରଥମେ ହରପାର୍ବତୀଙ୍କ ପୂଜା କରାଯାଇଥିଲା। ୧୯୯୯ରୁ ମହାଦେବଙ୍କ ପୂଜା କରାଯାଇଆସୁଛି। ପୌରାଣିକ ବିଷୟବସ୍ତୁକୁ ନେଇ ଏଠାରେ ପୂଜା କରାଯାଏ। ଚଳିତବର୍ଷ ହରପାର୍ବତୀ ବିବାହ ଉତ୍ସବ ଆଧାରରେ ପ୍ରତିମା ପୂଜା ପାଇବେ। ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ମହାଦେବଙ୍କ ମୂର୍ତ୍ତି କରାଯାଉଛି। ଏହାସହ ୧୮ଫୁଟ୍ ଉଚ୍ଚତାବିଶିଷ୍ଟ ବୁଲେନ ଧଳା ଜରି ମେଢ଼ ନିର୍ମାଣ କରାଯାଉଛି। ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ କମିଟି ପକ୍ଷରୁ କୌଣସି ତୋରଣ କିମ୍ବା ଲାଇଟ ଗେଟ କରାଯିବ ନାହିଁ ବରଂ ସମସ୍ତ ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ମହାଷଷ୍ଠୀରେ ଅଧିବାସ ପୂଜା କରାଯିବ ଏବଂ ମହାସପ୍ତମୀ ପୂଜା ପରେ ମହାଷ୍ଟମୀରେ ୬ କୁଇଣ୍ଟାଲ ଲଡୁ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏକାଦଶୀରେ ମେଲାଣି ଦିଆଯିବ। ଭସାଣି ଯାତ୍ରାରେ ପୁରୀ ଘଣ୍ଟ, ବ୍ରହ୍ମପୁର ବ୍ୟାଣ୍ଡପାର୍ଟି ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ପାରମ୍ପରିକ ବାଦ୍ୟ ଆକର୍ଷିତ କରିବ



"ପୂଜା କମିଟି ପକ୍ଷରୁ ଡିଜେ ଓ ନିଶାମୁକ୍ତ ପୂଜା ସମେତ ପଲିଥିନମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯେପରି ଭସାଣିରେ ଡିଜେ ଓ ନିଶାମୁକ୍ତ କରିବା ନେଇ ବିଶେଷ ଗୁରୁତ୍ୱ ଦିଆଯିବା ସହ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଅଧିକ ଦିଆଯାଉଛି।

**ପୁଣ୍ୟଶ୍ଳୋକ ଦାସ, ସଭାପତି**

### ପୌରାଣିକ ବିଷୟବସ୍ତୁକୁ ଗୁରୁତ୍ୱ



"ପୌରାଣିକ ବିଷୟବସ୍ତୁକୁ ନେଇ ପ୍ରତ୍ୟେକବର୍ଷ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ। ଚଳିତବର୍ଷ ହରପାର୍ବତୀଙ୍କ ବିବାହ ଉତ୍ସବ ମୁଖ୍ୟ ଆକର୍ଷଣ ପାଲଟିବ। ଏହାସହ ମଣ୍ଡପ ପକ୍ଷରୁ ବିଶେଷ ଭାବେ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

**ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ**



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୭।୯।୨୦୨୫

| | |
|---|---|
| ୪,୮୬,୭୪୦ ଟଙ୍କା | |
| ସୁନା | ୫.୩୪୦ ଗ୍ରାମ୍ |
| ରୁପା | ୨୦୦ ଗ୍ରାମ୍ |

# ସମାଜ ବନ୍ଧନକୁ ସୁଦୃଢ଼ କରେ ରକ୍ତଦାନ: ରାଜ୍ୟପାଳ

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

ରକ୍ତର ଏକ ବୁନ୍ଦା କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିବାର କ୍ଷମତା ରଖେ ନାହିଁ, ବରଂ ସମାଜର ବନ୍ଧନକୁ ସୁଦୃଢ଼ କରିଥାଏ। ରକ୍ତଦାନ ହେଉଛି 'ମାନବତା ପ୍ରତି ସେବାର ଏକ ମହାନ କାର୍ଯ୍ୟ' ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ବୁଧବାର ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ଦ୍ୱାରା ପୁରୀ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ମେଗା ରକ୍ତଦାନ ଅଭିଯାନରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ରାଜ୍ୟପାଳ କହିଥିଲେ ଯେ, ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ଦେଶବ୍ୟାପୀ ସେବା ପଖୱାଡ଼ା ଭାବେ ପାଳିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ସେବା, ତ୍ୟାଗ ଓ କଲ୍ୟାଣର ଆଦର୍ଶକୁ ଏହା ପ୍ରତିଫଳିତ କରୁଛି। ରାଜ୍ୟପାଳ ରକ୍ତଦାତାମାନଙ୍କ ନିଃସ୍ୱାର୍ଥପର ଅବଦାନ ଏବଂ ତେରାପନ୍ଥ ଯୁବକ ପରିଷଦର ପ୍ରୟାସକୁ ପ୍ରଶଂସା କରିଥିଲେ। ବିଶ୍ୱବ୍ୟାପୀ ପ୍ରାୟ ୫ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରିବାର ସେମାନଙ୍କର ଲକ୍ଷ୍ୟକୁ 'ମାପକାଠିରେ ଐତିହାସିକ ପଦକ୍ଷେପ ଏବଂ ମାନବତାର ସର୍ବୋଚ୍ଚ ଆଦର୍ଶର ଏକ ସ୍ଥାୟୀ ପ୍ରତୀକ' ଭାବେ ଆଲୋକପାତ କରିଥିଲେ। ରାଜ୍ୟପାଳ ରକ୍ତଦାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ବୁନ୍ଦାଏ ରକ୍ତ ଅନ୍ୟର ଜୀବନ ରକ୍ଷା କରିପାରିବ। ମହିଳାମାନେ ରକ୍ତହୀନତାର ନିରାକରଣ ପାଇଁ ଉପଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଓଡ଼ିଶାର ସେବା ଏବଂ ଆଧ୍ୟାତ୍ମିକତାର ପରମ୍ପରାକୁ ଆଲୋକପାତ କରି ରାଜ୍ୟପାଳ 'ପରୋପକାରାୟ ଇଦମ୍ ଶରୀରମ୍' କଥାକୁ ମନେ ପକାଇଥିଲେ। ଯୁବପିଢ଼ିଙ୍କ ରକ୍ତଦାନ ଜୀବନକୁ ସମୃଦ୍ଧ କରେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇ ରକ୍ତଦାନ ପାଇଁ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବାକୁ କହିଥିଲେ। ତେରାପନ୍ଥ ଯୁବ ପରିଷଦ ସଭାପତି ଜିତେନ୍ଦ୍ର ବାଇଦ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ମେଗା ରକ୍ତଦାନ ଡ୍ରାଇଭ୍ ମୁଖ୍ୟ ସଂଯୋଜକ ସିଦ୍ଧାର୍ଥ ଛୋରାରିୟା ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଜଣେ ରକ୍ତଦାତାଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରୁଛନ୍ତି।

# କୋଣାର୍କରେ ବୁଲା କୁକୁର ଆତଙ୍କ

## ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ିଲେଣି

ଗୋପ, ୧୭।୯ (ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ ଏନ୍‌ଏସି ଅଞ୍ଚଳରେ ବୁଲା କୁକୁରଙ୍କ ଆତଙ୍କ ସୃଷ୍ଟି ହୋଇଛି। ଏହି ଏନ୍‌ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ୩ଜଣ ନାବାଳକଙ୍କ ସହିତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବୁଲା କୁକୁର କାମୁଡ଼ିଲେଣି। ସେମାନେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ରଞ୍ଜୁ ମହାପାତ୍ର (୪୯) ଭୁବନେଶ୍ୱରର ଏକ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ପ୍ରକାଶ ଯେ, ଦୈନନ୍ଦିନ ଦେଶ ବିଦେଶ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥାନ୍ତି। ତେବେ କୋଣାର୍କ ଓ ଆଖପାଖ ଅଞ୍ଚଳରେ ଶତାଧିକ ବୁଲା କୁକୁର ବିଭିନ୍ନ ସମୟରେ ସେମାନଙ୍କୁ କାମୁଡ଼ାକାମୁଡ଼ି କରିଥାନ୍ତି। ମଙ୍ଗଳବାର ଅପରାହ୍ଣରେ ୧୦ ନମ୍ବର ୱାର୍ଡରେ ଏକ ବୁଲା କୁକୁର ଲୋକଙ୍କୁ କାମୁଡ଼ିବା ଫଳରେ ଲୋକେ ଜୀବନ ବିକଳରେ ଦୌଡ଼ିଥିଲେ। ବୁଲା କୁକୁର କାମୁଡ଼ାରେ ମାନସ ମହାରଣା (୩୦), ସାଇ ସୌରଭ ବେହେରା(୧୦), ସୁନି ଦଳେଇ (୧୪), ସୋମନାଥ ମହାପାତ୍ର (୧୧), ରୀନା ଦଳେଇ (୨୮) ଓ ରଞ୍ଜୁ ମହାପାତ୍ର (୪୯ ବର୍ଷ) ଆହତ ହୋଇ ଚିକିତ୍ସାଧୀନ ଥିବା ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଡ. ବିଭୁ ପ୍ରସାଦ ନାୟକ ସମସ୍ତଙ୍କୁ ଚିକିତ୍ସା କରିଥିବା ରଞ୍ଜୁଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।



ଆହତ ହୋଇଥିବା ରଞ୍ଜୁ ମହାପାତ୍ର।

## ସଂକ୍ଷେପରେ

### ପୂର୍ବ ବିବାଦକୁ ନେଇ ଗୋଷ୍ଠୀସଂଘର୍ଷ: ୨ ଗୁରୁତର, ବନ୍ଧୁକ ଜବତ

ବ୍ରହ୍ମଗିରି, ୧୭।୯ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ବୁଧବାର ରାତିରେ ପୂର୍ବବିବାଦକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏହି ସଂଘର୍ଷରେ ୨ଜଣ ଗୁରୁତର ହୋଇଥିବାବେଳେ ଘଟଣାସ୍ଥଳରୁ ପୋଲିସ ଏକ ବନ୍ଧୁକ ଜବତ କରିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ରାଜନୈତିକ ବିବାଦକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଥିଲା। ଏହାକୁ ନେଇ ବୁଧବାର ରାତିରେ ଏକ ଗୋଷ୍ଠୀର ବିରଞ୍ଚି ସେଠୀ ଏବଂ ଅପରଗୋଷ୍ଠୀର ସଞ୍ଜୟ ଜେନାଙ୍କ ପରିବାର ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଆଜି କୋର୍ଟ ଚାଲାଣ ହେବେ ଅନ୍ୟତମ ଅଭିଯୁକ୍ତ

ବାଲିହରଚଣ୍ଡୀ ବଳାତ୍କାର ମାମଲା

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

ବାଲିହରଚଣ୍ଡୀ ଜଙ୍ଗଲରେ ପୁରୁଷ ବନ୍ଧୁଙ୍କୁ ବାନ୍ଧି ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣାରେ ଅଭିଯୁକ୍ତ ଶିବପ୍ରସାଦ ସାହୁ ଓରଫ ଶିବୁନାକୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ରାଜ୍ୟ ବାହାରକୁ ଚାଲିଯାଇଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମନୋଜ ବେହେରା ଓରଫ କାଳିଆଙ୍କୁ ବୁଧବାର ପୋଲିସ ପୁରୀ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମାଇନା କରିଛି। ଗୁରୁବାର ମୁଖ୍ୟ ଅଭିଯୁକ୍ତ ମନୋଜଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ଠାକୁରାଣୀ ପୀଠକୁ ବଳାତ୍କାର ପୀଡିତା ଏବଂ ତାଙ୍କ ପୁରୁଷ ବନ୍ଧୁ ଯାଇଥିଲେ। ପରେ ସେଠାରେ ଥିବା ସମୁଦ୍ର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସେମାନେ ଛୋଟ ନଦୀ ପାର ହୋଇ ବେଳାଭୂମିର ଏକ ଛୋଟ ଜଙ୍ଗଲରେ ବସିଥିବା ବେଳେ ଅଭିଯୁକ୍ତ ଶିବ ଏବଂ ମନୋଜ ସେମାନଙ୍କ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନଙ୍କୁ ଦେଖାଇ ବ୍ଲାକ୍‌ମେଲ କରିବା ସହ ତାଙ୍କ ଠାରୁ ପ୍ରଥମେ ଫୋନପେ ମାଧ୍ୟମରେ ୨୫୦୦ ଟଙ୍କା ଏବଂ ପରେ ୧ହଜାର ଟଙ୍କା ନେଇଥିଲେ। ପରେ ଧମକ ଚମକ ଦେଇ ମାଡ଼ ମାରିବା ସହ ଯୁବକଙ୍କୁ ବାନ୍ଧି ତାଙ୍କ ସାମ୍ନାରେ ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ। ଘଟଣାରେ ପୋଲିସ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ବୁଧବାର ସନ୍ଧ୍ୟାରେ ପୋଲିସ ଆନ୍ଧ୍ରପ୍ରଦେଶରୁ ଅନ୍ୟତମ ଅଭିଯୁକ୍ତ ମନୋଜଙ୍କୁ କାବୁ କରି ପହଞ୍ଚିବା ପରେ ତାଙ୍କ ଡାକ୍ତରୀ ମାଇନା ଶେଷ ହୋଇଥିବା ଜଣାପଡିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ଅବସରରେ ତାଙ୍କ ଦୀର୍ଘାୟୁ କାମନା କରି ପୁରୀ ଏମ୍‌ପି ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ସ୍ଥାନୀୟ ଲୋକେ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରୁଛନ୍ତି।

# ଗଛ ଲଗାଇବାକୁ ଆହ୍ୱାନ ଦେଲେ ଏସ୍‌ପି

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

'ଏକ ପେଡ୍ ମା' କି ନାମ୍' ସ୍ଲୋଗାନ ଦେଇ ପୁରୀ ଜିଲା ପୋଲିସ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ରିଜର୍ଭ ପଡ଼ିଆରେ ଏସ୍‌ପି ପ୍ରତୀକ ସିଂ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ବର୍ତ୍ତମାନ ସମାଜରେ ବୃକ୍ଷର ଅଧିକ ଆବଶ୍ୟକତା ରହିଛି। ଜନସଂଖ୍ୟା ବୃଦ୍ଧି ହେଉଥିବାବେଳେ ଅମ୍ଳଜାନ, ବର୍ଷା ଓ ସୁସ୍ଥ ପରିବେଶ ଲାଗି ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଆଜିଠାରୁ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏ ଚାରା ରୋପଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସଚିନ ପଟେଲ, ସୌମ୍ୟ ମଲ୍ଲିକ, ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡ଼ା, ଡିଏସ୍‌ପି ସୁଶାନ୍ତ କୁମାର ସାହୁ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ଜିଲାର ୩୦ଟି ଥାନା ଓ ଫାଣ୍ଡି ପକ୍ଷରୁ ଚାରାରୋପଣ କରାଯାଇଛି। ସମୁଦାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିବା ଜଣାପଡ଼ିଛି।

# 'ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ିବା'

## ପୁରୀ ଜିଲାରେ ୨ଲକ୍ଷ ୭୦ ହଜାର ଚାରା ରୋପଣ

କାକଟପୁର/ଅସ୍ତରଙ୍ଗ, ୧୭।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ବୁଧବାର କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଚାରା ରୋପଣ କରିବା ସହ ଭବିଷ୍ୟତ ପିଢି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ବକ୍ତା ଭାବେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ସମ୍ମାନିତ ଅତିଥି ଭାବେ ମୁଖ୍ୟ ବିକାଶ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୁରୀ ବନଖଣ୍ଡ ଅଧିକାରୀ ମଗର ଧନୋଜି ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲାରେ ୨ଲକ୍ଷ ୭୦ହଜାର ଚାରା ରୋପଣ କରାଯାଇଛି ବୋଲି ପୁରୀ ବନଖଣ୍ଡ ଅଧିକାରୀ ମଗର ଧନୋଜି ରାଓ ସୂଚନା ଦେଇଛନ୍ତି। ଏହି ଅବସରରେ ବାପି କାଣ୍ଡି, ନରେଶ ବେହେରା, ପାପିନା କାଣ୍ଡି, ବିଜୟ ସେଠୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

### ୩୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଟକ

କଂଗ୍ରେସ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରାଯିବା ନେଇ ପୋଲିସ ସୂଚନା ପାଇ ୩୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ପିସିସି ପୂର୍ବତନ ସମ୍ପାଦକ ବିପିନ ବିହାରୀ ମହାନ୍ତି, ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ଜିଲା ସାଧାରଣ ସମ୍ପାଦକ, ପୂର୍ବତନ ସାଧାରଣ ସମ୍ପାଦକ ତପନ କୁମାର କାଣ୍ଡି, ବିରଞ୍ଚି ନାରାୟଣ ପତି, ନିହାର ରଞ୍ଜନ ବେଉରା, ଇରାକ ପାତ୍ର, ନଳିନୀକାନ୍ତ ଦୀକ୍ଷିତ, ଅରକ୍ଷିତ କାଣ୍ଡି, ଅମରେଶ୍ୱର ନାୟକ, ଅତିଉର ରହେମାନ, ସେକ ରିୟାଜ ଉଦ୍ଦିନ, ଶେଖ ଗୟାସ ପ୍ରମୁଖଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଫେରିବା ପରେ ସେମାନଙ୍କୁ ପୋଲିସ ଛାଡ଼ିଥିଲା।

# ଦୀପଦାନ କରି ମୋଦିଙ୍କ ଶୁଭ ମନାସିଲେ ପ୍ରଭାତୀ

## ସୁଭଦ୍ରା ଯୋଜନାକୁ ବର୍ଷେ ପୂରିଲା

କାକଟପୁର/ଅସ୍ତରଙ୍ଗ, ୧୭।୯ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ବର୍ଷେ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ତାଙ୍କ କରକମଳରେ ଓଡ଼ିଶାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଓଡ଼ିଶାର ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ଷେ ଭିତରେ ୧କୋଟିରୁ ଅଧିକ ମହିଳା ଲାଭାନ୍ୱିତ ହେବା ସହ ଆଜି ଏହା ଦେଶର ପ୍ରମୁଖ କଲ୍ୟାଣକାରୀ ଯୋଜନାରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ସଂକଳ୍ପ ସହ ତାଳ ମିଶାଇ ସୁଭଦ୍ରା ଯୋଜନା ମାଧ୍ୟମରେ ଓଡ଼ିଶାର ମହିଳା ଆତ୍ମନିର୍ଭରଶୀଳ ହେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ସହ ସୁଭଦ୍ରା ଯୋଜନାକୁ ୧ବର୍ଷ ପୂରଣ ଅବସରରେ ବୁଧବାର ଉପମୁଖ୍ୟମନ୍ତ୍ରୀ ପରିଡ଼ା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିର ସମ୍ମୁଖରେ ବ୍ଲକର ଅଙ୍ଗନୱାଡ଼ିକର୍ମୀଙ୍କ ଉପସ୍ଥିତିରେ ୨୦୮ଟି ଦୀପ ପ୍ରଜ୍ୱଳନ କରିଥିଲେ। ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାଙ୍କ ସଶକ୍ତୀକରଣ ପାଇଁ ଏକ ଦୃଢ଼ ପଦକ୍ଷେପ ବୋଲି ସେ କହିଥିଲେ। ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ମହିଳାମାନେ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୃଷକ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ

ନିମାପଡ଼ା, ୧୭।୯ (ବିଚିତ୍ରାନନ୍ଦ ସାହୁ)

ବୁଲାଗୋରୁଙ୍କ ଦାଉରୁ ଫସଲ ରକ୍ଷା ଓ ରାସ୍ତାରୁ ସେମାନଙ୍କୁ ହଟାଯିବା ଆଦି ଦାବି ନେଇ ନିମାପଡ଼ା ବ୍ଲକ କୃଷକମୋର୍ଚ୍ଚା ପକ୍ଷରୁ ଆମ୍ଭୋର ଛକଠାରେ ସୋମବାର ମୁଖ୍ୟରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ପ୍ରଦୀପ ମହାନ୍ତି, ଶଙ୍କର ପରିଡା, ଶରତ ବାରିକ, ରବୀନ୍ଦ୍ର ବେହେରା, ଯତିନ୍ଦ୍ର ସେନାପତି, ତୋଫାନ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ନିମାପଡ଼ା ବ୍ଲକ କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ମନୋଜ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୁଲାଗୋରୁ ଓ ଷଣ୍ଢମାନେ ଜମିରେ ପଶି ଫସଲ ଖାଇ ନଷ୍ଟ କରିବା ସହ ମୁଖ୍ୟରାସ୍ତାରେ ଶୋଇ ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ମୋର୍ଚ୍ଚା ଦାବି କରିଛି। ଆନ୍ଦୋଳନ ଯୋଗୁ ନିମାପଡ଼ା-କାକଟପୁର ରାସ୍ତାରେ ୨ଘଣ୍ଟା ଧରି ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ୧୦୬ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ





କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କାର୍ଯ୍ୟାଦେଶ ପତ୍ର ପାଇଥିବା ହିତାଧିକାରୀମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୧୭।୯ (ଅଜିତ କୁମାର ମହାନ୍ତି)

ପୁରୀ ଟାଉନ ହଲରେ ବୁଧବାର ୧୦୬ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେଇ କହିଥିଲେ, ପ୍ରତ୍ୟେକ ବ୍ୟକ୍ତିର ସ୍ୱପ୍ନ ଥାଏ ନିଜର ଘରଟିଏ ପାଇଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାହାକୁ ସଫଳ କରୁଛି। ତେବେ କାର୍ଯ୍ୟାଦେଶ ପାଇବା ସହ ଏହାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମିଳିତ ଭାବେ ପୁରୀ ସହରର ବିକାଶ କରାଯିବ ବୋଲି ମହାନ୍ତି କହିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ହିତାଧିକାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚାସୀନ ଥିଲେ। ପୌରପାଳିକା ସିଓ ରେଶ୍ମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ଟାଉନ ହଲ ପରିସରରେ ଚାରାରୋପଣ କରିବା ସହ ରଙ୍ଗୋଲି ଏବଂ ବିଭିନ୍ନ ବିଭାଗର ସଚେତନତା ଷ୍ଟଲ ବୁଲି ଦେଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗୋପ ବ୍ଲକ୍ ହେବ ବୃକ୍ଷମୟ: ସମୀର



ଭାଜପା ନେତା ସମୀର ଦାଶ ଚାରା ରୋପଣ କରୁଛନ୍ତି।

ଗୋପ, ୧୭।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ଚାରାରୋପଣକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ଏହି ବ୍ଲକକୁ ବୃକ୍ଷମୟ କରାଯିବ ବୋଲି ବୁଧବାର ଗୋପ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ଭାଜପା ନେତା ସମୀର ରଞ୍ଜନ ଦାଶ କହିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଦାଶ ଚାରା ରୋପଣ କରି ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଗୋଷ୍ଠୀ ସହିତ ଯୁବଗୋଷ୍ଠୀ ସାମିଲ୍ ହୋଇ ଚାରା ରୋପଣ କରିଥିଲେ। ଗୋପ ଅଞ୍ଚଳକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନ ଆସିବା ଓ ଭାଜପା ନେତା ଦାଶ ଚାରାରୋପଣ କରିବାକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଭାଜପା ନେତା ଦାଶଙ୍କୁ ପଚାରିବା କହିଛନ୍ତି, ମୋଦିଙ୍କ ଜନ୍ମଦିନରେ ଚାରାରୋପଣ ଲାଗି ଦଳୀୟ ନିଷ୍ପତ୍ତି ନିଆଯାଇଥିଲା। ଉପମୁଖ୍ୟମନ୍ତ୍ରୀ କ'ଣ ପାଇଁ ଗୋପ ଆସିଲେନି ତାଙ୍କୁ ପଚାରିଲେ ସେ ଉତ୍ତର ଦେଇପାରିବେ। ଅନ୍ୟପକ୍ଷରେ ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଗୋପ ବିଡିଓ ଛବିରାଣୀ ସାହୁ କହିଛନ୍ତି, ପ୍ରତ୍ୟେକ ପଞ୍ଚାୟତରେ ଚାରା ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି।

# ମାଗଣା ଚା' ବାଣ୍ଟି ମୋଦିଙ୍କ ଜନ୍ମଦିନ ପାଳିଲେ ଅକ୍ଷୟ

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଚା' ଦୋକାନୀ ଅକ୍ଷୟ ଜୟସିଂ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମୋତ୍ସବ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ମାଗଣାରେ ଲୋକଙ୍କୁ ଚା' ବାଣ୍ଟିଛନ୍ତି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଅକ୍ଷୟଙ୍କ ଟି ଷ୍ଟଲରେ ପହଞ୍ଚି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଜନସାଧାରଣଙ୍କୁ ମାଗଣାରେ ଚା' ଓ ରସଗୋଲା ବଣ୍ଟନ କରିବା ସହିତ ଚାରାରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟନାୟକ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମଧୁସୂଦନ ସିଂହାରୀ, ଉମାକାନ୍ତ ନାୟକ, ଉମାକାନ୍ତ ବେହେରା, ଜ୍ୟୋତି ମହାପାତ୍ର, ସଂଘମିତ୍ରା ଦାସ, ସୌମ୍ୟ ପାତ୍ର, ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଷୟ କହିଛନ୍ତି, ୨୦୧୪ ମେ ୨୬ରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ସେହି ବର୍ଷଠାରୁ ପ୍ରତିବର୍ଷ ମୋଦିଙ୍କ ଜନ୍ମଦିନରେ ସେ ମାଗଣାରେ ଲୋକଙ୍କୁ ଚା ଓ ରସଗୋଲା ବାଣ୍ଟିଥାନ୍ତି। ସେ ବଞ୍ଚିଥିବା ପର୍ଯ୍ୟନ୍ତ ପ୍ରତିବର୍ଷ ମୋଦିଙ୍କ ଜନ୍ମଦିନ ପାଳନ କରୁଥିବେ ବୋଲି ଅକ୍ଷୟ କହିଛନ୍ତି।





ଅକ୍ଷୟ ଜୟସିଂ ଏମ୍‌ପି ଏବଂ ଅନ୍ୟ ଲୋକମାନଙ୍କୁ ଚା' ଓ ରସଗୋଲା ବଣ୍ଟନ କରୁଛନ୍ତି।

# କିଡ୍‌ନୀ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ମିଳିଲା ରାଶନ କାର୍ଡ

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବୁଧବାର ମାନବିକତାର ଉଦାହରଣ ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିବା ଜଣେ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ବ୍ୟକ୍ତି ଜଣଙ୍କ ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ସରକାରୀ ସୁବିଧା ପାଇବା କଷ୍ଟକର ହୋଇଥିଲା। ତେବେ ଏନେଇ ପ୍ରଶାସନ ଅବଗତ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁବେହେରା, ଏସିଏସ୍‌ଓ ଜି. ପ୍ରଶାନ୍ତ କୁମାର ରାଓ ଏବଂ ଏମ୍.ଆଇ. ବିଜୟଲକ୍ଷ୍ମୀ ଦାସଙ୍କ ସହଯୋଗରେ ବ୍ୟକ୍ତିଙ୍କୁ ରାସର୍ନ କାର୍ଡ ଯୋଗାଇ ଦିଆଯାଇଛି।

# 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହିତ ପୁରୀ ଜିଲାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର) ଏବଂ ବିଦ୍ୟାଳୟ ଆଦିରେ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିବିର ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଯାହାକି ଏକ ପେଡ୍ ମା କେ ନାମ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ନାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ପ୍ରତ୍ୟେକ ବୟସର ଝିଅଙ୍କ ବିଶେଷକରି କିଶୋରୀଙ୍କ ଋତୁସ୍ରାବଜନିତ ପାରିଚ୍ଛନ୍ନତା ଓ ରକ୍ତହୀନତା ଭଳି ସ୍ୱାସ୍ଥ୍ୟ ପରୀକ୍ଷା ଅକ୍ଟୋବର ୨ ପର୍ଯ୍ୟନ୍ତ କରାଯିବ। ସେହିପରି ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତା ପରୀକ୍ଷା, ରକ୍ତଶର୍କରା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ କାର୍ଯ୍ୟକ୍ରମ, ଯକ୍ଷ୍ମା ପରୀକ୍ଷା ଇତ୍ୟାଦି ଏହି ଶିବିରରେ ଆୟୋଜନ କରାଯାଇଛି। ଶିବିର ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୨୪୧ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୭ଟି ସହରାଞ୍ଚଳ ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲାର ୭ ଲକ୍ଷ ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର ଏହି କାର୍ଯ୍ୟକ୍ରମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି।

# ମହିଳା ଟ୍ରାଫିକ୍ କନଷ୍ଟେବଲ ହତ୍ୟା ଅନ୍ତରାଳେ

**ଭୁବନେଶ୍ୱର,୧୭।୯(ସତ୍ୟଜିତ୍ ରାଉତ)**



ଗତ ୬ତାରିଖରୁ ଭୁବନେଶ୍ୱରରୁ ନିଖୋଜ ଥିବା ମହିଳା ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରା ସାହୁ(୨୫)ଙ୍କୁ ହତ୍ୟା କରିଥିବାନେଇ ସ୍ୱାମୀ ଦୀପକ ରାଉତ ପୋଲିସ ନିକଟରେ ସ୍ୱୀକାର କରିବା ପରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ଟଙ୍କା ଦିଆନିଆକୁ ନେଇ ଉଭୟଙ୍କ ମଧ୍ୟରେ ସୃଷ୍ଟ ବିବାଦରୁ ଏଭଳି ଘଟଣା ଘଟିଥିବା ଶୁଣାପଡ଼ୁଥିଲେ ହେଁ ଏନେଇ ସ୍ପଷ୍ଟ ସୂଚନା କିଛି ମିଳିପାରି ନାହିଁ। ଦୀପକ ଏବଂ ଶୁଭମିତ୍ରା ଗତବର୍ଷ କୋର୍ଟରେ ମ୍ୟାରେଜ କରିଥିବାବେଳେ ସାମାଜିକ ସ୍ୱୀକୃତି ପାଇଁ କିଛିଦିନ ମଧ୍ୟରେ ଆୟୋଜନ କରିବାକୁ ମନସ୍ଥ କରିଥିଲେ। ଏହାସତ୍ତ୍ୱେ ଦୀପକ କାହିଁକି ଶୁଭମିତ୍ରାଙ୍କୁ ହତ୍ୟା କଲେ ତାକୁ ନେଇ ସନ୍ଦେହ ଲାଗି ରହିଛି।

### ଗତବର୍ଷ ତଳେ କୋର୍ଟରେ ବିବାହ କରିଥିଲେ

ଦୀପକ ଓ ଶୁଭମିତ୍ରା କିଛିବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ୨୦୨୪ ଜୁଲାଇ ୨୩ରେ ପରିବାର ଲୋକଙ୍କୁ ନ ଜଣାଇ ଉଭୟ ବିବାହ କରିଥିଲେ। ଖଣ୍ଡଗିରିସ୍ଥିତ ମ୍ୟାରେଜ ଅଫିସରଙ୍କ ନିକଟରେ ୩ଜଣ ସାକ୍ଷୀଙ୍କ ଉପସ୍ଥିତିରେ ବିବାହ କରିଥିଲେ ବୋଲି ଏକ ପ୍ରମାଣପତ୍ର ସାମ୍ନାକୁ ଆସିଛି। ଗୋପନରେ ବିବାହ କରିଥିଲେ ସୁଦ୍ଧା ଆଗକୁ ଉଭୟେ ସାମାଜିକ ରୀତିନୀତିରେ ବିବାହ କରିବେ ବୋଲି ଯୋଜନା କରିଥିଲେ ବୋଲି ସୂଚନା ମିଳିଛି।

### ଟଙ୍କା କାରବାରରୁ ଝଗଡ଼ାର ସୂତ୍ରପାତ

ଦୀପକଙ୍କୁ ପୋଲିସ ଜେରା କରିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ାର ମୂଳ କାରଣ ଟଙ୍କା ନେଣଦେଣ ବୋଲି ପୋଲିସ ଜାଣିବାକୁ ପାଇଛି। ଶୁଭମିତ୍ରା ସାମାଜିକ ରୀତିନୀତିରେ ବିବାହ କରିବାକୁ ଦୀପକଙ୍କଠାରୁ ୨୦ ଲକ୍ଷ ଟଙ୍କା ଦାବି କରୁଥିଲେ। ଏହି କାରଣ ପାଇଁ ଉଭୟଙ୍କ ମଧ୍ୟରେ ଝଗଡ଼ାର ସୂତ୍ରପାତ ହୋଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଶୁଭମିତ୍ରାଙ୍କଠାରୁ ୧୦ରୁ ୧୨ ଲକ୍ଷ ଟଙ୍କା ଦୀପକ ଆଣିଥିବାବେଳେ ଶୁଭମିତ୍ରା ଏହି ଟଙ୍କା ଫେରାଇବା ପାଇଁ ଚାପ ପକାଇବା ସହ ଆଉ ୨୦ଲକ୍ଷ ଟଙ୍କା ଦାବି କରୁଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ପ୍ରକୃତରେ ଉଭୟଙ୍କ ମଧ୍ୟରେ କେତେ ଟଙ୍କା କାରବାର ହୋଇଛି ଏବଂ କିଏ କାହାକୁ ପ୍ରଥମେ ଟଙ୍କା ଦେଇଥିଲେ, ସେନେଇ ସ୍ପଷ୍ଟ ତଥ୍ୟ ପାଇବାକୁ ପୋଲିସ ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟର ଟ୍ରାଞ୍ଜାକ୍ସନ୍ ଯାଞ୍ଚ କରୁଛି।

### ସେପ୍ଟେମ୍ବର ୬ ତାରିଖ ଥିଲା ଶୁଭମିତ୍ରାଙ୍କ ଶେଷ ଦିନ

ଶୁଭମିତ୍ରାଙ୍କ ଘର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଲିରେ ହୋଇଥିବା ବେଳେ ସେ ଭୁବନେଶ୍ୱର ପୂର୍ଣ୍ଣମନଗରରେ ରହୁଥିଲେ। ସେ କମିଶନରେଟ୍ ପୋଲିସ ମୁଖ୍ୟାଳୟର ଟ୍ରାଫିକ୍ ଡିସିପି କାର୍ଯ୍ୟାଳୟର ରିଜର୍ଭ ସେକ୍ସନ(ଆର୍‌ଓ)ରେ କାମ କରୁଥିଲେ। ସେପ୍ଟେମ୍ବର ୬ ତାରିଖରେ ଶୁଭମିତ୍ରା ଅଫିସ ଯାଇଥିଲେ। ସେଠାରୁ ଦୀପକ ତାଙ୍କୁ ନିଜ ହୋଣ୍ଡା ସିଟି (ଓଡି୦୨-ଆର୍-୪୯୪)ରେ ବସାଇ ଆଣିଥିଲେ। ରାଜଭବନ ନିକଟ ୟୁନିଟ୍-୬ ଅଞ୍ଚଳରେ ଅପରାହ୍ନ ୨ରୁ୩ଟା ମଧ୍ୟରେ ଉଭୟଙ୍କ ମଧ୍ୟରେ ଟଙ୍କା ଦିଆନିଆକୁ ନେଇ ଝଗଡ଼ା ହୋଇଥିଲା। କାର୍ ଭିତରେ ହିଁ ଦୀପକ ଶୁଭମିତ୍ରାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋତିବାକୁ ସମ୍ପର୍କୀୟ ଭାଇ ପପୁଙ୍କୁ ଯୋଗାଯୋଗ କରିଥିଲେ। ଉକ୍ତ କାରରେ ସେ ମୃତଦେହକୁ ଘଟଗାଁ ନେଇଯାଇଥିଲେ। ଅପରପକ୍ଷରେ ଶୁଭମିତ୍ରା ଘରକୁ ନ ଫେରିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ଶୁଭମିତ୍ରାଙ୍କ ମୋବାଇଲ ସୁଇଚ୍ ଅଫ୍ ମଧ୍ୟ ହୋଇଯାଇଥିଲା। ବହୁ ଖୋଜାଖୋଜି କରିବା ପରେ ମା' ସୁକାନ୍ତି ସାହୁ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍ ନଂ.୬୪) ପଞ୍ଜୀକୃତ କରି ତଦନ୍ତ କରିଥିଲା। ପରେ କମିଶନରେଟ ପୋଲିସ ପକ୍ଷରୁ ଶୁଭମିତ୍ରାଙ୍କ ନିଖୋଜ ସମ୍ପର୍କରେ ପୋଷ୍ଟର ଜାରି କରିବା ସହ ସୂଚନାଦାତାଙ୍କୁ ୨୫ହଜାର ଟଙ୍କାର ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲା।

### ପ୍ରଥମ ସ୍ତ୍ରୀ ମୃତ୍ୟୁ ପାଇଁ କୋଟିଏ ବୀମାରାଶି ପାଇଥିଲେ ଦୀପକ

ପୋଲିସ ଅଧିକ ତଦନ୍ତ କରିବା ପରେ ଦୀପକଙ୍କ ପରିବାର ସମ୍ପର୍କରେ ବଡ଼ ତଥ୍ୟ ମିଳିଛି। ଦୀପକଙ୍କ ପ୍ରଥମ ସ୍ତ୍ରୀ ପୂର୍ବରୁ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଦୀପକ ଏଥିପାଇଁ ଏକ କୋଟି ଟଙ୍କା ବୀମାରାଶି ପାଇଥିଲେ। ତେବେ ଶୁଭମିତ୍ରାଙ୍କୁ ଦୀପକ ହତ୍ୟା କରିବା ପରେ ନୂଆ ଦିଗ ସାମ୍ନାକୁ ଆସିଛି। ବୀମା ପାଇବାକୁ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ଦୀପକଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଏପରି କି ଶୁଭମିତ୍ରାଙ୍କୁ ହତ୍ୟା କରି ପୁଣି ବୀମାରାଶି ହଡ଼ପ କରିବାକୁ ଦୀପକ ଚେଷ୍ଟା କରିଥାଇପାରନ୍ତି ବୋଲି ଆଲୋଚନା ହେଉଛି। ତେବେ ଏଦିଗକୁ ନେଇ ଅଧିକ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

### ଧରାଇଲା ସିଡିଆର୍, ହ୍ୱାଟ୍‌ସଆପ୍ ଚାର୍ଟ, ସିସିଟିଭି

ଦୀପକ ଏବଂ ଶୁଭମିତ୍ରାଙ୍କ ମଧ୍ୟରେ ସମ୍ପର୍କ ଥିବା ପରିବାର ଲୋକେ ପୂର୍ବରୁ ଜାଣିଥିଲେ। ତେଣୁ ଝିଅର ନିଖୋଜ ପରେ ଦୀପକଙ୍କ ଉପରେ ସନ୍ଦେହ କରୁଥିବାନେଇ ପରିବାର ଲୋକ ପୋଲିସକୁ ଜଣାଇଥିଲେ। ଶୁଭମିତ୍ରାଙ୍କ କଲ୍ ଡିଟେଲ୍ସ ରିପୋର୍ଟ(ସିଡିଆର) ଯାଞ୍ଚ କରିବାପରେ ସେ ଦୀପକଙ୍କ ସହ ବହୁଥର କଥା ହୋଇଥିବା ଜଣାପଡ଼ିଥିଲା। ଏପରିକି ହ୍ୱାଟ୍ସଆପ ଚାର୍ଟରେ ଉଭୟଙ୍କ ବହୁ ବ୍ୟକ୍ତିଗତ ଚାର୍ଟ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଥିଲା। ଏପରିକି ପୋଲିସ ଦୀପକଙ୍କୁ ପଚରାଉଚରା କରିବା ବେଳେ ତାଙ୍କ ବୟାନରେ ତାଳମେଳ ରହୁ ନ ଥିଲା। ପୋଲିସ ଟିମ୍ ୪୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଦୀପକ ହିଁ ଶୁଭମିତ୍ରାଙ୍କୁ କାର୍‌ରେ ନେଇଥିବା ପ୍ରମାଣ ମିଳିଥିଲା।

### ଜେସିବିରେ ଖୋଳି ମୃତଦେହ ଜବତ କଲା ପୋଲିସ

ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ନେଇ ଦୀପକ ସ୍ୱୀକାର କରିବା ପରେ ବୁଧବାର ଅପରାହ୍ନ ୧ଟାରେ ଭୁବନେଶ୍ୱର ପୋଲିସର ୨ଟି ସ୍ୱତନ୍ତ୍ର ଦଳ ଦୀପକଙ୍କୁ ଧରି କେନ୍ଦୁଝର ପୋଲିସ ସହ ଘଟଗାଁ ଥାନାକୁ ଯାଇଥିଲେ। ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ କିଛି ଘଣ୍ଟା ପାଇଁ ବିଳମ୍ବ ହୋଇଥିଲା। ପୋଲିସ ଟିମ୍ ଅପରାହ୍ନ ପ୍ରାୟ ୩ଟାରେ କଡ଼ା ସୁରକ୍ଷା ସହିତ ତାଙ୍କୁ ଘଟଗାଁ ପୋଲିସ ଷ୍ଟେଶନରୁ ପ୍ରାୟ ୩ କି.ମି. ଦୂର ଉପରଡ଼ିହା ପଞ୍ଚାୟତ ଅନ୍ତର୍ଗତ ଘଟଣାସ୍ଥଳ ରାଜବନ୍ଧ ସାହିକୁ ନେଇଥିଲା। ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ଆସିଥିବା ପୋଲିସ ଟିମ୍ ସହ ଘଟଗାଁ ପୋଲିସ ଉପସ୍ଥିତ ଥିଲା। ସେଠାରେ ଅଭିଯୁକ୍ତ ମୃତଦେହ ପୋତିଥିବା ସ୍ଥାନକୁ ଦେଖାଇଥିଲେ। ମାଜିଷ୍ଟ୍ରେଟ୍ ଏବଂ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ଜେସିବି ସହାୟତାରେ ମାଟି ଖୋଳି ମୃତଦେହ ଏକ ବସ୍ତାରେ ବନ୍ଧାଯାଇଥିବା ଅବସ୍ଥାରେ ଜବତ କରିଥିଲା। ଘଟଣାରେ ଦୀପକଙ୍କୁ ସହଯୋଗ କରିଥିବା ତାଙ୍କ ସମ୍ପର୍କୀୟ ମାଉସୀ ପୁଅ ଭାଇ ପପୁ ଭୂୟାଁ ଏବଂ ପପୁଙ୍କ ବନ୍ଧୁ ଜଟିଆ ମହାନ୍ତିଙ୍କୁ ପୋଲିସ ଅଟକ ରଖିଛି। ଜଟିଆଙ୍କ ଘର ନିକଟ ଜଙ୍ଗଲରେ ହିଁ ମୃତଦେହ ପୋତାଯାଇଥିଲା। ଶୁଭମିତ୍ରାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତଦେହ ଜବତ ପାଇଁ ଆସିଥିବା ଭୁବନେଶ୍ୱର ପୋଲିସକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିବା ଘଟଗାଁ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର କହିଛନ୍ତି।

# ଝାଡ଼ଖଣ୍ଡ ଡିଲରଙ୍କ ସମେତ ୩ ଗିରଫ

## ସ୍ପେଶାଲ କ୍ରାଇମ ୟୁନିଟ୍ ପଞ୍ଝାରେ ବନ୍ଧୁକ ବେପାରୀ

### ୮ ପିସ୍ତଲ ଜବତ

**ଭୁବନେଶ୍ୱର,୧୭।୯(ସତ୍ୟଜିତ୍ ରାଉତ)**

କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏକ ବଡ଼ ବନ୍ଧୁକ ର୍ୟାକେଟକୁ ଧରିଛି। ରାଜଧାନୀରେ ବନ୍ଧୁକ ବିକ୍ରି କରୁଥିବାବେଳେ ଝାଡ଼ଖଣ୍ଡ ଡିଲରଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଲୋହାରଦାଗା ଜିଲାର ମହେଶ କୁମାର ଶାହା ଓରଫ ଟିପୁ (୫୦), ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦେଓଳଟାଙ୍ଗୀ ଗ୍ରାମର ମହମ୍ମଦ ସକାବତ୍ (୪୮) ଓ ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଫିରୋଜ ଅଲ୍ଲୀ ଖାନା (୫୩)। ସେମାନଙ୍କ ନିକଟରୁ ୮ଟି ସେମି ଅଟୋମେଟିକ୍ ପିସ୍ତଲ, ୩୪ ଗୁଳି, ୩ ବାଇକ, ୪ ମୋବାଇଲ ଓ ନଗଦ ୨୪୦୦ ଟଙ୍କା ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ଥାନା ପକ୍ଷରୁ ମାମଲା (ନଂ.୬/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମହେଶଙ୍କ ନାଁରେ ଜଙ୍କିଆ ଥାନାରେ ୩ଟି ଆପରାଧିକ ମାମଲା ରହିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଆପରାଧିକ ପୃଷ୍ଠଭୂମି ସଂକ୍ରାନ୍ତରେ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ତେବେ ଏହି ବନ୍ଧୁକ କାରବାର ନେଟ୍‌ୱର୍କ ପଛରେ ଥିବା ଅନ୍ୟମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।



ଗିରଫ ୩ ଅଭିଯୁକ୍ତ, ଜବତ ପିସ୍ତଲ, ଗୁଳି, ମୋବାଇଲ ଓ ଟଙ୍କା।

ସୂଚନା ଅନୁଯାୟୀ, ମୈତ୍ରୀ ବିହାର ଥାନା ଅନ୍ତର୍ଗତ ହାତିଆସୁଣୀ ଛକ ନିକଟରେ ବନ୍ଧୁକ କାରବାର ଚାଲିଥିବା ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ମଙ୍ଗଳବାର ସକାଳ ପ୍ରାୟ ୧୧ଟା ବେଳେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ତେବେ ଜବତ ବନ୍ଧୁକଗୁଡିକ ବିହାର ମୁଙ୍ଗେରର ନିର୍ମାଣ ଶୈଳୀ ବୋଲି ଜଣାପଡିଛି। କେତେ ଟଙ୍କାରେ ଏହି ବନ୍ଧୁକ ବିକ୍ରି କରାଯାଉଥିଲା, କାହା ପାଖକୁ ବନ୍ଧୁକ ଯାଇଥାନ୍ତା ତାହା ଜାଣିବାକୁ ପୋଲିସ ଅଧିକ ଖୋଳତାଡ ଚଳାଇଛି।

# ବିଚାରାଧୀନ ବନ୍ଦୀ ସ୍ୱତନ୍ତ୍ର ଜେଲରୁ ଫେରାର

**ରାଉରକେଲା,୧୭।୯(ସଙ୍ଗୀତା ଜେନା)**

ରାଉରକେଲା ସ୍ୱତନ୍ତ୍ର ଜେଲରୁ ଜଣେ ବିଚାରାଧୀନ ବନ୍ଦୀ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ସେ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ମାରଙ୍ଗପିଡି ବିତରାମ ଅଞ୍ଚଳର ସୁରେଶ ବାର୍ଲା (୩୦)। ଏ ନେଇ ରାଉରକେଲା ସ୍ୱତନ୍ତ୍ର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରଷିନାଥ ନାୟକ ବୁଧବାର ରଘୁନାଥପାଲୀ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ ପୋଲିସ ଏକ ମାମଲା (ନଂ. ୫୧୭/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ସୁପରିଣ୍ଟେଣ୍ଡେଣ୍ଟ ନାୟକ ଦେଇଥିବା ଏତଲା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟାରେ ସମସ୍ତ ବନ୍ଦୀ ଜଳଖିଆ ଖାଇଥିଲେ। କୌଣସି ପ୍ରକାର ସୁଯୋଗ ନେଇ ସୁରେଶ ପାଚେରି ଡେଇଁ ଫେରାର ହେବା ଲାଗି ସକ୍ଷମ ହୋଇଥିଲେ। ସେ ତାଙ୍କ ମା'ଙ୍କୁ ହତ୍ୟା ଉଦ୍ୟମ କରିଥିବା ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଜେଲରେ ଅଧିକ ଉଚ୍ଚତାର ପାଚେରି ରହିଛି। ଜେଲ ସମ୍ମୁଖରେ ବାହାରେ ପୋଲିସ ଆଉଟ୍‌ପୋଷ୍ଟ ରହିଛି। ଏଭଳି ସ୍ଥିତିରେ ବିଚାରାଧୀନ ବନ୍ଦୀ ଫେରାର ହେବା ଜେଲ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପୂର୍ବରୁ ମଧ୍ୟ ଏକାଧିକ ବନ୍ଦୀ ପାଚେରି ଡେଇଁ ଫେରାର ହୋଇଯାଇଥିବାର ନଜିର ରହିଛି।

# ପୁଅ ଠେଙ୍ଗା ମାଡ଼ରେ ବାପା ମୃତ

**ବାରିପଦା,୧୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଟଙ୍ଗାଶୋଳ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ଠେଙ୍ଗାମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁନାଥ ମୁର୍ମୁ(୫୫)। ମୃତକଙ୍କ ସ୍ତ୍ରୀ ସୀତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୩୨୫/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବୁଧାନ ମୁର୍ମୁ(୨୦)ଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରଘୁନାଥଙ୍କ ୨ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ସାନପୁଅ ବୁଧାନ ମଙ୍ଗଳବାର ଦ୍ୱିପ୍ରହରର ଘରେ ଥିବା ସମୟରେ ତାଙ୍କ ବାପା ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରିଥିଲେ। ଏହାକୁ ବୁଧାନ ବିରୋଧ କରିବାରୁ ରଘୁନାଥ କିଛି ଶୁଣି ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବୁଧାନ ଏକ ଠେଙ୍ଗାରେ ବାପାଙ୍କୁ ପିଟିଥିଲେ। ପୁଅ ଆକ୍ରମଣରେ ଗୁରୁତର ଆହତ ହୋଇ ରଘୁନାଥ ଘର ବାହାରକୁ ଚାଲିଯାଉଥିବାବେଳେ ତାଙ୍କୁ ଘୋଷାରି ଘୋଷାରି ଘରକୁ ଆଣିଥିଲେ ବୁଧାନ। ଏପରି କି ବାପାଙ୍କୁ ଚିକିତ୍ସା କରିବାକୁ ନ ନେଇ ଘରେ ରଖିଥିଲେ। ମଧ୍ୟରାତ୍ରିରେ ରଘୁନାଥଙ୍କ ମୃତ୍ୟୁ ଘଟିଥିବାବେଳେ ସକାଳେ ଖବର ପାଇ ବଡ଼ସାହି ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ବୁଧାନଙ୍କୁ ଗିରଫ କରିଥିଲେ।

# ୪ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ

### ନାବାଳିକା ଗଣବଳାତ୍କାର ମାମଲାର ରାୟ ପ୍ରକାଶ

**ଭବାନୀପାଟଣା,୧୭।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ବିଜେପୁର ଥାନା ଅଞ୍ଚଳରେ ଗତ ୨୦୨୩ ଏପ୍ରିଲ ୧୬ ରେ ହୋଇଥିବା ୨ ନାବାଳିକାଙ୍କୁ ଗଣବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍‌ସୋ କୋର୍ଟରେ ବିଚାରପତି ରାଜୀବ ଲୋଚନ ସାହୁ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ୨ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ କଳାହାଣ୍ଡି ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ପାଜିବାହାଲି ଗ୍ରାମର ଧନେଷ୍ଟି ନାଏକ, ସୁମନ୍ତ ହରିଜନ, ଅମର ହରିଜନ ଓ ରାଜୀବ ମାଝୀ। ମିଳିଥିବା ସୂଚନା ଅନୁଯାୟୀ, ବିଜେପୁର ଥାନା ବେନଗାଁରେ ତାରିଣୀ ଯାତ୍ରାରେ ନାଟକ ଦେଖି ୨ ନାବାଳିକାଙ୍କ ସହ ଜଣେ ଯୁବତୀ ଭୋର ୩ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ପାଜିବାହାଲି ବ୍ରିଜ ନିକଟରେ ଅଭିଯୁକ୍ତମାନେ ୨ ନାବାଳିକାଙ୍କୁ ଜୋର ଜବରଦସ୍ତି ଟେକି ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ।

# ନିମାପଡ଼ା ଥାନାରେ ମହିଳା କମିଶନ ଟିମ୍‌ର ତଦନ୍ତ

## ଶିକ୍ଷୟିତ୍ରୀ, ତାଙ୍କ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ରାସ୍ତାରେ ଚଲାଇବା ଘଟଣା

**ନିମାପଡ଼ା,୧୭।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଞ୍ଚଳରେ ଗତ ୯ତାରିଖ ରାତିରେ ଜଣେ ଶିକ୍ଷୟିତ୍ରୀ ଏବଂ ତାଙ୍କ ପୁରୁଷବନ୍ଧୁଙ୍କୁ ଘରେ ଏକାଠି ଦେଖି ଶିକ୍ଷୟିତ୍ରୀଙ୍କ ଅଧ୍ୟାପକ ସ୍ୱାମୀ ନିସ୍ତୁକ ମାଡ଼ ମାରିବା ସହ ଉଭୟଙ୍କୁ ରାସ୍ତାରେ ଫୁଲମାଳ ପକାଇ ଚଲାଇବା ଘଟଣାକୁ ଗୁରୁତ୍ୱର ସହ ନେଇଛି ରାଜ୍ୟ ମହିଳା କମିଶନ। ବୁଧବାର ରାଜ୍ୟ ମହିଳା କମିଶନର ଦୁଇଜଣିଆ ଟିମ୍ ନିମାପଡ଼ା ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଇନ୍ସପେକ୍ଟର ସସ୍ମିତା ଦାଶ, ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ପ୍ରମୁଖ ନିମାପଡ଼ା ଥାନାରେ ଆଇଆଇସି ବାମଦେବ ସ୍ୱାଇଁ ଏବଂ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ସହ ବିଶଦ ଆଲୋଚନା କରିଛନ୍ତି। ଭଳି ଘଟଣା ମହିଳା ସମାଜ ପାଇଁ ଅତ୍ୟନ୍ତ ନିନ୍ଦନୀୟ। ଅଭିଯୁକ୍ତଙ୍କ ବିରୋଧରେ ଠିକ୍ ସମୟସୀମା ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବା ସହ ମାମଲାର ତ୍ୱରିତ ଶୁଣାଣି ଉପରେ ଗୁରୁତ୍ୱ ଦେବାକୁ କମିଶନ ସଦସ୍ୟା କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମହିଳା କମିଶନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



ନିମାପଡ଼ା ଥାନାରେ ଆଇଆଇସିଙ୍କ ସହ ରାଜ୍ୟ ମହିଳା କମିଶନର ସଦସ୍ୟାଦ୍ୱୟ ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀଙ୍କ ସ୍ୱାମୀ କ୍ରୋଧାନ୍ୱିତ ହୋଇ ସ୍ତ୍ରୀ ଓ ତାଙ୍କ ପୁରୁଷବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରିବା ପରେ ହାତ ବାନ୍ଧି ବେକରେ ଫୁଲମାଳ ପକାଇ ବୁଲାଇବା ସହ ପୁରୁଷବନ୍ଧୁଙ୍କୁ ଅର୍ଦ୍ଧଉଲଗ୍ନ କରି ରାସ୍ତାରେ ଚଲାଇ ଥାନାକୁ ନେଇଥିଲେ। ଏନେଇ ଶିକ୍ଷୟିତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ତାଙ୍କ ସ୍ୱାମୀ ଓ ଜଣେ ସହଯୋଗୀଙ୍କ ବିରୋଧରେ ଏକ ମାମଲା (ନଂ. ୨୮୧/୨୫) ରୁଜୁ କରି ସେମାନଙ୍କୁ ଗିରଫ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଭିଜିଲାନ୍ସ ଜାଲରେ କିରାଣି, ପିଅନ

**ସମ୍ବଲପୁର,୧୭।୯(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ କର୍ମଚାରୀଙ୍କୁ ବୁଧବାର ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ବିଭାଗ ଧରିଛି। ସେମାନେ ହେଲେ କନିଷ୍ଠ କିରାଣି ଦୁଷ୍ମନ୍ତ କୁମାର ସାହୁ ଓ ପିଅନ ଗୋପବନ୍ଧୁ ସାହୁ। ଉଭୟଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି।

### ସହକର୍ମୀଙ୍କଠାରୁ ଲାଞ୍ଚ ନେଇ ଗିରଫ

ସୂଚନା ଅନୁସାରେ, ରେଙ୍ଗାଲି ବିଇଓ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ବକେୟା ରାଶି ପାଇଁ ଆବେଦନ କରିଥିଲେ। ଏ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ ପାଇଁ ସହକର୍ମୀ ହେଲେ ମଧ୍ୟ ତାଙ୍କଠାରୁ କନିଷ୍ଠ କିରାଣି ଦୁଷ୍ମନ୍ତ ୨୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏକାଥରରେ ଏତେ ଟଙ୍କା ଦେବାକୁ ଅସାମର୍ଥ୍ୟତା ପ୍ରକାଶ କରିବାରୁ ପ୍ରଥମ କିସ୍ତିରେ ୭ହଜାର ଟଙ୍କା ଦେବାକୁ କଥା ଛିଡ଼ିଥିଲା। ଏନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀ ବୁଧବାର ରେଙ୍ଗାଲି ବିଇଓ କାର୍ଯ୍ୟାଳୟରେ ପହଞ୍ଚି କିରାଣି ଦୁଷ୍ମନ୍ତଙ୍କୁ ପ୍ରଥମ କିସ୍ତି ବାବଦ ୭ହଜାର ଟଙ୍କା ଦେଇଥିଲେ। ମାତ୍ର ଉକ୍ତ ଟଙ୍କାକୁ ସେ ପିଅନ ଗୋପବନ୍ଧୁଙ୍କ ଜରିଆରେ ନେଇଥିଲେ। ଏହି ସମୟରେ ସାଦା ପୋଷାକରେ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀ ଉଭୟଙ୍କୁ କାବୁ କରି ନେଇଥିଲେ।


**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN-761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

Letter No : 1646/NAC Dated : 16.09.2025

**QUOTATION CALL NOTICE FOR HIRING OF VEHICLE FOR NAC, PURUSHOTTAMPUR FOR 2025-26**

**No.C-1102** : Sealed quotations/tenders are hereby invited from interested persons / Registered Firms / Travel Agencies / Trusts having valid GST Registration Certificates for providing a commercial light vehicle having sitting capacity not more than 08 including driver i.e.(BOLERO NEO or any SUV of equal category) bearing commercial registration number, along with a driver, for deployment under NAC, Purushottampur for official use on a monthly rental basis, strictly conforming to the terms and conditions specified in the bid document/agreement.

- Period of Receipt of Bids: **From 18/09/2025, 10:00 A.M. to 25/09/2025, 2:00 P.M.**
- Date & Time of **Opening of Bids: 25/09/2025 at 04:00 P.M.** in the NAC Conference Hall.
- Cost of Quotation Paper: **Rs. 1000/- (Rupees One Thousand only)**, payable at the office of the undersigned or may submitted in shape of demand draft for downloaded bid form.
- The Quotation Form will be available at the office of the undersigned during office hours from 18/09/2025 to 25/09/2025 **upto 1.00 P.M.** and can also be downloaded from the website: https://nacpurushottampur.in/tender.

The undersigned reserves the right to **reject any or all quotations/tenders** without assigning any reason thereof.

**Sd./- Executive Officer**
**NAC, Purushottampur**
OIPR-13187/11/0014/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST : KORAPUT**
**e-Procurement Notice**
**Bid Identification No. SEUKID-02/2025-26 Dated : 16.09.2025**

**No.A-628** : Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 24 Nos
3. Estimated Cost : Rs.6.77 Lakhs to Rs.13.14 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **20.09.2025** Up to 17.00 hours of **03.10.2025**
6. Last date & time for receipt of bids in portal : **03.10.2025** up to 17.00 hours
7. Bids received online shall be opened on : 11.00 hours of **04.10.2025**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.** Addendum/corrigendum/cancellation required, if any will be published in Govt. Website only.

**Sd./- Superintending Engineer,**
**Upper Kolab Irrigation Division,**
**Borigumma (K)**
OIPR-32482/11/0013/2526



**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone No. : / Fax No. : 0680-2233683, Email : eernb1_ganjam@yahoo.com
**GOVERNMENT OF ODISHA Quotation Notices**
No.B-534 **Short Auction sale Notice No. 12 of 2025-26**
Ltr. No. 11038/ Dated : 16.09.2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur.
ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price : i) Rs. 9,36,921/- ii) Rs. 68,821/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 17,200/-
4. Period of Completion : 1 (One) Calendar Month
5. Receipty of Quotation : From 20.09.2025 to 25.09.2025 up to 5.00 P.M.
6. Date & Time of Opening of Quotation : 11 A.M. of 26.09.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

**Sd./- Superintending Engineer**
**Ganjam (R&B) Division No.I**
OIPR-34109/11/0044/2526



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୭, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୯୫ **ବିଜ୍ଞାପନ** ତା:୯।୯।୨୫

No. CAD-1796: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଲେଭ, ଆଇଗିଣିଆ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଗୃହ ନଂ. ଏଚ.ଆଇ.ଜି.-୧-୩୪ (HIG-1-34), ଗୃହଟିକୁ ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: ଚିତ୍ତରଞ୍ଜନ ପ୍ରଧାନ, ସା/ପୋ./ଥାନା/ଜିଲ୍ଲା: ଦେଓଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ପ୍ରଧାନ ଉକ୍ତ ଗୃହଟିକୁ ତାଙ୍କ ସାଧାରଣ କ୍ଷମତା ପ୍ରାପ୍ତ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ସାହୁ, ପିତା: ଦୟାନିଧି ସାହୁ, ସା/ପୋ/ଥାନା/ଜିଲ୍ଲା: ଦେଓଗଡ଼ଙ୍କ ଜରିଆରେ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଅନନ୍ୟା ସାହୁ, ସ୍ୱାମୀ: ନମିତ୍ ବହ୍ଲ, ସା: କ୍ରୀଷ୍ଟା ନଗର, ପୋ: ଲକ୍ଷ୍ମୀ ନଗର, ଥାନା/ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0859/2526



GOVERNMENT OF ODISHA E-mail: sebalangir@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**
**"e-Procurement Notice"**
**BID Identification No. ACE, BOIC-03/2025-26**
No. A-629
**Procurement Details**

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document-(Online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to service Road of RMC in between RD 16200 M to RD 18516 M under SIP | Rs.167.71 Lakh (excluding G.S.T.) | 'A' & 'B' Class | Rs.1,67,800/- | Rs.10,000/- | 12 (Twelve) Calendar Months |
| 2 | Improvement to service road of left side service road from RD 0.63 Km to RD 1.710 Km under SIP | Rs.250.22 Lakh (excluding G.S.T.) | 'A' & 'B' Class | Rs.2,50,300/- | Rs.10,000/- | 12 (Twelve) Calendar Months |
| 3 | Improvement to service Road of LMC in between RD 8.00 Km to 8.80 Km, RD 11.00 Km to 12.10 Km and Sagada Hatapada to Bagh barrage under BIP | Rs.251.67 Lakh (excluding G.S.T.) | 'A' & 'B' Class | Rs.2,51,700/- | Rs.10,000/- | 12 (Twelve) Calendar Months |
| 4 | Improvement to service road of LMC within RD 8450 M to 13000 M under SIP | Rs.249.62 Lakh (excluding G.S.T.) | 'A' & 'B' Class | Rs.2,49,700/- | Rs.10,000/- | 12 (Twelve) Calendar Months |
| 5 | Improvement to service Road of RMC in between RD 00 Km to RD 6.4 Km under BIP | Rs.251.44 Lakh (excluding G.S.T.) | 'A' & 'B' Class | Rs.2,51,500/- | Rs.10,000/- | 12 (Twelve) Calendar Months |
| 6 | Improvement to service road of RMC in between RD 18750 M to RD 22500 M under SIP | Rs.209.66 Lakh (excluding G.S.T.) | 'A' & 'B' Class | Rs.2,09,700/- | Rs.10,000/- | 12 (Twelve) Calendar Months |
| 7 | Flood protection work to the Right Bank of River Tel at Village: Manikpur under Ghantapada G.P. of Kantamal Block (working RD 50.530 Km to 50.930 Km) | Rs.184.90.00 Lakh (excluding G.S.T.) | 'A' & 'B' Class | Rs.1,84,900/- | Rs.10,000/- | 12 (Twelve) Calendar Months |
| 8 | Flood Protection work to the Right Bank of River Mahanadi near Village: Dianghat of Harabhanga G.P. of Harabhanga Block working RD 82.30 Km to 82.44 Km) | Rs.180.63 Lakh (excluding G.S.T.) | 'A' & 'B' Class | Rs.1,80,700/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-03/2025-26 | Dt.23.09.2025 At 10.00 hours | Dt.17.10.2025 upto 17.30 hours | Dt.23.09.2025 to Dt.06.10.2025 at Office during office hours (In working days) | Dt.18.10.2025 at 11.00 hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".
OIPR-32347/11/0004/2526 Sd./- Additional Chief Engineer, Balangir Irrigation Circle, Balangir



ଓଡ଼ିଶା ସରକାର
**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

Advt. No.Tech-EC-1188/ 6033 / Date 15th Sept 2025.

**No.AA-27** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 25.09.2025, 05:00 PM.

For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.

**"Go Electric Go Green"**

Sd./-
EIC(E)-cum-PCEI & SDA (O)
OIPR-04066/11/0034/2526

# ୨୩ରେ ସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର



ରତ୍ନଭଣ୍ଡାର ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂ।

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୩ ତାରିଖରେ ପାଞ୍ଜି ଅନୁଯାୟୀ ଅମୃତବେଳା ଦେଖାଯାଇ ଶ୍ରୀମନ୍ଦିର ସ୍ଥାୟୀ ରତ୍ନଭଣ୍ଡାରକୁ ରତ୍ନଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରାଯିବ। ବର୍ତ୍ତମାନ ଷୋଳପୂଜା ନୀତି ଚାଲିଥିବାରୁ ଉକ୍ତ ଦିନ ଭୋର୍ ୪ଟାରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯିବ। ତେବେ ସ୍ଥାନାନ୍ତର ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ଉପରେ କଟକଣା ରହିବ। ପାଞ୍ଜିକାରଙ୍କ ମତରେ ୨୩ ତାରିଖ ମଙ୍ଗଳବାର ସକାଳ ୭ଟା ୧୭ରୁ ପୂର୍ବାହ୍ନ ୧୧ଟା ୧୭ ମଧ୍ୟରେ ମାହେନ୍ଦ୍ରବେଳା ରହିଛି। ସେହି ସମୟ ମଧ୍ୟରେ ସରକାରଙ୍କ ମାର୍ଗଦର୍ଶନ ବା ଏସ୍‌ଓପି ଅନୁପାଳନ କରାଯାଇ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯିବ। ବୁଧବାର ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ସବ୍‌କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଛତିଶା ନିଯୋଗ ନାୟକ, ତଢ଼ାଉକରଣ, ଦେଉଳକରଣ, ଭଣ୍ଡାରମେକାପ, ପରିଚାଳନା କମିଟି ସଦସ୍ୟ, ସବ୍‌କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଦର୍ଶନ ଉପରେ ରହିବ କଟକଣା

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଏ ସମ୍ପର୍କରେ ସବିଶେଷ ସୂଚନା ଦେବା ସହ କହିଛନ୍ତି, ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସରିଛି। ଅସ୍ଥାୟୀ ଭଣ୍ଡାରରେ ଥିବା ଅଳଙ୍କାରଗୁଡ଼ିକୁ ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ପାଇଁ ବୈଠକରେ ସ୍ଥିର ହୋଇଛି। ଗତବର୍ଷ ଜୁଲାଇ ୧୪ରେ ବାହାର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ସ୍ଥାନାନ୍ତର ପରେ ଭିତର ରତ୍ନଭଣ୍ଡାର ଚାବି ଖୋଲାଯାଇଥିଲା। ଜୁଲାଇ ୧୮ରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ୍ ସାମଗ୍ରୀ ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍‌କୁ ସ୍ଥାନାନ୍ତର ହୋଇଥିଲା। ଅଗଷ୍ଟ ୨୩ରେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ଖାଲି ଆଲମିରା ତଥା ସିନ୍ଦୁକଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। ସେପ୍ଟେମ୍ବର ୧୮ରେ ଏଏସ୍‌ଆଇ ପକ୍ଷରୁ ପ୍ରାଥମିକ ସର୍ଭେ କରାଯାଇଥିଲା। ପରେ ଲେଜର ଓ ଜିପିଆର୍ ସର୍ଭେ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସର୍ଭେ ରିପୋର୍ଟ ଆସିବା ପରେ ଏଏସ୍‌ଆଇ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇ ଚଳିତ ବର୍ଷ ଜୁନ୍‌ରେ ଶେଷ ହୋଇଛି। ଜିଲାପାଳଙ୍କ ନେତୃତ୍ୱରେ ସବ୍‌କମିଟିର ସଦସ୍ୟମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ୨୩ ତାରିଖ ପୂର୍ବରୁ ରତ୍ନଭଣ୍ଡାର ଭିତରକୁ ଯାଇ ଦେଖିବ ଓ ଆବଶ୍ୟକ ପଦକ୍ଷେପ ନେବ। ଅଳଙ୍କାର ସ୍ଥାନାନ୍ତର ଦିନ ଦର୍ଶନ କଟକଣା ରହିବ। ମାତ୍ର ମହାପ୍ରଭୁଙ୍କ ନୀତିରେ ପ୍ରଭାବ ପଡ଼ିବ ନାହିଁ। ଉକ୍ତ ଦିନ ଯେଉଁ ପାଳିଆ ସେବାୟତଙ୍କ ପାଳି ଥିବ, ତାହାର ତାଲିକା କମାଣ୍ଡର ପ୍ରଦାନ କରିବେ ଓ ପାସ୍ ପ୍ରଦାନ କରାଯିବ। ଏଥିସହ ପ୍ରାଧିକୃତ ସଦସ୍ୟ ରହିବେ। ତାଙ୍କର ଏକ ତାଲିକା ଏସ୍‌ପିଙ୍କୁ ଦିଆଯିବ। ବୈଷୟିକ ଜ୍ଞାନକୌଶଳର ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ବ୍ୟକ୍ତି ମୁଖ୍ୟ ପ୍ରଶାସକଙ୍କ ଅନୁମତିକ୍ରମେ ଯାଇପାରିବେ। ପ୍ରଥମେ ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଲାପଡ଼ି ମୁଦ ଦିଆଯିବ। ମାର୍ଗଦର୍ଶିକା ଅନୁଯାୟୀ, ଚାବିଗୁଡ଼ିକ ଟ୍ରେଜେରିରେ ରହିବ। ପରେ ବାହାର ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରାଯିବ। ଗଜପତି ମହାରାଜାଙ୍କ ପ୍ରତିନିଧି, ଭଣ୍ଡାର ମେକାପ, ଶ୍ରୀମନ୍ଦିର ପ୍ରଶାସନର ୩ଜଣ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ହେବ। ଯଦି କିଛି ଅଳଙ୍କାର ରହିଯାଏ ତେବେ ୨୪ ତାରିଖ ଦିନ ସ୍ଥାନାନ୍ତର କରାଯିବ। ସ୍ଥାନାନ୍ତର ସମୟରେ ପାଳିଆ ସେବାୟତ ଏବଂ ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ଅନ୍ୟ ସେବାୟତ ଓ ବ୍ୟକ୍ତି ଉପସ୍ଥିତ ରହିବା ଉପରେ କଟକଣା ଲାଗିବ। ସ୍ଥାନାନ୍ତର ପ୍ରକ୍ରିୟାର ୧ ଘଣ୍ଟା ପୂର୍ବରୁ ଶ୍ରୀମନ୍ଦିର ଶୋଧ କରାଯିବ। ସ୍ଥାନାନ୍ତର ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ରହିବ। ନାଟମଣ୍ଡପ ସମ୍ପୂର୍ଣ୍ଣ ବନ୍ଦ ରହିବ। ପରବର୍ତ୍ତୀ ସମୟରେ ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ଅଳଙ୍କାର ଗଣତିମଣତି ନେଇ ସୂଚନା ଦିଆଯିବ ବୋଲି ଡ. ପାଢ଼ୀ ଆଶା ପ୍ରକାଶ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡି ସ୍ଥାନାନ୍ତରକୁ ମିଳିଲା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୧୭।୯ (ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ପରିଚାଳନା ନେଇ ୨ଟି ବଡ଼ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଧାଡ଼ି ଦର୍ଶନ ନେଇ ଯେଉଁ ସମସ୍ୟା ଥିଲା ତାହା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକ୍ରମେ ଦୂରହୋଇଛି। ଶ୍ରୀମନ୍ଦିର ଭିତରେ ଥିବା ହୁଣ୍ଡି ଯୋଗୁ ଧାଡ଼ିଦର୍ଶନ ସମ୍ଭବ ହୋଇପାରୁ ନ ଥିଲା। ତେଣୁ ହୁଣ୍ଡି ସ୍ଥାନାନ୍ତର ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲାପାଳ ନିଯୋଗମାନଙ୍କ ସହ ଆଲୋଚନା ପରେ ହୁଣ୍ଡି କେଉଁଠିକୁ ସ୍ଥାନାନ୍ତର ହେବ ସେନେଇ ନିଷ୍ପତ୍ତି ନେବେ।

### ଏହାପରେ ପରୀକ୍ଷାମୂଳକ ଭାବେ ହେବ ଧାଡ଼ି ଦର୍ଶନ

ଏହାପରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୱରୂପ ଆସନ୍ତା ୨୩ ତାରିଖରେ ଅଳଙ୍କାର ଭର୍ତ୍ତି ସିନ୍ଦୁକକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ। ଶ୍ରୀମନ୍ଦିର ପ୍ରଶାସନ ଓ ଉଚ୍ଚସ୍ତରୀୟ କମିଟିର ଉପସ୍ଥିତିରେ ସିନ୍ଦୁକଗୁଡ଼ିକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ ବୋଲି ରତ୍ନଭଣ୍ଡାର ସବ୍‌କମିଟିର ଆଲୋଚନାକ୍ରମେ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

# ତରାବୋଇ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ




ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ମେମୁ ଟ୍ରେନ ରହଣିର ଶୁଭାରମ୍ଭ କରୁଛନ୍ତି।

ଜଟଣୀ, ୧୭।୯ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନ ତରାବୋଇ ପାସେଞ୍ଜର ହଲ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ କରିବା ସହ ସବୁଜ ପତାକା ଦେଖାଇ ମେମୁ ଟ୍ରେନ ରହଣିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ କହିଥିଲେ ଯେ, ଏଠାରେ ପାସେଞ୍ଜର ହଲ୍ଟ ହେବା ଦ୍ୱାରା ତରାବୋଇ, ଆଖପାଖ ପଞ୍ଚାୟତର ଲୋକେ, ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ନିକଟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଟ୍ରେନରେ ସୁବିଧାରେ ଯାତାୟାତ କରିପାରିବେ। ବରୁଣେଇ ପାହାଡ଼, ଖୋର୍ଦ୍ଧା ଦୁର୍ଗ ଏବଂ ବରୁଣେଇ ମନ୍ଦିର ଭଳି ଐତିହାସିକ ସ୍ଥାନ, ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରିବ। ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହେଲା ବୋଲି ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ କହିଛନ୍ତି। ରାଜ୍ୟ ଭାଜପା ପ୍ରବକ୍ତା ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ବହୁ ପଦାଧିକାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# ଏମ୍‌ସରେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୭।୯ (ଅନୁରାଧା ମହାରଣା)

ଏମ୍‌ସ ଭୁବନେଶ୍ୱରରେ ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ସାମଗ୍ରିକ ସଶକ୍ତୀକରଣ ଉପରେ କେନ୍ଦ୍ରିତ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନକୁ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ଶୁଭାରମ୍ଭ କରିଥିଲେ। ଏଥିସହିତ ଓପିଡି ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର କୁଟୀରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି କୁଟୀର ମହିଳା ରୋଗୀ, ସେମାନଙ୍କ ସମ୍ପର୍କୀୟ, କର୍ମଚାରୀ ଏବଂ ସମସ୍ତ ଆଗ୍ରହୀ ମହିଳାଙ୍କ ପାଇଁ ଏକ ସହାୟତା ତଥା ପଞ୍ଜୀକରଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ମହିଳାଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ କର୍କଟ ଓ ଅନ୍ୟ ଅଣସଂକ୍ରାମକ ରୋଗ ଚିହ୍ନଟ ସୁବିଧା ରହିଛି। ଦୈନିକ ସ୍ୱାସ୍ଥ୍ୟସେବା ଏବଂ ସଚେତନତା କାର୍ଯ୍ୟକଳାପରେ ଅଣ-ସଂକ୍ରମିତ ରୋଗ (ଏନ୍‌ସିଡି) ଯଥା ମୁଖ, ଗର୍ଭାଶୟ ଓ ସ୍ତନ କର୍କଟ, ରକ୍ତହୀନତା, ଯକ୍ଷ୍ମା ଏବଂ ସିକଲ ସେଲ ରୋଗ ପାଇଁ ମାଗଣା ଚିହ୍ନଟ ଶିବିର ଅନ୍ତର୍ଭୁକ୍ତ ହେବ। ଏହା ସହିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, କିଶୋରୀ ଓ ସେମାନଙ୍କ ମା'ମାନଙ୍କ ପାଇଁ ଋତୁସ୍ରାବ ସ୍ୱଚ୍ଛତା ସଚେତନତା, ପୁଷ୍ଟିସାର ଏବଂ ବ୍ୟକ୍ତିଗତ ପରିଚ୍ଛନ୍ନତା ଶିକ୍ଷା, ସେଚ୍ଛାକୃତ ରକ୍ତଦାନ ଅଭିଯାନ ମଧ୍ୟ ଆୟୋଜିତ ହେବ। ଏମ୍‌ସ୍ ଭୁବନେଶ୍ୱର ପକ୍ଷରୁ ବିଭିନ୍ନ ସ୍କୁଲ, ବସ୍ତି, ଗ୍ରାମ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରାଯିବ। ଉଦଘାଟନୀ କାର୍ଯ୍ୟକ୍ରମରେ ଡିନ ଡ. ପି ଆର୍. ମହାପାତ୍ର, ଭାରପ୍ରାପ୍ତ ମେଡିକାଲ ଅଧୀକ୍ଷକ ଡ. ଅଶୋକ କୁମାର ଜେନା, ଡିଡିଏ ଲେଫ୍ଟନାଣ୍ଟ କଲୋନେଲ ଅଭିଜିତ ସରକାର, ଆଇଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଇଗ୍ନୁ ନାମଲେଖା ଅବଧି ୩୦କୁ ବୃଦ୍ଧି

ଭୁବନେଶ୍ୱର, ୧୭।୯ (ସୁଚିସ୍ମିତା ସାହୁ)

ଇଗ୍ନୁର ଜୁଲାଇ ୨୦୨୫ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧି ପୁଣି ବଢ଼ିଛି। ଅନୁରୋଧ ଓ ଆବଶ୍ୟକତାକୁ ଅନୁଧ୍ୟାନ କରି ଇଗ୍ନୁ କର୍ତ୍ତୃପକ୍ଷ ନାମଲେଖାଇବା ପାଇଁ ପୁନଃ ପଞ୍ଜୀକରଣ ସମୟସୀମାକୁ ଚଳିତ ମାସ ୩୦ ତାରିଖକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ପଡିବ। ଛାତ୍ରୀଛାତ୍ରମାନେ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ https://ignouadmission.samarth.edu.inରେ ଆବେଦନ କରିବାକୁ କୁହାଯାଉଛି। ଅଣ୍ଡର ଗ୍ରାଜୁଏଟ୍ ବିଏସ୍‌ସିଏମ୍, ବିସିଓଏମ୍‌ଏଫ, ବିଏମ୍ ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତି ପାଉଥିବେ, ତେବେ ସେମାନେ ଇଗ୍ନୁ ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଅଧିକ ସୂଚନା ପାଇଁ ଇଗ୍ନୁର ୱେବ୍‌ସାଇଟ www.ignou.ac.inକୁ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଇଗ୍ନୁର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଫୋନ୍ କିମ୍ବା ଇ-ମେଲ ଜରିଆରେ ଯୋଗାଯୋଗ କରିବା ପାଇଁ ଆଞ୍ଚଳିକ କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ପାଣିଗ୍ରାହୀ ଜଣାଇଛନ୍ତି।

# ହେନ୍ତାଳ ବଣ ସୃଷ୍ଟି ପାଇଁ ଏକାଠି ହେଲେ ଉପକୂଳବାସୀ



ସ୍ଥାନୀୟ ମହିଳାଙ୍କ ସହ ଅତିଥିମାନେ ହେନ୍ତାଳ ଚାରା ରୋପଣ କରୁଛନ୍ତି।



ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଓ ଅତିଥିମାନେ ପୁସ୍ତକ 'ଭଏସେସ୍ ଫ୍ରମ୍ ଦ କୋଷ୍ଟ' ଉନ୍ମୋଚନ କରୁଛନ୍ତି।

ଅସ୍ତରଙ୍ଗ, ୧୭।୯ (ପ୍ରଦୀପ କୁମାର ଦୀକ୍ଷିତ/ମମତା ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଦେବୀନଦୀ ମୁହାଣ ଅଞ୍ଚଳର ଉପକୂଳ ଲୋକେ ହେନ୍ତାଳବଣ ସୃଷ୍ଟି ନିମନ୍ତେ ବ୍ୟାପକ ଚାରା ରୋପଣ କରି ଏହି ଦିବସକୁ ପାଳନ କରିଛନ୍ତି। ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ (ଓପ୍‌ସା) ଏବଂ ସବୁଜ ଶାଖା ଅସ୍ତରଙ୍ଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚେତନତା ସଭା, ପଦଯାତ୍ରା ଓ ଦେବୀନଦୀ ମୁହାଣ ଆର୍ଦ୍ରଭୂମି ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ୟାପକ ଲୁଣା ଜଙ୍ଗଲ ରୋପଣ ଆରମ୍ଭ ହୋଇଛି।

କାର୍ଯ୍ୟକ୍ରମରେ ଉପକୂଳବର୍ତ୍ତୀ ୧୫ ପଞ୍ଚାୟତର ମହିଳା, ମତ୍ସ୍ୟଜୀବୀ, ଲୋକପ୍ରତିନିଧି, ପ୍ରକୃତିପ୍ରେମୀ, ଯୁବବର୍ଗ ସାମିଲ ହୋଇଥିଲେ।

## ମୋଦିଙ୍କ ୭୫ତମ ଜନ୍ମଦିନରେ ଚାରାରୋପଣ

ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅସ୍ତରଙ୍ଗ ବ୍ଲକ 'ଏକ ପେଡ୍ ମା କେ ନାମ୍'ର ପର୍ଯ୍ୟବେକ୍ଷକ ତଥା ଜିଲା ମୁଖ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ, ସବୁଜ ଶାଖା ଉପଦେଷ୍ଟା ଦିବାକର ଛାଟୋଇ, ବ୍ଲକ ଅଧ୍ୟକ୍ଷା ଆରତି ନାଏକ, ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଓ ବିଭିନ୍ନ ବର୍ଗର ନେତୃବର୍ଗ ଯୋଗଦେଇଥିଲେ। ଏମ୍‌ପି ତରାଇ 'ଏକ ପେଡ୍ ମା' କେ ନାମ୍' ଅଭିଯାନ ଅବସରରେ କହିଲେ ଯେ, ଲୁଣାଜଙ୍ଗଲ ଓଡ଼ିଶାର ସମୁଦ୍ରତଟୀୟ ଅଞ୍ଚଳ ପାଇଁ ପ୍ରକୃତିଗତ କବଚ। ସାମୁଦ୍ରିକ ବାତ୍ୟା ପ୍ରଭାବରୁ ସୁରକ୍ଷା ନିଶ୍ଚିତ କରିବା ତଥା ଉପକୂଳ ଅଞ୍ଚଳର ପ୍ରମୁଖ ଅର୍ଥନୈତିକ ମେରୁଦଣ୍ଡ ମତ୍ସ୍ୟସମ୍ପଦ ବୃଦ୍ଧି ଲାଗି ହେନ୍ତାଳବଣ ସଂରକ୍ଷଣ ପାଇଁ ଉପକୂଳବାସୀ ଏକାଠି ହେବାକୁ ଡ. ତରାଇ ଆହ୍ୱାନ ଦେଇଥିଲେ। ଓପ୍‌ସା ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ ଲୁଣାଜଙ୍ଗଲର ଭୂମିକା, ଓଡ଼ିଶା ଉପକୂଳ ଅଞ୍ଚଳର ଜଳବାୟୁ ପରିବର୍ତ୍ତନ ଚାପ ଓ ଏହାର ସଂରକ୍ଷଣ ବିଷୟରେ କହିଥିଲେ। ଦେବୀ, ବ୍ରାହ୍ମଣୀ, ବୈତରଣୀ ଓ ବୁଢ଼ାବଳଙ୍ଗର ଆର୍ଦ୍ରଭୂମି ଅଞ୍ଚଳରେ ଥିବା ପ୍ରାକୃତିକ ଲୁଣା ଜଙ୍ଗଲ ସୁରକ୍ଷା ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ଲାଗି ସେ ସରକାରଙ୍କୁ ଅନୁରୋଧ କରିଥିଲେ। ଲୁଣାଜଙ୍ଗଲ ସଂରକ୍ଷଣ ପାଇଁ କାର୍ଯ୍ୟରତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୧୧ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଓପ୍‌ସା ଟ୍ରଷ୍ଟ ଦ୍ୱାରା ପରିବେଶ ସୁରକ୍ଷା ଗତିବିଧି ଚିତ୍ରାବଳୀ ସହ ପ୍ରକାଶିତ ପୁସ୍ତକ 'ଭଏସେସ୍ ଫ୍ରମ୍ ଦ କୋଷ୍ଟ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ପାରମ୍ପରିକ ବାଦ୍ୟ ଓ କୀର୍ତ୍ତନ ମଧ୍ୟରେ ୪ କି.ମି. ପଦଯାତ୍ରା କରାଯାଇ ୫ହଜାର ଲୁଣା ଜଙ୍ଗଲ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅତିଥିମାନେ ୧୫ହଜାର କ୍ଷମତାର ନୂଆ ଲୁଣାଜଙ୍ଗଲ ଚାରା ଉତ୍ପାଦନ କେନ୍ଦ୍ର ଶୁଭାରମ୍ଭ କରିବା ପୂର୍ବକ ବନି, ବନ୍ଦାରି, ସିନ୍ଦୁକା ପ୍ରଭୃତି ମଞ୍ଜି ରୋପଣ କରିଥିଲେ। ସାମାଜିକକର୍ମୀ ଦୁଷ୍ମନ୍ତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ, ଦୁର୍ଗାଚରଣ ମହାରଣା, ପ୍ରଶାନ୍ତ ବେହେରା, ଓପସା ସହପ୍ରତିଷ୍ଠାତା ବାବୁ ବେହେରା ଓ ସୁମନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶ୍ରୀକାନ୍ତ



@ ଗୁଡୁ



@ ତ୍ରିଲୋଚନ



@ ହେମନ୍ତ



@ ଉମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନ କର: ଓଏଚ୍ଆର୍‌ସି

କଟକ, ୧୭।୯ (କାର୍ତ୍ତିକ ସାହୁ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବିକ ଅଧିକାର (ଓଏଚ୍ଆର୍‌ସି) ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅଢେଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବାରୁ ଅବଶିଷ୍ଟ ୫ ଲକ୍ଷ ୫୦ ହଜାର ଟଙ୍କା ୨ ମାସ ମଧ୍ୟରେ ଦେବାକୁ ଗୃହ ସଚିବଙ୍କୁ ଆଦେଶ ଦିଆଯାଇଛି।

ମାମଲା ବିବରଣୀରୁ ପ୍ରକାଶ ଯେ, ୨୦୧୫ ଜୁନ ୮ରେ ପଟାଧାର ଗ୍ରାମର ଗୌରହରି ସ୍ୱାଇଁଙ୍କୁ ଏକ ଚୋରି ମାମଲାରେ ପଚରାଉଚରା କରିବାକୁ ଜଗନ୍ନାଥପ୍ରସାଦ ପୋଲିସ ଥାନାକୁ ଆଣିଥିଲା। କିନ୍ତୁ ହାଜତରେ ଶାରୀରିକ ନିର୍ଯାତନା ଯୋଗୁ ତାଙ୍କର ପରଦିନ ଅର୍ଥାତ ଜୁନ ୯ରେ ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ମୃତକଙ୍କ ସ୍ତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା।

## ଜଗନ୍ନାଥପ୍ରସାଦ ହାଜତ ମୃତ୍ୟୁ ମାମଲା

ପରବର୍ତ୍ତୀ ସମୟରେ ରାଜ୍ୟ ପୋଲିସ ବିଭାଗର ମାନବାଧିକାର ସୁରକ୍ଷା ସେଲ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ୧୧।୨।୨୦୨୩ରେ ଚାର୍ଜଶିଟ ଦାଖଲ କରିଛନ୍ତି। ପୁଣି ଭଞ୍ଜନଗର ବିଚାରବିଭାଗୀୟ ମାଜିଷ୍ଟ୍ରେଟ ମଧ୍ୟ ତଦନ୍ତ କରି ଗୌରହରି ସ୍ୱାଇଁଙ୍କ ମୃତ୍ୟୁ ଏକ ହାଜତ ମୃତ୍ୟୁ ବୋଲି ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତି କରି ଓଏଚ୍ଆର୍‌ସିର ଅସୀମ ଅମିତାଭ ଦାସ ଓ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମୃତକଙ୍କ ନିକଟ ଆତ୍ମୀୟଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଓ ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ମାମଲା ରୁଜୁ ହୋଇଥିଲା।

# ନଭେମ୍ବର ୭ରୁ ଜାତୀୟ ସଡ଼କ କଂଗ୍ରେସ




ଭୁବନେଶ୍ୱର,୧୭ା୯
(ରବିନାରାୟଣ ଜେନା)

### ଅଧିବେଶନ ଶୃଙ୍ଖଳା ଲାଗି ପ୍ରସ୍ତୁତି ବୈଠକ

ଭାରତୀୟ ସଡ଼କ କଂଗ୍ରେସ (ଆଇଆର୍‌ସି)ର ୮୪ତମ ବାର୍ଷିକ ଅଧିବେଶନ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ। ନଭେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ସମ୍ମେଳନ ଲାଗି ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସମ୍ମିଳନୀକୁ ସୁଚାରୁରୂପେ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ବୈଠକରେ ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସ୍ଥଳ ସଂଲଗ୍ନ ରାସ୍ତା ଓ ଚତୁଃପାର୍ଶ୍ୱରେ ଟ୍ରାଫିକ୍ ପରିଚାଳନା, ଭୁବନେଶ୍ୱର ବିମାନବନ୍ଦର ଏବଂ ରେଳଷ୍ଟେଶନ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ଭିଭିଆଇପି ଓ ରାଜ୍ୟ ଅତିଥିମାନଙ୍କ ପାଇଁ ସରକାରୀ ପ୍ରୋଟୋକଲ ଅନୁସାରେ ବ୍ୟବସ୍ଥା, କାର୍ଯ୍ୟକ୍ରମସ୍ଥଳରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଜରୁରିକାଳୀନ ମେଡିକାଲ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଉଭୟ ବିମାନବନ୍ଦର ଓ ରେଳ ଷ୍ଟେଶନରେ ସହାୟତା କେନ୍ଦ୍ର(ହେଲ୍ପ ଡେସ୍କ) ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ସମ୍ମିଳନୀ ଆରମ୍ଭର ପୂର୍ବଦିନ ଅର୍ଥାତ୍ ନଭେମ୍ବର ୬ରେ ଏକ ବୈଷୟିକ ପ୍ରଦର୍ଶନୀର ଶୁଭାରମ୍ଭ ହେବ। ସମ୍ମିଳନୀରେ ସ୍ଥାନୀୟ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରତିନିଧିଙ୍କୁ ମିଶାଇ ୨୦୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ ବୋଲି ଜଣାପଡ଼ିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ଗାଡ଼ି ଧକ୍କାରେ ୨ ଯୁବକ ଗୁରୁତର

ଆନନ୍ଦପୁର,୧୭ା୯
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ରାଜ୍ୟ ରାଜପଥ ୫୩ର ଚାରିନାଳିଆ ନିକଟରେ ପୋଲିସ ଗାଡ଼ି ଧକ୍କାରେ ୨ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ଯାଜପୁର ଜିଲା କୋରେଇ ଥାନା ଅଞ୍ଚଳ ପାଟରଙ୍ଗା ଗାଁର ରବୀନ୍ଦ୍ର ଦେହୁରୀ ଓ ସୋନୁ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବୀନ୍ଦ୍ର ଓ ସୋନୁ ବୁଧବାର ରାତି ପ୍ରାୟ ୯ଟା ସମୟରେ ଛେନାପଦିରୁ ଆନନ୍ଦପୁର ଆଡକୁ ଆସୁଥିଲେ। ରାଜ୍ୟ ରାଜପଥ ୫୩ର ଚାରିନାଳିଆ ନିକଟରେ ପୋଲିସ ପାଟ୍ରୋଲିଂ ଭ୍ୟାନ ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ରାସ୍ତାରେ ଛିଟିକିପଡ଼ି ଅଚେତ ଅବସ୍ଥାରେ ପଡ଼ିଥିଲେ। ଉଭୟ ଯୁବକଙ୍କୁ ପୋଲିସ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# ଭାରତର ପ୍ରଥମ ଡିଜିଟାଲ ପାୱାର ଗ୍ରୀଡ୍ ସବ୍‌ଷ୍ଟେସନ ଉଦ୍‌ଘାଟିତ

### ବିଦ୍ୟୁତ୍ ସମସ୍ୟାର ଅଟୋ ସମାଧାନ କରିପାରିବ

ଲୋଇସିଂହା,୧୭ା୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରାମପୁର ମୌଜାରେ ୧୩୨/୩୩ କେ.ଭି. ପାୱାର ଗ୍ରୀଡ୍ ସବ୍‌ଷ୍ଟେଶନକୁ ବୁଧବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଓପିଟିସିଏଲ ନିର୍ଦ୍ଦେଶକ ପ୍ରଦୀପ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ସିଂଦେଓ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିବାଜୀ ଇସଲୱାର,ଏସ୍‌ପି ଅଭିଳାଷ ଜୀ, ଓପିଟିସିଏଲ ସିଜିଏମ ଅନାଦି ଚରଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସବ୍ ଗ୍ରୀଡ ଭାରତର ପ୍ରଥମ ବୋଲି ମୁଖ୍ୟଅତିଥି ସିଂଦେଓ କହିଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ବିଦ୍ୟୁତ୍ ସମସ୍ୟାକୁ ଧରି ଅଟୋ ସମାଧାନ କରିପାରିବ ଏହି ଡିଜିଟାଲ ପାୱାର ଗ୍ରୀଡ ସବ୍‌ଷ୍ଟେଶନ। ଏହା ଦ୍ୱାରା ଲୋଭୋଲଟେଜ ଓ ଦୀର୍ଘ ସମୟ ବିଦ୍ୟୁତ୍ କାଟ୍ ସମସ୍ୟା ରହିବ ନାହିଁ। ଏହି ଗ୍ରୀଡ ସବ୍‌ଷ୍ଟେଶନରୁ ୧୮ ପଞ୍ଚାୟତର ୧୦୭ ଖଣ୍ଡ ଗାଁର ଲୋକେ ଉପକୃତ ହେବେ। ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ ପକ୍ଷରୁ ୩୨.୯୯ କୋଟି ବ୍ୟୟରେ ନିର୍ମିତ ଏହି ଗ୍ରୀଡ ସବଷ୍ଟେଶନକୁ ୨୪ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଛି। ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପରିକଳ୍ପନା ବୋଲି ମୁଖ୍ୟଅତିଥି ସିଂଦେଓ କହିଥିଲେ। ସିଜିଏମ୍ ଅନାଦି ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ବଲାଙ୍ଗୀର ଜିଲା ଲୋଇସିଂହାଠାରେ ବୁଧବାର ପାୱାର ଗ୍ରୀଡ୍ ସବ୍‌ଷ୍ଟେଶନ ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ।

# ଜୋତା ପିନ୍ଧି ନ ଆସିବାରୁ ପିଲାଙ୍କୁ ବାହାର କରିଦେଲେ ପ୍ରଧାନ ଶିକ୍ଷକ

ରଣପୁର, ୧୭ା୯
(ସୁକାନ୍ତ କିଶୋର ଡାକୁଆ)

### ରାଜସୁନାଖଳା ଉଚ୍ଚ ବିଦ୍ୟାଳୟ

### ସକାଳ ୭ ଟାରୁ ୯ଟା ୩୦ ପର୍ଯ୍ୟନ୍ତ ବାହାରେ ଛିଡ଼ା କଲେ

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜୋତା ପିନ୍ଧି ସ୍କୁଲକୁ ନ ଆସିବାରୁ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ସାହୁ ଛାତ୍ରମାନଙ୍କୁ ଗେଟ୍ ବାହାରକୁ ବାହାରକରି ଦେଇଥିବା ଅଭିଯୋଗ ହୋଇଛି । ସକାଳ ୭ ଟାରୁ ୯.୩୦ ପର୍ଯ୍ୟନ୍ତ ବାହାରେ ଛିଡ଼ା କରାଇଥିଲେ। ଏହାକୁ ନେଇ ସ୍କୁଲ ଭିତରେ ଥିବା ଅନ୍ୟ ପିଲାମାନେ ଏକାଠି ହୋଇ ବାହାରକୁ ଆସି ଏହାର ପ୍ରତିବାଦ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ମାସିକ ପରୀକ୍ଷା ଥିବା ବେଳେ ପିଲାଙ୍କୁ ଛାଡି ନ ଥିବା ଏବଂ ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କୁ ଅଳିଆ ସଫାକରି ଗଛ ଲଗାଇବାକୁ ଖେଳ ଶିକ୍ଷକ କହୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଖବର ପାଇ ପ୍ରାୟ ୨ ଘଣ୍ଟା ପରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିବାରୁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ହରଡ଼ଘଣାରେ ପଡିଯାଇଥିଲେ। ତୁରନ୍ତ ଆସି ଛାତ୍ରମାନଙ୍କୁ ବୁଝାଶୁଝା କରି ଡାକିଥିଲେ ହେଲେ ସେମାନେ ଭିତରକୁ ଯାଇ ନ ଥିଲେ। ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ପହଞ୍ଚି ବୁଝାଶୁଝା କରିବା ପରେ ପିଲାମାନେ ଭିତରକୁ ଯାଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ସାହୁଙ୍କୁ ପଚାରିବାରୁ କୌଣସି ଛାତ୍ରଙ୍କୁ ମୁଁ ବୁଧବାର ମାଡ଼ ମାରିନି। କେତେଜଣ ଛାତ୍ର ବିଦ୍ୟାଳୟକୁ ଜୋତା ପିନ୍ଧି ନ ଆସିବାରୁ ମୁଁ ତାଙ୍କୁ ବାରଣକରି ଗେଟ୍ ବାହାରକୁ ବାହାର କରିଦେଇଥିଲି। ପ୍ରତ୍ୟେକ ଛାତ୍ରୀଛାତ୍ର ଜୋତା ପିନ୍ଧି ଆସିବାକୁ ଶିକ୍ଷା ବିଭାଗ ଉଚ୍ଚ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ମୁଁ ଜୋତା ପିନ୍ଧି ଆସିବା ପାଇଁ କହିଥିଲି ବୋଲି ସେ କହିଛନ୍ତି ।

## ମେରୁଦଣ୍ଡରୁ ବାହାରିଲା ୩ ଇଞ୍ଚର ଟ୍ୟୁମର

### ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

ବ୍ରହ୍ମପୁର,୧୭ା୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ଦିରାକଞ୍ଚ ଗ୍ରାମର ବୈଦ ନାଏକ(୫୦)ଙ୍କ ମେରୁଦଣ୍ଡର ଉପର ଭାଗରୁ ୩ ଇଞ୍ଚର ଟ୍ୟୁମର ଅସ୍ତ୍ରୋପଚାର କରି ବାହାର କରାଯାଇଛି। ବୈଦଙ୍କର ଗତ ଜୁନ୍ ମାସରେ ଗୋଡ଼ ଦରଜ ହେବା ସହ ଶରୀରର ବାମପାର୍ଶ୍ୱ ଥରିବା ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସେ ଚଲାବୁଲା କରିପାରିଲେନି। ସମ୍ପର୍କୀୟମାନଙ୍କ ସହାୟତାରେ ବୈଦଙ୍କୁ କୋରାପୁଟ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତରମାନେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ରେଫର କରିଦେଇଥିଲେ। ଅଗଷ୍ଟ ମାସରେ ସେ ଏମ୍‌କେସିଜି ଆସିଥିଲେ। ଚାଲିବାରେ ଅସମର୍ଥ ବୈଦଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ନ୍ୟୁରୋସର୍ଜରି ବିଭାଗକୁ ପଠାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଚିକିତ୍ସା କରାଯାଇଥିଲା। ପରୀକ୍ଷା ପରେ ରୋଗୀ ଜଣଙ୍କ ମାସନସିମେନଗିଓମାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ସାଧାରଣତଃ ଏହି ରୋଗହେଲେ ମେରୁଦଣ୍ଡରେ ଟ୍ୟୁମର ହୋଇଯାଇଥାଏ, ଯାହାକି ଶରୀରର ଅନ୍ୟ ଅଂଗଗୁଡ଼ିକର ଚଳନକୁ ପ୍ରଭାବିତ କରିଥାଏ। ଅବହେଳା କରାଯାଇଥିଲେ ସଂପୂର୍ଣ୍ଣ ଶରୀର ଅକାମି ହେବା ସମ୍ଭାବନା ରହିଥିଲା। ଏହି ପ୍ରକାର ରୋଗ ବିଶ୍ୱରେ ବିରଳ ବୋଲି କହିଛନ୍ତି ଡା. ପଣ୍ଡା। ଗତ ଶୁକ୍ରବାର ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ୫ଜଣିଆ ଡାକ୍ତରୀ ଦଳ ୩ ଘଣ୍ଟା ପରିଶ୍ରମ କରି ମେରୁଦଣ୍ଡ ଉପରୁ ୩ ଇଞ୍ଚର ଟ୍ୟୁମର ବାହାର କରିଥିଲେ। ବିଭାଗୀୟ ଡାକ୍ତର ଦେବଦତ୍ତ ସେନାପତି, ଡା. ତୁଷାରକାନ୍ତ ରଥ, ଡା. ଦେବଶ୍ରୀ ମହାରଣାଙ୍କ ସହ ନିଶ୍ଚେତକ ବିଭାଗର ବରିଷ୍ଠ ଡାକ୍ତରମାନଙ୍କ ଉପସ୍ଥିତିରେ ଏହି ବିରଳ ଅସ୍ତ୍ରୋପଚାର ସଫଳ ହୋଇଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଅନ୍ୱେଷା ଯୋଜନାକୁ ଆର୍ଥିକ ଅନୁଦାନ ଦେଉନାହାନ୍ତି ସରକାର: ବିଜେଡି

ଭୁବନେଶ୍ୱର, ୧୭ା୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଗରିବ ଖଟିଖିଆଙ୍କଠାରୁ ଟିକସ ମାଧ୍ୟମରେ ଆଦାୟ ହୋଇଥିବା ରାଜସ୍ୱକୁ ନିଜ ପ୍ରଚାରରେ ଖର୍ଚ୍ଚ କରୁଛନ୍ତି, କିନ୍ତୁ ରାଜ୍ୟର ଛାତ୍ରୀଛାତ୍ର ବିଶେଷକରି ଆଦିବାସୀ ଓ ଦଳିତବର୍ଗର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥ ସେମାନଙ୍କ ପାଖରେ ପହଞ୍ଚିପାରୁନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ କହିଛନ୍ତି, ରାଜ୍ୟରେ ବିଜେଡି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍ୱେଷା ଯୋଜନା ମାଧ୍ୟମରେ ଆଦିବାସୀ ଓ ଦଳିତ ବର୍ଗର ଛାତ୍ରୀଛାତ୍ର ଇଂରାଜୀ ମିଡିୟମ ସ୍କୁଲରେ ପଢ଼ିବାକୁ ସୁଯୋଗ ପାଉଥିଲେ। ଅନ୍ୱେଷା ଯୋଜନାକୁ ସରକାର ଆର୍ଥିକ ଅନୁଦାନ ନ ଦେଉଥିବାରୁ ଏହା ବନ୍ଦ ହେବାକୁ ବସିଲାଣି। ଏହାଛଡ଼ା, ଆଦିବାସୀ ଓ ଦଳିତ ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଥିବା ଆଶ୍ରମ ସ୍କୁଲ ଓ ହଷ୍ଟେଲ ସ୍କୁଲଗୁଡିକରେ ପିଲାମାନଙ୍କ ଖାଦ୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ପ୍ରଦାନ କରାଯାଉଥିବା ଅର୍ଥ ଗତ ୫ ମାସ ହେଲା ପ୍ରଦାନ କରାଯାଇନାହିଁ। ଫଳରେ ଏହି ହଷ୍ଟେଲଗୁଡିକରେ ଥିବା ଛାତ୍ରୀଛାତ୍ରମାନେ ଅପପୁଷ୍ଟିର ଶିକାର ହେବା ଆଶଙ୍କା ସୃଷ୍ଟି ହେଲାଣି। ରାଜ୍ୟ ସରକାର ରାଜ୍ୟରେ ଗୋଟିଏ ବି ନୂଆ ସ୍କୁଲ ଖୋଲିବାରେ ସକ୍ଷମ ହୋଇନାହାନ୍ତି। ରାଜ୍ୟ ସରକାରଙ୍କ ଡେଲିଭରି ମେକାନିଜମ୍ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେହିପରି ରାଜ୍ୟରେ ଛାତ୍ରୀଛାତ୍ରମାନଙ୍କୁ ପ୍ରି ମାଟ୍ରିକ୍ ଓ ପୋଷ୍ଟ ମାଟ୍ରିକ୍ ଛାତ୍ର ବୃତ୍ତି ଦିଆଯାଇ ନାହିଁ। ସରକାର ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରୁଛି ବୋଲି ପ୍ରଦୀପ କହିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ

# ଆଣବିକ ଧମକକୁ ଡରେନାହିଁ 'ନୂଆ ଭାରତ'

ଭୋପାଳ,୧୭ା୯

### ଅପରେଶନ ସିନ୍ଦୂରଃ ସେନା ବୀରତ୍ୱକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



ନ୍ୟୁ ଇଣ୍ଡିଆ ଆଣବିକ ଧମକକୁ ନେଇ ଭୟଭୀତ ନୁହେଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନିଜ ୭୫ତମ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ଭାଜପା ଶାସିତ ମଧ୍ୟପ୍ରଦେଶର ଧାର୍‌ରେ କେତେକ ବିକାଶମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବେଳେ ଏକ ସଭାକୁ ସମ୍ବୋଧିତକରି 'ଅପରେଶନ୍ ସିନ୍ଦୂର' ସମୟରେ ଭାରତୀୟ ସୈନ୍ୟଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ମୋଦି କହିଛନ୍ତି, ଆମ ବୀର ସୈନ୍ୟମାନେ ପାକିସ୍ତାନକୁ ଆଖିପିଛୁଳାକେ ଆଣ୍ଠେଇବା ପାଇଁ ବାଧ କରିଥିଲେ। ଭାରତ ମାତାର ସୁରକ୍ଷା ଦେଶର ସର୍ବୋଚ୍ଚ ପ୍ରାଥମିକତା। ପାକିସ୍ତାନରୁ ଆସିଥିବା ଆତଙ୍କବାଦୀମାନେ ଆମ ଝିଅଭଉଣୀଙ୍କ ମର୍ଯ୍ୟାଦାହାନି କରିବାକୁ ଉଦ୍ୟମ କରିଥିଲେ। ଏହାର ଜବାବ ଅପରେଶନ ସିନ୍ଦୂର ଜରିଆରେ ଦିଆଯାଇଥିଲା। ଆମ ସଶସ୍ତ୍ର ବଳ ଆତଙ୍କବାଦୀଙ୍କ ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ହେଉଛି ନୂଆ ଭାରତ, ଯାହାକି ଆଣବିକ ଧମକକୁ ଖାତିର କରେନାହିଁ। ନ୍ୟୁ ଇଣ୍ଡିଆ ଶତ୍ରୁଙ୍କ ଘରେ ପଶି ମାରିଥାଏ। ପ୍ରଧାନମନ୍ତ୍ରୀ ୧୪୦ କୋଟି ଦେଶବାସୀଙ୍କୁ ସ୍ୱଦେଶୀକୁ ଆପଣାଇ 'ମେଡ୍ ଇନ୍ ଇଣ୍ଡିଆ' ସାମଗ୍ରୀ ବ୍ୟବହାର ପାଇଁ ଅନୁରୋଧ କରିଛନ୍ତି। ମୋଦି ଏ ଦିଗରେ ଲୋକଙ୍କୁ ଅଧିକ ଆକର୍ଷିତ କରିବା ପାଇଁ 'ଗର୍ବରେ କୁହ ଏହା ସ୍ୱଦେଶୀ' ସ୍ଲୋଗାନ ଆରମ୍ଭ କରିଛନ୍ତି। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ନିର୍ମାଣ କରିବାକୁ ହେଲେ ଆତ୍ମନିର୍ଭରଶୀଳତା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନିଜ ଜନ୍ମଦିନ ଅବସରରେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଓ ଅଷ୍ଟମ 'ରାଷ୍ଟ୍ରୀୟ ପୋଷଣ ମାସ' ଅଭିଯାନର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳାମାନେ ଦେଶ ପ୍ରଗତିର ଆଧାର। ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ମହିଳାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡ଼ିର ନିଦାନ ସହ ଚିକିତ୍ସା ଦିଗରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**ପାକିସ୍ତାନୀ ଆତଙ୍କବାଦୀ ଆମ ଝିଅ ଓ ଭଉଣୀଙ୍କ ଆଖିରୁ ଲୁହ ଝରାଇଛନ୍ତି। 'ନ୍ୟୁ ଇଣ୍ଡିଆ' ଦୃଢ଼ ଜବାବ ଦେଇଥାଏ ଏବଂ କାହାରି ଆଣବିକ ଧମକକୁ ଖାତିର କରେନାହିଁ। ଅପରେଶନ ସିନ୍ଦୂରରେ କ୍ଷତିକୁ ନେଇ ଜୈଶ୍ କମାଣ୍ଡରଙ୍କ ସ୍ୱୀକାରୋକ୍ତି ଏହାର ପ୍ରମାଣ ଦେଉଛି।**

## ୨୨ରୁ ଲାଗୁହେବ ସିଜିଏସ୍‌ଟି: ବିଜ୍ଞପ୍ତି ଜାରିକଲା କେନ୍ଦ୍ର

ନୂଆଦିଲ୍ଲୀ,୧୭ା୯(ପି.ଟି.)

ସେପ୍ଟେମ୍ବର ୨୨ରୁ ଲାଗୁହେବାକୁ ଥିବା କେନ୍ଦ୍ରୀୟ ସାମଗ୍ରୀ ଓ ସେବା ଟିକସ (ସିଜିଏସ୍‌ଟି) ନେଇ ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏବେ ରାଜ୍ୟଗୁଡ଼ିକ ଏହାକୁ ଅନୁସରଣ କରି ସାମଗ୍ରୀ ଓ ସେବା ଉପରେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ହାର ନେଇ ବିଜ୍ଞପ୍ତି ଜାରି କରିବାକୁ ପଡ଼ିବ। ଜିଏସ୍‌ଟି ଅଧୀନରେ ସଂଗୃହୀତ ରାଜସ୍ୱକୁ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ସମାନ ଭାବେ ବଣ୍ଟନକରି ନେଇଥାଆନ୍ତି। ସୋମବାରଠାରୁ ଜିଏସ୍‌ଟିର ୨ଟି ସ୍ଲାବ ୫% ଓ ୧୮% ଟିକସ ଲାଗୁ ହେବାକୁ ଯାଉଛି। ସେହିପରି ସୌଖୀନ ଓ ତମାଖୁ ଜାତୀୟ ସାମଗ୍ରୀଗୁଡ଼ିକ ଉପରେ ୪୦% ଟିକସ ଲାଗୁ ହେବ। ଜିଏସ୍‌ଟି ୨.୦ରେ ଅଣାଯାଇଥିବା ସଂସ୍କାର ଯୋଗୁ ଭାରତୀୟ ଅର୍ଥନୀତିରେ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ। ଏହାଦ୍ୱାରା ଲୋକଙ୍କ ହାତରେ ଅଧିକ ନଗଦ ଅର୍ଥରାଶି ରହିବ, ଯାହାକି ପୂର୍ବରୁ ଟିକସ ପଇଠ କରିବାରେ ଚାଲିଯାଉଥିଲା ବୋଲି ବିଶାଖାପାଟଣାରେ ଆୟୋଜିତ ଜିଏସ୍‌ଟି ସଂସ୍କାର ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି।

## ଦିଶା ପଟାନୀଙ୍କ ଘରେ ଫାୟାରିଂ କରିଥିବା ୨ ଶୁଟର ମୃତ





ଗାଜିଆବାଦ, ୧୭ା୯

### ୟୁପି ପୋଲିସର ଏନ୍‌କାଉଣ୍ଟର

ଗତ ଶୁକ୍ରବାର ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ସମ୍ମୁଖରେ ଫାୟାରିଂ କରିଥିବା ଗୋଲ୍ଡିବ୍ରାର୍ ଗ୍ୟାଙ୍ଗ୍‌ର ୨ ସକ୍ରିୟ ଶୁଟରଙ୍କର ବୁଧବାର ୟୁପି ପୋଲିସ ପକ୍ଷରୁ କରାଯାଇଥିବା ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଛି। ଗାଜିଆବାଦର ଟ୍ରୋନିକା ସିଟି ନିକଟରେ ଏହି ଏନ୍‌କାଉଣ୍ଟର ଘଟିଥିବା ନେଇ ୟୁପି ପୋଲିସ ସୂଚନା ଦେଇଛି। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଏବଂ ଉତ୍ତର ପ୍ରଦେଶ ଏବଂ ହରିୟାଣା ଏସ୍‌ଟିଏଫ୍‌ର ମିଳିତ ଅପରେଶନରେ ଏହି ଏନ୍‌କାଉଣ୍ଟର କରାଯାଇଛି। ୨ ମୃତ ଶୁଟର ହେଉଛନ୍ତି, ହରିୟାଣାର ରୋହତକ ନିବାସୀ ରବିନ୍ଦର ଓ ସୋନିପତ ନିବାସୀ ଅରୁଣ। ଏନ୍‌କାଉଣ୍ଟର ବେଳେ ୪ ଜଣ ପୋଲସ କର୍ମଚାରୀ ଆହତ ହୋଇଥିବା ନେଇ ୟୁପି ପୋଲିସର ଏଡିଜି (ଆଇନ ଶୃଙ୍ଖଳା) ଅମିତାଭ ଯଶ କହିଛନ୍ତି।

## ଶ୍ରେଷ୍ଠ ୧୦୦ ବିଜ୍‌ନେସ୍ ସ୍କୁଲରେ ଭାରତରୁ ୩

ନୂଆଦିଲ୍ଲୀ, ୧୭ା୯ (ପି.ଟି.)

ବିଶ୍ୱର ଶ୍ରେଷ୍ଠ ୧୦୦ ବିଜ୍‌ନେସ୍ ସ୍କୁଲ ମଧ୍ୟରେ ଭାରତର ୩ ପ୍ରତିଷ୍ଠାନ ରହିଛି। 'କ୍ୟୁଏସ୍ ଗ୍ଲୋବାଲ ଏମ୍‌ବିଏ, ଅନ୍‌ଲାଇନ ଏମ୍‌ବିଏ ଆଣ୍ଡ ବିଜ୍‌ନେସ୍ ମାଷ୍ଟର୍ସ ର୍‍ୟାଙ୍କିଙ୍ଗ୍ ୨୦୨୬' ଅନୁଯାୟୀ, ବିଶ୍ୱର ଶ୍ରେଷ୍ଠ ୧୦୦ ବିଜ୍‌ନେସ୍ ସ୍କୁଲ ମଧ୍ୟରେ ଭାରତର ଆଇଆଇଏମ୍ ବାଙ୍ଗାଲୋର, ଆଇଆଇଏମ୍ ଅହମଦାବାଦ ଏବଂ ଆଇଆଇଏମ୍ କାଲକାଟା ରହିଛି। ଆଇଆଇଏମ୍ ବାଙ୍ଗାଲୋର ଗୋଟିଏ ସ୍ଥାନ ଉପରକୁ ଉଠି ୫୨ତମ ସ୍ଥାନରେ ପହଞ୍ଚିଛି। ସେହିପରି ଆଇଆଇଏମ୍ ଅହମଦାବାଦ ୨ଟି ସ୍ଥାନ ଉପରକୁ ଉଠି ୫୮ତମ ସ୍ଥାନରେ ପହଞ୍ଚିଥିବାବେଳେ ଆଇଆଇଏମ୍ କାଲକାଟା ଗୋଟିଏ ସ୍ଥାନ ଉପରକୁ ଉଠି ୬୪ତମ ସ୍ଥାନରେ ପହଞ୍ଚିଛି।

## ବୈଷ୍ଣୋ ଦେବୀ ଯାତ୍ରା ପୁଣି ଆରମ୍ଭ

ଜମ୍ମୁ, ୧୭ା୯ (ପି.ଟି.)

ପ୍ରାୟ ୨୨ ଦିନ ପରେ ବୁଧବାର ସକାଳୁ ପୁଣିଥରେ ବୈଷ୍ଣୋ ଦେବୀ ଯାତ୍ରା ଆରମ୍ଭ ହୋଇଛି। ଲଗାଣ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ଏହି ଯାତ୍ରା ଗତ ପ୍ରାୟ ୩ ସପ୍ତାହ ଧରି ବନ୍ଦ ରହିଥିଲା। ପୁଣି ଖରାପ ପାଗ ଦେଖା ଦେଲେ ଏହି ଯାତ୍ରାକୁ ତତ୍କାଳ ସ୍ଥଗିତ ରଖାଯିବ ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଗତ ୨୬ ତାରିଖରେ ଜମ୍ମୁ-କଶ୍ମୀରର ରେଆସିଠାରେ ଭୂସ୍ଖଳନ ଘଟି ୩୪ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା ଏବଂ ୨୦ ଜଣ ଆହତ ହୋଇଥିଲେ। ଫଳରେ ବୈଷ୍ଣୋ ଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଥିଲା।

# ବାୟୁ ପ୍ରଦୂଷଣ ରୋକିବାକୁ ୩ ସପ୍ତାହରେ ଯୋଜନା କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭ା୯(ପି.ଟି.)



ପାର୍ବଣ ଆରମ୍ଭ ସହ ଶୀତଋତୁର ଆଗମନ ହେବାକୁ ଯାଉଛି। ଏହି ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ। ବିଶେଷକରି ସହରାଞ୍ଚଳରେ ବାୟୁ ପ୍ରଦୂଷଣ ସାଙ୍ଗକୁ ମୁକ୍ତବାୟୁର ଅଭାବ ଲୋକଙ୍କ ପାଇଁ ନାନା ରୋଗକୁ ଡାକିଆଣିଥାଏ। ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ବୁଧବାର ୩ ସପ୍ତାହ ମଧ୍ୟରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବାକୁ କମିଶନ୍ ଫର୍ ଏୟାର କ୍ୱାଲିଟି ମ୍ୟାନେଜ୍‌ମେଣ୍ଟ (ସିଏକ୍ୟୁଏମ୍), କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ପ୍ରଦୂଷଣ ନିରୋଧୀ ସଂସ୍ଥାଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ ସମ୍ପର୍କିତ ଏକ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନିଜ ଆଡୁ ଶୁଣାଣି କରି ଏଥିରେ ବିଳମ୍ବକୁ ନେଇ ଭର୍ତ୍ସନା କରିଛନ୍ତି। ସିଏକ୍ୟୁଏମ୍ ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ ବୈଧାନିକ ସଂସ୍ଥା। ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ସମେତ ଏହାର ପାର୍ଶ୍ୱବର୍ତ୍ତୀ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚାଳନା ସହ ଏଥିରେ ସୁଧାର ଆଣିବା ହେଉଛି ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ସିଜେଆଇ ବି.ଆର୍. ଗବଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ ଏହା ଉପରେ ଶୁଣାଣି ବେଳେ ଏହି ରାଜ୍ୟଗୁଡ଼ିକୁ ୩ ମାସ ମଧ୍ୟରେ ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସିଏକ୍ୟୁଏମ୍, ସିପିସିବି ଏବଂ ରାଜ୍ୟ ବୋର୍ଡଗୁଡ଼ିକୁ ପଦୋନ୍ନତିଭିତ୍ତିକ ପଦବୀ ପୂରଣ ପାଇଁ ୬ ମାସ ସମୟ ଦିଆଯାଇଛି। ବର୍ତ୍ତମାନ ହରିୟାଣା, ପଞ୍ଜାବ, ୟୁପି ଓ ରାଜସ୍ଥାନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଯଥାକ୍ରମେ ୪୪, ୪୩, ୧୬୬ ଓ ୨୫୯ ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ପ୍ରଦୂଷଣ ନିୟନ୍ତ୍ରଣ ନୀତିକୁ କାର୍ଯ୍ୟକାରୀ କରାଇବା ସମ୍ଭବପର ନୁହେଁ ବୋଲି ଅଦାଲତ ଚିନ୍ତାବ୍ୟକ୍ତ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାମାନ୍ୟ କମିଲା ସୁନା ଦର

**ଭୁବନେଶ୍ୱର,୧୭।୯**

ଲଗାତର ସୁନା ଦର ବୃଦ୍ଧି ପରେ ବୁଧବାର ଦର ସାମାନ୍ୟ କମିଛି। ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୧,୧୧,୭୧୦ ଟଙ୍କା ରହିଛି। ମଙ୍ଗଳବାର ଏହା ୧,୧୧,୯୩୦ ଟଙ୍କା ଥିଲା। ଏଥିରେ ୨୨୦ ଟଙ୍କା ହ୍ରାସ ହୋଇଛି। ୨୨ କ୍ୟାରେଟ୍ ୧୦ ଗ୍ରାମ୍ ସୁନା ଦର ୧,୦୨,୪୦୦ ଟଙ୍କା ରହିଛି। ମଙ୍ଗଳବାର ଏହା ୧,୦୨,୬୦୦ ଟଙ୍କା ଥିଲା। ଏଥିରେ ୨୦୦ ଟଙ୍କା ହ୍ରାସ ହୋଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ୍ ସୁନା ଦାମ ୮୩,୭୮୦ ଟଙ୍କା ରହିଛି। ମଙ୍ଗଳବାର ଏହା ୮୩,୯୫୦ ଟଙ୍କା ଥିଲା। ଏଥିରେ ୧୭୦ ଟଙ୍କା ହ୍ରାସ ହୋଇଛି। ସେହିପରି ୧୦୦ ଗ୍ରାମ୍ ରୁପା ଦାମ ୧୪,୨୦୦ ଟଙ୍କା ରହିଛି। ମଙ୍ଗଳବାର ଏହା ୧୪,୪୦୦ ଟଙ୍କା ଥିଲା। ଏଥିରେ ୨୦୦ ଟଙ୍କା ହ୍ରାସ ହୋଇଛି।

# ବିଓଆଇର ଆର୍ଥିକ ସମାବେଶ ଓ ରି-କେୱାଇସି ଶିବିର



**ଭୁବନେଶ୍ୱର,୧୭।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ସମ୍ବଲପୁର ଅଞ୍ଚଳ ପକ୍ଷରୁ ଗଞ୍ଜାମ ଜିଲାର ବେଗୁନିଆପଡ଼ା ବ୍ଲକ୍‌ର ସାଙ୍କୁଡ଼ା ଗ୍ରାମପଞ୍ଚାୟତଠାରେ ସାଙ୍କୁଡ଼ା ଓ ସୁମଣ୍ଡଳ ଲିଙ୍କ୍ ଶାଖା ସହଯୋଗରେ ଏକ ଆର୍ଥିକ ସମାବେଶ ଓ ରି-କେୱାଇସି ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଓଆଇ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ଆର୍ଥିକ ସମାବେଶ, ରି-କେୱାଇସି, ସାଇବର ଠକେଇ ଏବଂ ସରଳୀକୃତ ଏସ୍‌ଓପି ବିଷୟରେ ଆଲୋଚନା କରିଥିଲେ। ଗଞ୍ଜାମ ଏଲ୍‌ଡିଏମ୍ ହିମାଞ୍ଚଳ ସାହୁ ସାମାଜିକ ସୁରକ୍ଷା ଯୋଜନା (ପିଏମ୍‌ଏସ୍‌ବିଓୱାଇ, ପିଏମ୍‌ଜେଜେବିୱାଇ, ଏପିୱାଇ) ଆର୍‌ବିଆଇର ବ୍ୟାଙ୍କିଙ୍ଗ୍, ଓମ୍ବୁଡ୍‌ସମ୍ୟାନ୍ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବାରେ ରି-କେୱାଇସିର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ବିଓଆଇ ସାଙ୍କୁଡ଼ା ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ସମୀର ପଲାଇ, ବିଓଆଇ ସୁମଣ୍ଡଳ ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ରବୀନ୍ଦ୍ରନାଥ ଦାଶ, ସାଙ୍କୁଡ଼ା ସରପଞ୍ଚ ଗଦାଧର ପ୍ରଧାନ, ସାଙ୍କୁଡ଼ା ଗ୍ରାମପଞ୍ଚାୟତର ସମିତି ସଭ୍ୟ ଜୟନ୍ତୀ ସ୍ୱାଇଁ, ସୁମଣ୍ଡଳ ସରପଞ୍ଚ ଶିବଶଙ୍କର ବେହେରା, ପରମାଣପୁର ସରପଞ୍ଚ ମହେନ୍ଦ୍ର କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ୬.୫% ହାରରେ ଅର୍ଥନୀତି ଅଭିବୃଦ୍ଧି ଆକଳନ

**ଭୁବନେଶ୍ୱର,୧୭।୯**

କ୍ରେଡିଟ୍ ରେଟିଂ ଏଜେନ୍ସି ଆଇସିଆର୍‌ଏର ନୂଆ ରିପୋର୍ଟ ଅନୁଯାୟୀ, ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ରେ ସୁଧାର ଯୋଗୁ ଭାରତୀୟ ଅର୍ଥନୀତି ୨୦୨୬ ଆର୍ଥିକ ବର୍ଷରେ ୬.୫% ହାରରେ ବୃଦ୍ଧି ପାଇବ। ପୂର୍ବରୁ ଏହା ୬% ଥିବା ଅନୁମାନ କରାଯାଇଥିଲା। ଟିକସ ବ୍ୟବସ୍ଥାରେ ସୁଧାର ଓ ବ୍ୟବସାୟର ସରଳ ପ୍ରକ୍ରିୟା ଭାରତକୁ ଦ୍ରୁତ ବୃଦ୍ଧି ଆଡ଼କୁ ନେଉଛି। ଏହି ସୁଧାର ଆମେରିକାର ଭାରି ଆମଦାନୀ ଶୁଳ୍କର ପ୍ରଭାବକୁ ମଧ୍ୟ ହ୍ରାସ କରୁଛି। ଆମେରିକା ଭାରତୀୟ ଆମଦାନୀ ଉପରେ ୫୦% ଶୁଳ୍କ ଲଗାଇଛି, ଯାହା ଚାଇନା, ଭିଏତ୍‌ନାମ, ବାଂଲାଦେଶ ଓ ଜାପାନ ତୁଳନାରେ ଅଧିକ। ଭାରତୀୟ ଉଦ୍ୟୋଗ ରପ୍ତାନି ବଜାରରେ ମୂଲ୍ୟ ସଂଯୋଜନ ରଣନୀତି ଗ୍ରହଣକରି ଶୁଳ୍କର ପ୍ରଭାବ ହ୍ରାସ କରୁଛି।

# ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବ ପତଞ୍ଜଳି




**ଭୁବନେଶ୍ୱର,୧୭।୯**

ଦେଶର ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ମାଗଣା ଚିକିତ୍ସା ଶିବିର ଆୟୋଜନ ତଥା ସ୍ୱଦେଶୀ ଆନ୍ଦୋଳନ ଜାରି ରଖିବା ପାଇଁ ପତଞ୍ଜଳି ପକ୍ଷରୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ଯୋଗଗୁରୁ ରାମଦେବ ମହାରାଜ ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି। ରାମଦେବ କହିଛନ୍ତି, ଦେଶର ସମସ୍ତ ଜିଲାରେ ସିବିଏସ୍‌ଇ, ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି) ଓ ରାଜ୍ୟ ଶିକ୍ଷା ବୋର୍ଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଓ ସମ୍ମାନ ଦେବା ପାଇଁ ପତଞ୍ଜଳି ଦ୍ୱାରା ପ୍ରଧାନମନ୍ତ୍ରୀ ପ୍ରତିଭା ପୁରସ୍କାର ବାବଦରେ ୧୧,୦୦୦ରୁ ୫୧,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଦେଶର ୭୫୦ରୁ ଅଧିକ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଯୋଗ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଏହା ସହ ଦୀର୍ଘକାଳୀନ ଯକୃତ ରୋଗ, ଫ୍ୟାଟି ଲିଭର ଓ ଲିଭର ସିରୋସିସ୍‌ର ମାଗଣା ଔଷଧ ବଣ୍ଟନ ଓ ଚିକିତ୍ସା ଶିବିର ଆୟୋଜନ ହେବ। ରାମଦେବ ଆହୁରି କହିଛନ୍ତି, ଭାରତ ପ୍ରାଚୀନ କାଳରେ ଅର୍ଥନୀତିରେ ଶୀର୍ଷରେ ଥିଲା, ମାତ୍ର ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଅନ୍ୟାନ୍ୟ ବିଦେଶୀ କମ୍ପାନୀ ୨ଦଶନ୍ଧି ମଧ୍ୟରେ ଭାରତର ୧୦୦ ଟ୍ରିଲିୟନରୁ ଅଧିକ ସମ୍ପଦ ଲୁଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ ଫର୍ ଲୋକାଲ' ଆହ୍ୱାନକୁ ଗ୍ରାମେ ଗ୍ରାମେ ଓ ଘରେ ଘରେ ଜନ ଆନ୍ଦୋଳନ ରୂପେ ପତଞ୍ଜଳି ପହଞ୍ଚାଇବ। ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ ଭାରତକୁ ବିଶ୍ୱର ଅର୍ଥନୈତିକ ମହାଶକ୍ତି କରାଯିବ ଏବଂ ବିଦେଶୀ ଶକ୍ତିଙ୍କ ଦ୍ୱାରା ଦେଶର ସମ୍ପଦ ଲୁଟକୁ ରୋକାଯିବ। ରାମଦେବ ଆମେରିକୀୟ ଓ ବିଦେଶୀ କମ୍ପାନୀଙ୍କ 'ଜିରୋ ଟେକ୍ନୋଲୋଜି' ଉତ୍ପାଦକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଭାରତୀୟ ଶିକ୍ଷା ବୋର୍ଡ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଏବଂ ପରେ ୩ ଲକ୍ଷ ବିଦ୍ୟାଳୟକୁ ସ୍ୱଦେଶୀ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ି ଏପରି ଆଦର୍ଶ ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନ କରାଯିବ ବୋଲି କହିଛନ୍ତି। ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ୍.ପି. ସିଂହ ଏହାର ଗଠନ ଓ ବୈଧାନିକ ସ୍ୱରୂପ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସାମାଜିକ ସୁରକ୍ଷା ସୁଦୃଢ଼ କରିବା ପାଇଁ ନାଲ୍‌କୋର ପଦକ୍ଷେପ



**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ନୂତନ ପଦକ୍ଷେପ ଗ୍ରହଣ କରିଛି। ଏକ ଅଗ୍ରଣୀ ପଦକ୍ଷେପ ଭାବରେ ଏବଂ କର୍ମଚାରୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତା ସହ ନାଲ୍‌କୋ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଗ୍ରଣୀ ବ୍ୟାଙ୍କ ସହିତ କର୍ପୋରେଟ ଦରମା ଆକାଉଣ୍ଟ ମାଧ୍ୟମରେ ଏହାର ସମସ୍ତ ନିୟମିତ କର୍ମଚାରୀଙ୍କୁ ୧ କୋଟି ଟଙ୍କାର ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା କଭରେଜ୍ ପ୍ରଦାନ କରୁଛି। କମ୍ପାନୀ ଏହାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ମଧ୍ୟ ଏକ ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କର ଡ୍ୟୁଟି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ଏବଂ ଅକ୍ଷମତା କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇବେ। ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଭାରତର ଖଣି କ୍ଷେତ୍ରରେ ଖଣି ଶ୍ରମିକଙ୍କ କଲ୍ୟାଣ, ସୁରକ୍ଷା ଏବଂ ଜୀବିକାରେ ପରିବର୍ତ୍ତନକାରୀ ସଂସ୍କାର ଆସିଛି। ଏହି ଭବିଷ୍ୟତମୁଖୀ ପଦକ୍ଷେପଗୁଡ଼ିକ କେବଳ କାର୍ଯ୍ୟ ପରିସ୍ଥିତି ଏବଂ ସୁରକ୍ଷା ପଦକ୍ଷେପଗୁଡ଼ିକୁ ଉନ୍ନତ କରିନାହିଁ ବରଂ ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ମଧ୍ୟ ଦ୍ୱାର ଉନ୍ମୁକ୍ତ କରିଛି ବୋଲି ନାଲ୍‌କୋ ପକ୍ଷରୁ କୁହାଯାଇଛି। କୋଇଲା ଏବଂ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ନେତୃତ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କମ୍ପାନୀ କର୍ମଚାରୀମାନଙ୍କ ପାଇଁ ଏକ ସୁଦୃଢ଼ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିଥିବା କମ୍ପାନୀ ପ୍ରକାଶ କରିଛି।

# ୧ଲକ୍ଷ ଚାରା ରୋପଣକଲା ଓଏମ୍‌ସି



**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

'ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସାମିଲହୋଇ ନିଜ ଖଣି ଓ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧ ଲକ୍ଷ ଚାରା ରୋପଣ କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଡ୍ରିଲ୍ କୋର୍ ଲାଇବ୍ରେରିଠାରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଚାରା ରୋପଣକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜଙ୍ଗଲ ଓ ପରିବେଶ) ସୁଧାଂଶୁ ଶେଖର ଖୋରା, ନିର୍ଦ୍ଦେଶକ (ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ଏବଂ ନିର୍ଦ୍ଦେଶକ (ବିତ୍ତ) ବନବିହାରୀ ପାଣି ପ୍ରମୁଖ ସାମିଲ ହୋଇଥିଲେ। ଏଥିସହ ନିଗମର ବିଭାଗୀୟ ମୁଖ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏଥିସହ ନିଗମ ଅଧୀନ ଖଣି ଅଞ୍ଚଳ ଗୁଆଲୀ, ରୋଇଡା-ସି, ଜିଲିଙ୍ଗ-ଲାଙ୍ଗଲୋଟା, ବାଂଶପାଣି, ତୁବୁନା - ସେକ୍ରାଡିହି, କାଲିଆପାଣି, ଗନ୍ଧମାର୍ଦ୍ଦନ, ଖଣ୍ଡବନ୍ଧ, ବାଗ୍ଗୁର, କୋଡିଙ୍ଗାମାଳି, ସୁକରଙ୍ଗୀ ଖଣି ଏବଂ ଏହାର ଆଖପାଖର ମୋଟ ୨୭ଟି ସ୍ଥାନରେ ୧ ଲକ୍ଷ ଚାରା ରୋପଣ କରିଛନ୍ତି। ଓଏମ୍‌ସିର କାର୍ଯ୍ୟକ୍ଷମ ଖଣି କ୍ଷେତ୍ରଗୁଡ଼ିକରେ ୬୦.୦୭୪ ହେକ୍ଟର ଏବଂ ଖଣି ପାର୍ଶବର୍ତ୍ତୀ ଅଞ୍ଚଳର ପ୍ରାୟ ୨.୯ କିଲୋମିଟର ପାଖାପାଖି ଜମିରେ ଚାରା ରୋପଣ କରାଯାଇଛି। ନିମ୍ବ, ଶାଳ, ପିଆଶାଳ, ଅଶୋକ, ହରିଡ଼ା, ବାହାଡ଼ା, ଶିଶୁ, କରଞ୍ଜ, ବାଉଁଶ, ବର ଭଳି ଅନେକ ବୃକ୍ଷର ଚାରା ରୋପଣ କରାଯାଇଛି। ଏଥିସହ ଓଉ, ପିଜୁଳି, ପେସ୍ତାବାଦାମ, ଅଁଳା, ଚାରକୋଳି, ଜାମୁ, କରମଙ୍ଗା, ସୀତାଫଳ ବା ଆତ, ବେଲ, ପଣସ ପ୍ରଭୃତି ଫଳ ଜାତୀୟ ଚାରା ମଧ୍ୟ ଲଗାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିବା ଓଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ପାରିବାରିକ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'

**ଭୁବନେଶ୍ୱର,୧୭।୯**

ବଲିଉଡର ନୂଆ ପାରିବାରିକ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ' ସିନେମା ହଲରେ ହାଉସଫୁଲ ସୋ' ଦେଖାଉଛି। ୨୫-୩୦ ବର୍ଷ ପରେ ଏପରି ଏକ ଚଳଚ୍ଚିତ୍ର ଆସିଛି, ଯାହା ପୁରା ପରିବାର ଏକାଠି ଉପଭୋଗ କରୁଛନ୍ତି ବୋଲି ନିର୍ମାତା କହିଛନ୍ତି। ଅଶ୍ଳୀଳତା ବିନା ଏହା ପାରିବାରିକ ପ୍ରେମ ଓ ସମ୍ପର୍କର ଉଷ୍ମତାରେ ଭରପୂର। ନାୟିକା ଦିଭିତା ଜୁନେଜାଙ୍କ ପ୍ରଥମ ଅଭିନୟ ଦର୍ଶକଙ୍କ ହୃଦୟ ଜିଣୁଛି। କଲେଜ ଛାତ୍ରଛାତ୍ରୀମାନେ ତାଙ୍କୁ ଆଦର୍ଶ ମାନୁଛନ୍ତି। ଆଶୁତୋଷ ରାଣା, ପ୍ରୀତ କାମାନୀ, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ରଙ୍କ ଅଭିନୟ ସହ ଗୀତଗୁଡ଼ିକ ସୁପରହିଟ ହୋଇଛି। ନିର୍ଦ୍ଦେଶକ ଉମେଶ ଶୁକ୍ଲାଙ୍କୁ 'ପାରିବାରିକ ସିନେମାର ଚାମ୍ପିଅନ' କୁହାଯାଉଛି।





SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur-760001
99380 25554
63708 53214


# ନୂତନ ନେତୃତ୍ୱ ନିଯୁକ୍ତ କଲା ରେନୋ ଗ୍ରୁପ୍

**ଭୁବନେଶ୍ୱର,୧୭।୯:** ରେନୋ ଗ୍ରୁପ ଭାରତକୁ ବିଶ୍ୱସ୍ତରୀୟ ଅଟୋମୋବାଇଲ ଡିଜାଇନ ଓ ଇଞ୍ଜିନିୟରିଂ ହବ ଭାବେ ଗଢ଼ିବା ପାଇଁ ଦୁଇ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନିଯୁକ୍ତି ଘୋଷଣା କରିଛି। ସନ୍ଦୀପ ଭାମ୍ବ୍ରା ରେନୋ ଡିଜାଇନ ସେଣ୍ଟର ଇଣ୍ଡିଆ (ଆରଡିସିଆଇ)ର ମୁଖ୍ୟ ତଥା ଚିଫ ଡିଜାଇନର ଆଡଭାନ୍ସଡ ରେନୋ ଭାବେ ନିଯୁକ୍ତ ହୋଇଛନ୍ତି। ଡ. ବିକ୍ରମନ ଭି. ରେନୋ ନିସାନ ଟେକ୍ନୋଲୋଜି ଓ ବିଜନେସ ସେଣ୍ଟର ଇଣ୍ଡିଆରେ ଚିଫ ଅଫ ରେନୋ ଇଞ୍ଜିନିୟରିଂ ଦାୟିତ୍ୱ ନେଇଛନ୍ତି। ଏହି ନିଯୁକ୍ତି ଭାରତର ଗତିଶୀଳ ଅଟୋମୋବାଇଲ ବଜାରରେ ରେନୋର ବିଶ୍ୱସ୍ତରୀୟ ନବସୃଜନ ଓ ଡିଜାଇନକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ରେନୋ ଗ୍ରୁପ ଇଣ୍ଡିଆର ସିଇଓ ଷ୍ଟିଫେନ ଡେବ୍ଲେସ କହିଛନ୍ତି, ଏହି ନେତୃତ୍ୱ ଭାରତୀୟ ନବସୃଜନ ଓ ରେନୋର ବିଶ୍ୱସ୍ତରୀୟ ଦକ୍ଷତାକୁ ଉପଯୋଗ କରି ଅଭିନବ ଗାଡ଼ି ସୃଷ୍ଟି କରିବ।



ସନ୍ଦୀପ ଭାମ୍ବ୍ରା



ଡ. ବିକ୍ରମନ ଭି.

# ତନେଇରାର ପାର୍ବଣ କଲେକ୍ସନ 'ମିଆରା'

**ଭୁବନେଶ୍ୱର,୧୭।୯**

ଟାଟାର ଏଥ୍‌ନିକ୍ ୱିୟର ବ୍ରାଣ୍ଡ ତନେଇରା ପକ୍ଷରୁ ରାଉରକେଲାର ଉଦିତ୍‌ନଗରସ୍ଥିତ ତନେଇରା ଶୋ'ରୁମ୍‌ରେ 'ମିଆରା: କ୍ରାଫ୍ଟେଡ୍ ବାଏ ହ୍ୟାଣ୍ଡ, ରୁଟେଡ୍ ଇନ୍ ପ୍ୟୁରିଟି'ର ଶୁଭାରମ୍ଭ କରାଯାଇଛି। ଆଧୁନିକ ଡିଜାଇନ ସହ ପାରମ୍ପରିକ କଳାକୁ ସମ୍ମିଶ୍ରଣ କରି ଏହି କଲେକ୍ସନ ପ୍ରସ୍ତୁତ ହୋଇଛି। ପାର୍ବଣଋତୁର ଆନନ୍ଦ ବଢ଼ାଇବାକୁ ତନେଇରାର ନୂତନ ଅଭିଯାନ 'ଦି ଗିଫ୍ଟ ଅଫ୍ ପ୍ୟୁର ଲଭ୍' ପ୍ରେମର ପ୍ରତୀକ ଭାବରେ ପ୍ରତିଫଳିତ କରିବ। ଉପହାର ଦେବାର ଆନନ୍ଦକୁ ବହୁଗୁଣିତ କରୁଥିବା ଏହି ଅଭିଯାନ, ପ୍ରେମକୁ ଦୁର୍ଲଭ ଏବଂ ଅମୂଲ୍ୟ ଜିନିଷରେ ସମ୍ମାନିତ କରିବ। ଶୁଦ୍ଧତା ହେଉଛି ପ୍ରେମର ପ୍ରକୃତ ମାପକାଠି। କାରଣ ପବିତ୍ର ପ୍ରେମ କେବଳ ଦେଖାଯାଏ ନାହିଁ, ଏହାକୁ ଅନୁଭବ କରାଯାଏ। ପ୍ରତ୍ୟେକ କ୍ରୟକୁ ଅଧିକ ସ୍ମରଣୀୟ କରିବା ପାଇଁ ଉପହାର ଭାଉଚର ଏବଂ ସ୍ୱର୍ଣ୍ଣମୁଦ୍ରା ସହ ବ୍ରାଣ୍ଡ ପକ୍ଷରୁ ବିଶେଷ ଉତ୍ସବ ଅଫର ଆରମ୍ଭ କରାଯାଇଛି। ଗ୍ରାହକମାନେ ପ୍ରତି ୧୦,୦୦୦ ଟଙ୍କା କ୍ରୟ ପାଇଁ ୧,୦୦୦ ଟଙ୍କାର ଏକ ଭାଉଚର ପାଇବେ ଯାହାକୁ ସେମାନଙ୍କର ପରବର୍ତ୍ତୀ କ୍ରୟରେ ବ୍ୟବହାର କରିପାରିବେ। ଏହିପରି ୫୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ କ୍ରୟ କରୁଥିବା ଗ୍ରାହକମାନେ ୦.୨ ଗ୍ରାମ୍ ତନିସ୍କ ସ୍ୱର୍ଣ୍ଣମୁଦ୍ରା ମଧ୍ୟ ପାଇପାରିବେ। ଏହି ଅଫର ଅକ୍ଟୋବର ୨୦ ପର୍ଯ୍ୟନ୍ତ ବୈଧ ରହିବ। ଏହି ଉପଲକ୍ଷେ ତନେଇରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବୁଜ ନାରାୟଣ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ଶାଢ଼ିକୁ କେବଳ ପିନ୍ଧାଯାଏ ନାହିଁ ବରଂ ଏହାକୁ ଅନୁଭବ କରାଯାଏ। ଏହା ପାର୍ବଣକୁ ବ୍ୟକ୍ତିଗତ ଏବଂ ଉପହାରକୁ ପବିତ୍ର ପ୍ରେମର ଅଭିବ୍ୟକ୍ତିରେ ପରିଣତ କରିବ। ଏକ ଭାବନା ଯାହାକୁ ଆମେ ଆମର ଉତ୍ସବ ଅଭିଯାନ 'ଦି ଗିଫ୍ଟ ଅଫ୍ ପିୟୋର ଲଭ୍' ମାଧ୍ୟମରେ ଜୀବନ୍ତ କରିଛୁ।




# ୟୁପିଆଇ ଟ୍ରାଞ୍ଜାକ୍ସନ୍ ଅର୍ଥନୀତି କ୍ଷେତ୍ରକୁ ସୁରକ୍ଷିତ କରିଛି

**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ପାଳନ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଣ୍ଡ ଇନୋଭେସନ୍ - ଏମପାୱାରିଙ୍ଗ ସିଟିଜେନ୍ସ ଇନ୍ ଦ ନ୍ୟୁ ଏରା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କର୍ମଶାଳାରେ ଅଧ୍ୟକ୍ଷତା କରି କହିଛନ୍ତି, ଡିଜିଟାଲାଇଜେସନ୍ ଆମ ଜୀବନକୁ ଭିନ୍ନ ଏବଂ ଅଧିକ ସୁରକ୍ଷିତ କରିଛି। ଭାରତରେ ବିଶ୍ୱର ସର୍ବାଧିକ ସାର୍ବଜନୀନ ଭିତ୍ତିଭୂମି ରହିଥିବା ବେଳେ ପ୍ରତ୍ୟେକ ଭାରତୀୟ ପରସ୍ପର ସହିତ ଯୋଡ଼ି ହୋଇ ରହିବାର ଆବଶ୍ୟକତା ରହିଛି। ୟୁପିଆଇ ଟ୍ରାଞ୍ଜାକ୍ସନ୍‌ର ଉଦାହରଣ ଦେଇ କୁଳପତି କହିଛନ୍ତି ଯେ ଏହା ଅର୍ଥନୀତି କ୍ଷେତ୍ରକୁ ଅଧିକ ସୁରକ୍ଷିତ କରିଛି। ସେହିପରି ଆଧାର କାର୍ଡ ଭଳି ଆପାର ଆଇଡି ମଧ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଧିକ ଲାଭଦାୟକ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି ଯୋଗ ଦେଇ ଭାରତ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ କ୍ଷେତ୍ରରେ ନେତୃତ୍ୱ ନେବା ବେଳେ ଏହାର ସବୁ ଶ୍ରେୟ ମୋଦିଙ୍କୁ ଯାଉଛି ବୋଲି କହିଥିଲେ। ସେହିପରି କର୍ମଶାଳାରେ ଅନ୍ୟତମ ବକ୍ତା ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡାକ୍ତର ସଂଘମିତ୍ରା ମିଶ୍ର କହିଥିଲେ ଯେ ବର୍ତ୍ତମାନ ଡିଜିଟାଲ୍ ପେମେଣ୍ଟ ସହିତ ଟେଲି ମେଡିସିନ, ଟେଲି ଆଇସିୟୁ, ଡିଜି ଲକର ଏବଂ ହେଲ୍‌ଥ ଲକର ଭଳି ଡିଜିଟାଲ ପ୍ରକ୍ରିୟା ଆମ ସମସ୍ତଙ୍କ ପାଇଁ ହିତକାରୀ ସାବ୍ୟସ୍ତ ହୋଇଛି। କାର୍ଯ୍ୟକ୍ରମରେ ସୋଆ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଡିନ୍ ଇନଚାର୍ଜ ପ୍ରଫେସର ପ୍ରତାପ କୁମାର ସାହୁ, ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଡକ୍ଟର ଆଶିଷ ମହାନ୍ତି ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




Rooms suitable for Office, Hostel at Bapujinagar, Bhubaneswar. 9556700943 / 7683912628. D-76939

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

I, Amulya Khandual, S/o- Late Kumuda Khandual, of Village/ Post- Baragam, P.S.- Kotinada, Dist.- Ganjam, Odisha, declare by this affidavit No.- 1533, dt- 16.09.2025 sworn before the Executive Magistrate, Aska that now onwards I shall be known as Amulya Khandual instead of Amuli Khanduwal for all future purposes as both are one and same person. D-2009

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Anita Agrawal, W/o- Anil Kumar Agarwala, Resident of Plot No.- 1408/1409, Shiripur Square, Bhubaneswar, P.S.- Khandagiri, Dist.- Khurda, State- Odisha, PIN- 751003, declare by this affidavit number- 704, dtd- 16.09.2025 that now onwards I shall be known as Anita Agarwala for all future purpose.
Sd/- Anita Agarwala
D-1994

I, Anil Kumar Agrawal, S/o- Sitaram Agarwala. Resident of plot No.- 1408/1409 Shiripur Square, Bhubaneswar, P.S.- Khandagiri, Dist.- Khurda, State- Odisha, PIN- 751003, declare by this affidavit number 705, dtd- 16.09.2025 that now onwards I shall be known as Anil Kumar Agarwala for all future purposes.
Sd/- Anil Kumar Agarwala
D-1995



## ତଥାପି ଆଶାବାଦୀ ପ୍ରିୟଙ୍କା..

ପ୍ରିୟଙ୍କା ଚୋପ୍ରା। ଦିନ ଥିଲା ସେ ବଲିଉଡ୍‌ରେ ରାଜ୍ କରୁଥିଲେ। ହେଲେ ଯେତେବେଳେ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିବାକୁ ଚାହିଁଲେ ସେତେବେଳେ ତାଙ୍କୁ କମ୍ ସଂଘର୍ଷ କରିବାକୁ ପଡ଼ି ନ ଥିଲା। ଘାତ ପ୍ରତିଘାତର ସାମନା କରି ସେ ଆଗକୁ ଆଗେଇଥିଲେ। ଆଉ ତା'ପରେ ଏପରି ସମୟ ଆସିଲା ପ୍ରଯୋଜକମାନେ ତାଙ୍କୁ ସାଇନ୍ କରାଇବାକୁ ତାଙ୍କ ପଛରେ ଲମ୍ବା ଲାଇନ୍ ଲଗାଇଦେଲେ। ହେଲେ ବେଶ୍ କିଛି ବର୍ଷ ବଲିଉଡ୍‌ର ସହ ଜଡିତ ରହିବା ପରେ ସେ ହଲିଉଡ୍ ସିନେମାରେ ଅଭିନୟ କଲେ। ଆଉ ସେଠାରେ ନିକ୍ ଜୋନାସଙ୍କୁ ବିବାହ କରିବା ପରେ ପ୍ରାୟ ବଲିଉଡ୍‌ଠାରୁ ଦୂରେଇ ଯାଇଛନ୍ତି କହିଲେ ଭୁଲ୍ ହେବ ନାହିଁ। ହେଲେ ଏବେ ମଧ୍ୟ ସେ ଏକ ବଡ ସୁଯୋଗ ଅପେକ୍ଷାରେ ଅଛନ୍ତି। ଆଉ ସେପରି ଚାନ୍ସ ପାଇଲେ ସେ ପୁଣି ଥରେ ହିନ୍ଦୀ ସିନେମାରେ ଦମ୍‌ଦାର ରି-ଏଣ୍ଟ୍ରି କରିବେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ବର୍ତ୍ତମାନ ସମୟ ବଦଳିଯାଇଛି। ଏବେ ତ ପ୍ରାୟ ହିନ୍ଦୀ ସିନେମାଠାରୁ ଦୂରେଇଯାଇଛି। ବର୍ତ୍ତମାନ ଯଦି ସେଭଳି ଏକ ମନଲାଖି ଭୂମିକାଟିଏ ମିଳେ ତେବେ ନିଶ୍ଚୟ ମୁଁ ତାହାକୁ ଗ୍ରହଣ କରିବି। କାରଣ ଏବେ ଏଣୁତେଣୁ ଫିଲ୍ମରେ ଅଭିନୟ କରିବା ଚକ୍କରରେ ମୁଁ ନାହିଁ।'' ଇଏ ସିନା ତାଙ୍କର ମନର କଥା, ହେଲେ ତାହା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## କିଛି ଜଣା: କିଛି ଅଜଣା

### ଏକାଥରେ ଦଶ...

ଥରେ ମନେପକାନ୍ତୁ ନା ନିଶିକାନ୍ତ କାମତଙ୍କ ନିର୍ଦ୍ଦେଶିତ 'ଦୃଶ୍ୟମ' ଫିଲ୍ମକୁ। ଏଥିରେ ଅଜୟ ଦେବଗନ ଏବଂ ତବୁଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଫିଲ୍ମଟି ମଧ୍ୟ ବେଶ୍ ଦର୍ଶକାଦୃତ ହୋଇଥିଲା। କେବଳ ସେତିକି ନୁହେଁ, ସେହି ବର୍ଷ ଏହି ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ରେକର୍ଡଭିତ୍ତିକ ୧୦ଟି ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲା।

### ତିନୋଟି ଭାଷାରେ 'ମୁଗଲ-ଇ-ଆଜମ'

ବଲିଉଡ୍‌ର ସର୍ବକାଳୀନ ଶ୍ରେଷ୍ଠ ଚଳଚ୍ଚିତ୍ର ତାଲିକା ଉପରେ ଦୃଷ୍ଟି ନିକ୍ଷେପ କଲେ ସ୍ୱତଃ ନଜର 'ମୁଗଲ-ଇ-ଆଜମ' ଉପରକୁ ଚାଲିଯିବ। ଏହି ସିନେମାର ନିର୍ମାଣଶୈଳୀ, କେ. ଆସିଫଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ ପୃଥ୍ୱୀରାଜ କପୁର, ଦିଲୀପ କୁମାର ଏବଂ ମଧୁବାଲାଙ୍କ ନିଖୁଣ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଏହାର 'ପ୍ୟାର୍ କିୟା ତୋ ଡର୍‌ନା କ୍ୟା..' ଗୀତକୁ ଆଜି ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ହେଲେ ଜାଣନ୍ତି, ହିନ୍ଦୀ ବ୍ୟତୀତ ଏହି ସିନେମା ଆଉ ଦୁଇଟି ଭାଷାରେ ନିର୍ମିତ ହୋଇଥିଲା। ତାହା ଥିଲା ତାମିଲ ଏବଂ ଇଂଲିଶ। ହେଲେ ତାମିଲ ଭର୍ସନ ବକ୍ସ ଅଫିସରେ ସୁପରଫ୍ଲପ୍ ହୋଇଥିଲା। ଏହାଦେଖି ପ୍ରଯୋଜକ ଏହାକୁ ଇଂଲିଶ ଭାଷାରେ ନିର୍ମାଣ କରିଥିଲେ। ହେଲେ ହିନ୍ଦୀ ଭାଷାରେ ପ୍ରସ୍ତୁତ ଫିଲ୍ମଟି ଦର୍ଶକଙ୍କ ହୃଦୟରେ ଏବେ ବି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଛି।

### 'ଗେରୁଆ..' ଗୀତକୁ ଏବେ ବି ମନେପକାନ୍ତି ଶାହରୁଖ

ବଲିଉଡ୍‌ରେ ଶାହରୁଖ-କାଜୋଲ ଯୋଡ଼ିକୁ ଅନ୍ୟତମ ଶ୍ରେଷ୍ଠ ଲୋକପ୍ରିୟ ଯୋଡି ଭାବରେ ଗ୍ରହଣ କରାଯାଇଛି। ଏହି ଦୁହିଁଙ୍କୁ 'ଦିଲୱାଲେ' ଫିଲ୍ମରେ ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଏଥିରେ ଏକ ଡୁଏଟ୍ ଗୀତରେ ଉକ୍ତ ଯୋଡ଼ି ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ଆଉ ଗୀତଟି ଥିଲା 'ଗେରୁଆ..'। ଏହାର କିଛି ଅଂଶ ଏକ ଏୟାରକ୍ରାଫ୍ଟ ଉପରେ ଶୁଟିଂ କରାଯାଇଥିଲା, ଯାହାର ଅନୁଭୂତିକୁ ଏବେ ବି ଶାହରୁଖ ମନେପକାନ୍ତି।


'ଦିଲୱାଲେ' ଫିଲ୍ମରେ ଶାହରୁଖ-କାଜୋଲ


(ବାମରୁ) ଅମ୍ଲାନ, ପ୍ରମୋଦ, ତୃପ୍ତି

## ପ୍ରମୋଦଙ୍କ ଜନ୍ମଦିନ ଉପହାର

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଚଳିତ ସପ୍ତାହରେ ସେ ତାଙ୍କର ଜନ୍ମଦିନ ପାଳନ ଅବସରରେ ତାଙ୍କ ଦ୍ୱାରା ପ୍ରଯୋଜିତ ହେବାକୁ ଯାଉଥିବା ସପ୍ତମ ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ ବିଷୟରେ ସୂଚନା ଦେଇଛନ୍ତି। ଏକ ଭିନ୍ନ ଧରଣର ସସ୍‌ପେନ୍ସ ଥ୍ରୀଲର ବିଶିଷ୍ଟ ଏହି ଫିଲ୍ମଟିର ଟାଇଟଲ ରହିଛି 'ମଙ୍ଗଳପୁର ଡାଏରୀ'। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ମୋର ଏହି ନୂଆ ସିନେମା 'ମଙ୍ଗଳପୁର ଡାଏରୀ'କୁ ମଧ୍ୟ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର ଶୁଟିଂ ଆସନ୍ତା ମାସ ୬ରେ ଆରମ୍ଭ ହୋଇ ସେହି ମାସ ୨୪ରେ ଶେଷ ହେବ ଏବଂ ୨୦୨୬ ଜାନୁୟାରୀ ୧୪ରେ ଚିତ୍ରଟି ପରଦା ଉପରକୁ ଆସିବାର ଯୋଜନା ରହିଛି।'' ମହାଦେବ ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏହାର ବିଭିନ୍ନ ଭୂମିକାରେ ଅମ୍ଲାନ କୁମାର, ତୃପ୍ତି ମିରାମ୍ବିକା, ଚୌଧୁରୀ ଜୟ ପ୍ରକାଶ ଦାସ (ଟୁଲୁ ଭାଇ), ଅମର ମହାପାତ୍ର, ଉଦୟ ଗୁରୁ, ଶୁଭ୍ରାଂଶୁ ନାୟକ, ଚନ୍ଦନ, ତୁଷାର ଆଚାର୍ଯ୍ୟ (ମୁମ୍ବାଇ), ବିଜୟଲକ୍ଷ୍ମୀ ଏବଂ ରାକ୍ଷୀଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଯୁବ ସ୍ୱର ସଂଯୋଜକ ସୋମେଶ ଶତପଥୀ। ଫିଲ୍ମଟିର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ଅମରେଶ ବେଉରା।

## ଖସିନି କ୍ରିକେଟ ନିଶା




ତେଲୁଗୁ ସିନେମା ଜଗତରେ ତାଙ୍କୁ କିଏ ବା ନ ଜାଣେ କହିଲେ ? ନିଜର ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। 'ଅନାଡି' ସିନେମାରେ ତାଙ୍କର ନିଖୁଣ ଆକ୍ଟିଂ ଏବେ ବି ଅନେକଙ୍କ ମନରେ ସତେଜ ହୋଇ ରହିଛି। କେବଳ ଏହି ସିନେମା ନୁହେଁ ସେ ଅଭିନୟ କରିଥିବା ଅନେକ ତେଲୁଗୁ ସିନେମା ସୁପରହିଟ୍ ସାବ୍ୟସ୍ତ ହୋଇଛି। ହଁ, ସେ ହେଲେ ତାମିଲ ସିନେମାର ସୁପରଷ୍ଟାର ଭେଙ୍କଟେଶ। ଅଭିନୟ, ପ୍ରଯୋଜନା ସହ ଜଡିତ ରହିଲେ ମଧ୍ୟ ସେ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା ହେଲା କ୍ରିକେଟ ଖେଳିବା। ଏକଦା ସେ ଟଲିଉଡ୍‌ର ତେଲୁଗୁ ୱାରିୟର୍ସ ଦଳର ଅଧିନାୟକ ଥିଲେ। ତେଣୁ ଏବେ ନିଜର ବ୍ୟସ୍ତବହୁଳ ଜୀବନରେ ସମୟ ଟିକିଏ ମିଳିଲେ ସେ କ୍ରିକେଟ ଖେଳିବାକୁ ବାହାର ଯାଆନ୍ତି। ତାଙ୍କର ସଫଳ ଅଭିନୟ କ୍ୟାରିୟର ପାଇଁ ପ୍ରଶଂସକମାନେ ତାଙ୍କୁ 'ଭିଭି' ବା ଭିକ୍ଟ୍ରି ଭେଙ୍କଟେଶ ବୋଲି ଡାକିଥାଆନ୍ତି। ଅନ୍ୟତମ ନାମୀ ବ୍ୟାନର ସୁରେଶ ପ୍ରଡକ୍ସନସ ଏବଂ ପ୍ରଯୋଜକ ଡି.ରାମାନାଇଡୁଙ୍କୁ କିଏ ବା ନ ଜାଣେ। ତାଙ୍କର ସୁପୁତ୍ର ହେଉଛନ୍ତି ଭେଙ୍କଟେଶ। ଅଭିନୟ କରିବା ପୂର୍ବରୁ ସେ ଆମେରିକାର ଏକ କଲେଜରୁ ଏମବିଏ ଡିଗ୍ରୀ ହାସଲ କରିଛନ୍ତି। ଜଣେ ଶିଶୁ କଳାକାର ଭାବରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା, ଆଉ ଫିଲ୍ମଟି ଥିଲା 'ପ୍ରେମ ନଗର' (ତେଲୁଗୁ)।

## ମଡେଲିଂ କରି ନ ଥିଲେ...

ପୂଜା ହେଗଡେ ଦୀର୍ଘ ୧୩ ବର୍ଷ ଧରି ଅଭିନୟ ସହ ଜଡିତ ଅଛନ୍ତି। ହେଲେ ଏହାପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? କଲେଜରେ ପାଠ ପଢ଼ିବା ସମୟରେ ତାଙ୍କର ପସନ୍ଦ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ସମୟ ମିଳିଲେ ସେ ଡ୍ୟାନ୍ସ ପ୍ରାକ୍ଟିସ କରୁଥିଲେ। ଏକଦା ତାଙ୍କୁ କଲେଜରେ ମଡେଲିଂ କରିବାର ସୁଯୋଗ ମିଳିଲା। ଆଉ ଏଥିରେ ସେ ଅଂଶଗ୍ରହଣ କରୁଥିବା ସମୟର ଏକ ଘଟଣାକୁ ଏବେ ବି ମନେ ପକାନ୍ତି। ଏ ବିଷୟରେ ପୂଜା କହନ୍ତି, 'ଥରେ କଲେଜରେ ମଡେଲିଂ କରୁଥିବା ବେଳେ ମୋର କେତେ ଜଣ ସାଙ୍ଗ ମୋତେ ଅଭିନୟ କରିବାକୁ ପ୍ରସ୍ତାବ ଦେଇଥିଲେ। ଅବଶ୍ୟ ସେତେବେଳେ ଏହି କଥାକୁ ମୁଁ ଗୁରୁତ୍ୱର ସହ ନେଇ ନ ଥିଲି। ହେଲେ ୨୦୧୨ରେ ଯେତେବେଳେ ମୋତେ ଏକ ତାମିଲ ସିନେମା 'ମୁଗାମୁଡ଼ି'ରେ ଅଭିନୟ କରିବାକୁ ଅଫର ମିଳିଲା ସେତେବେଳେ ମୁଁ ଭାବିଲି ଏହା ହିଁ ହେଉଛି ଉପଯୁକ୍ତ ସମୟ। ତେଣୁ ସେଥିରେ ଅଭିନୟ କରିବାକୁ ରାଜି ହେଲି। ବାସ୍, ତା'ପରେ ଗୋଟିଏ ପରେ ଗୋଟିଏ ଫିଲ୍ମରେ ଆକ୍ଟିଂ କରି ଚାଲିଛି। ମୁଁ ମଧ୍ୟ କେତୋଟି ବଲିଉଡ୍ ସିନେମାରେ ଅଭିନୟ କରିଛି। ଯା ଭିତରେ ଦର୍ଶକ ମୋତେ ଢେର ଭଲ ପାଇବା ଦେଇଛନ୍ତି, ଯାହାକୁ ପାଥେୟ କରି ମୁଁ ଆଗକୁ ଆଗେଇ ଚାଲିଛି।'' ପୂଜାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ଏବଂ ହ୍ରିତିକ ରୋଶନଙ୍କ ଅଭିନୀତ 'ମହେଞ୍ଜୋଦାରୋ'। ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିଥିଲା। ତା'ପରେ ସେ 'ହାଉସଫୁଲ ୪', 'ରାଧେଶ୍ୟାମ' ଏବଂ 'କିସିକା ଭାଇ କିସିକା ଜାନ୍'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ଏବେ ସେ ନିର୍ମାଣାଧୀନ ହିନ୍ଦୀ ସିନେମା 'ହେ ଜୱାନୀ ତୋ ଇସ୍କ ହୋନା ହେ'ରେ ଅଭିନୟ କରୁଛନ୍ତି।


ପୂଜା

## ସତ ହେଲା ଭାବନା

ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଭାବରେ ପରିଗଣିତ ହୁଅନ୍ତି ବୈଦ୍ୟନାଥ ଦାଶ। 'ଗୁଡବୟ' ଫିଲ୍ମରୁ ତାଙ୍କର ଆରମ୍ଭ ହୋଇଥିଲା ଓଲିଉଡ୍ କ୍ୟାରିୟର। କିନ୍ତୁ ଏହାପୂର୍ବରୁ ସେ ଅନେକ ଓଡ଼ିଆ ଆଲବମ୍‌ର ସ୍ୱର ସଂଯୋଜନା କରି ନିଜ ଦକ୍ଷତାର ପରିଚୟ ଦେଇସାରିଥିଲେ। ଏବେ ତାଙ୍କର କ୍ରେଜ୍ କେତେ ବଢ଼ିଯାଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ବିଶେଷଭାବରେ ନିକଟରେ ରିଲିଜ ହୋଇଥିବା 'ଡେଲିଭରି ବୟ ୨'ର ଗୀତ ବେଶ୍ ଶ୍ରୋତାଦୃତ ହୋଇଛି। ଅନ୍ୟପକ୍ଷରେ ରିଲିଜ ଅପେକ୍ଷାରେ ଥିବା ଅନୁଭବ ମହାନ୍ତିଙ୍କ ଅଭିନୀତ ଏବଂ ତାପସ ସରଘରିଆ ନିର୍ଦ୍ଦେଶିତ 'ଚାରିଧାମ'ରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଗୀତ 'କେରେକେରା' ଗଣେଶ ପୂଜା ବଜାରକୁ ବେଶ୍ ସରଗରମ କରିଥିଲା। ଏହି ଗୀତଟି ବେଶ୍ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି। ଏ ବିଷୟରେ ବୈଦ କହନ୍ତି, ''ଗୀତଟିଏ ସ୍ୱର ଦେବା ସମୟରେ ମୁଁ ସବୁ ଦିଗକୁ ଦୃଷ୍ଟି ଦିଏ। 'କେରେକେରା' ଗୀତର ମ୍ୟୁଜିକ ସିଟିଂ ବେଳେ ମୋର ହୃଦବୋଧ ହୋଇଥିଲା ଏହି ଗୀତଟି ନିଶ୍ଚୟ କ୍ଲିକ୍ କରିବ। ଗୀତଟିର ସ୍ୱର କଥା ଛାଡନ୍ତୁ ଏଥିରେ ଅନୁଭବ ଏବଂ ଶିବାନୀଙ୍କ ଡ୍ୟାନ୍ସ ଏହାକୁ ଚାର୍‌ଚାନ୍ଦ ଲଗାଇ ଦେଇଛି। ମୁଁ ସ୍ୱର କରିଥିବା ଗୀତଗୁଡିକୁ ଯେତେବେଳେ ଶ୍ରୋତା ଗ୍ରହଣ କରନ୍ତି, ସେତେବେଳେ ମୁଁ ଭାବେ ମୋର ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଛି।'' କିଛି ବର୍ଷ ପୂର୍ବେ ତାଙ୍କ ଦ୍ୱାରା ସ୍ୱର ସଂଯୋଜିତ 'ସୁକୁଟି ସାହୁ..' ଗୀତ ବେଶ୍ ହିଟ୍ ହୋଇଥିଲା।


ବୈଦ୍ୟନାଥ

## ଅ|ତୀ|ତ|ରୁ

➔ନିତାଇ ପାଲିତଙ୍କ ନିର୍ଦ୍ଦେଶିତ 'ଭାଇ ଭାଇ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଭୁବନ-କିଶନ। ଗୌର, ଚପଳା, ସାମୁଏଲ ସାହୁ (ବାବି) ଏବଂ ଲୀଲାଦୁଲାରୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➔'ଦସ୍ୟୁ ରତ୍ନାକର' ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ କୃଷ୍ଣ ଚନ୍ଦ୍ର ତ୍ରିପାଠୀ। ପ୍ରଭାତ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ନାୟକ ସାଜିଥିଲେ ଶରତ ପୂଜାରୀ।

➔'ଅମଡାବାଟ' ଫିଲ୍ମର ନିର୍ଦ୍ଦେଶକ ଥିଲେ ଅମର ଗାଙ୍ଗୁଲି। ଗୀତଗୁଡିକର ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଉମାକାନ୍ତ, ଝରଣା ଦାସ ଏବଂ ସାମୁଏଲ ସାହୁ (ବାବି)ଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

➔ଓଡ଼ିଆ ସିନେମା 'କନକଲତା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ହରିଶ ମହାନ୍ତି, ସୁଜାତା ଆନନ୍ଦ, ଶାନ୍ତିଲତା, କାଶୀନାଥ ପ୍ରମୁଖ କଳାକାର।

ଛୋଟ ପରଦା

## ମପାଜିକ୍ ଅଧ୍ୟାୟରେ ଚାରି ଧାରାବାହିକ

ରାଜ୍ୟର ଅନ୍ୟତମ ଆଗଧାଡିର ମନୋରଞ୍ଜନ ଚ୍ୟାନେଲ ସିଦ୍ଧାର୍ଥ ଟିଭିରେ ପ୍ରସାରିତ ହେଉଥିବା ଚାରୋଟି ପ୍ରମୁଖ ଧାରାବାହିକ ନିକଟରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୋଟିଏ ଦିନରେ ଏହି ଧାରବାହିକଗୁଡିକ ୫୦୦ ଅଧ୍ୟାୟରେ ପହଞ୍ଚିଛନ୍ତି। ଉକ୍ତ ଧାରାବାହିକଗୁଡିକ ହେଲା 'ମାୟା ମମତା', 'ସୁନୟନା', 'ସିନ୍ଦୂର ଖେଳ' ଏବଂ 'କେଦାର ଗୌରୀ'। ନିର୍ମାତା ସୀତାରାମ ଅଗ୍ରୱାଲଙ୍କ ଗଭୀର ପ୍ରଚେଷ୍ଟା, ବଳିଷ୍ଠ ପରିକଳ୍ପନା ଓ ନମିତା ଅଗ୍ରୱାଲଙ୍କ ପ୍ରେରଣା ଓ ଦିଗଦର୍ଶନ ଏହି ସଫଳତାର ମୂଳ ମନ୍ତ୍ର। ଧାରାବାହିକ 'ମାୟା ଓ ମମତା' ସନ୍ଧ୍ୟା ୭ଟାରେ ପ୍ରସାରିତ ହେଉଛି, ଯାହାର ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି ଶୁଭସ୍ମିତା, ଅଭିଷେକ, ରଞ୍ଜିତା, ଅର୍ପିତା, ଭବାନୀ, ଜଗବନ୍ଧୁ ଏବଂ ପିଙ୍କି। ଅନ୍ୟପକ୍ଷରେ ସନ୍ଧ୍ୟା ୭.୩୦ରେ ପ୍ରସାରିତ ହେଉଛି 'ସୁନୟନା'। ସୀମା, ଆଶିଷ, ପ୍ରୀତି, ବୁଲୁ ପଣ୍ଡା, ବନ୍ଦନା, ଚିନ୍ମୟୀ, ମିଲି ଓ ସ୍ନିଗ୍ଧା ଏଥିରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ରାତି ୮ ଟାରେ ପ୍ରସାରିତ ହେଉଛି 'ସିନ୍ଦୂର ଖେଳ', ଯାହାର ଲିଡ୍ ରୋଲ୍‌ରେ ରଶ୍ମି ରେଖା, ରୋଶନ, ମାମୁନି, ମମତା, ରାକେଶ, ସୁଶ୍ରୀ, ବିଶ୍ୱରୂପା ପ୍ରମୁଖ ଅଭିନୟ କରୁଛନ୍ତି। ରାତି ୮.୩୦ରେ ପ୍ରସାରିତ ହେଉଛି ଅନ୍ୟତମ ଲୋକପ୍ରିୟ ଧାରାବାହିକ 'କେଦାର ଗୌରୀ'। ରୂପାଲି, ଚିନ୍ମୟ, ସ୍ମିତା ତ୍ରିପାଠୀ, ସବିତା, ବବଲୁ, ସ୍ୱୟଂପ୍ରଭା ଓ ମୋନାଲିସା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳୁଛି। ଏହି ଚାରୋଟି ଧାରାବାହିକର କାହାଣୀ ଦିନକୁ ଦିନ ରୋଚକ ମୋଡ ନେଉଛି। ନିକଟରେ ଦର୍ଶକାଦୃତ ଏହି ଚାରୋଟି ଧାରାବାହିକଗୁଡିକର ଏପରି ସଫଳତାକୁ କଳାକାର, ନିର୍ମାତା, ନିର୍ଦ୍ଦେଶକ ଏବଂ ଟେକ୍ନିସିଆନମାନେ ଧୁମଧାମରେ ସେଲିବ୍ରେଟ୍ କରିଛନ୍ତି।


ଚାରି ଧାରାବାହିକର ନାୟିକାମାନେ

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୮/୨୦୨୫ Bhubaneswar, Thursday, September 18/ 2025



କଟକର ବାରବାଟୀ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ବ୍ରାଣ୍ଡ ଆମ୍ବାସାଡର ଇର୍ଫାନ ପଠାନ, ଓସିଏ କର୍ମକର୍ତ୍ତା ଓ ଅନ୍ୟ ଅତିଥିମାନେ।

# ଯୁବ ଶକ୍ତି, ପ୍ରତିଭାର ପରିପ୍ରକାଶ କ୍ରିକେଟ: ମୁଖ୍ୟମନ୍ତ୍ରୀ

କଟକ,୧୭।୯(କାର୍ତ୍ତିକ ସାହୁ)

ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନେକ ଅନ୍ତର୍ଜାତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ହୋଇଛି। ଗର୍ବର ବିଷୟ ଭାରତୀୟ ଦଳ ଏଠାରେ ବହୁ ମ୍ୟାଚ୍ ଜିତିଛି। ଯୁବ ଶକ୍ତି ଓ ପ୍ରତିଭାର ପରିପ୍ରକାଶ ହେଉଛି କ୍ରିକେଟ୍। କ୍ରିକେଟ୍ ଖେଳକୁ ଲୋକଙ୍କ ସାମ୍ନାକୁ ଆଣିବା, ଓଡ଼ିଶା କ୍ରିକେଟ୍‌କୁ ଆଗକୁ ନେବାରେ ବାରବାଟୀର ବଡ଼ ଭୂମିକା ରହିଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌କୁ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ଏହା କହିଛନ୍ତି।

ପ୍ରକାଶ ଯେ, ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଦ୍ୱାରା ଆଗାମୀ ଦିନରେ ରାଜ୍ୟରୁ ଅନ୍ତର୍ଜାତୀୟସ୍ତରରେ ଖେଳାଳି ବାହାରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ବ୍ରାଣ୍ଡ ଆମ୍ବାସାଡାର ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଯୁବ ଖେଳାଳିମାନଙ୍କ ପାଇଁ ବଡ଼ ପ୍ଲାଟ୍‌ଫର୍ମ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଟ୍ରଫି ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ବ୍ରାଣ୍ଡ୍ ଆମ୍ବାସାଡର ଇର୍ଫାନ କହିଲେ, ଓସିଏ ଯୁବ ଖେଳାଳିମାନଙ୍କ ପାଇଁ ବଡ଼ ସୁଯୋଗ ଆଣିଛି। ଖେଳାଳିମାନେ ଏହାର ଫାଇଦା ନେବା ଆବଶ୍ୟକ। ନିଜ ଉପରେ ଦୃଢ଼ ବିଶ୍ୱାସ ରଖି ଆଗକୁ ବଢ଼ିଲେ ଯୁବ ଖେଳାଳିମାନେ ପ୍ରତିଟି କ୍ଷେତ୍ରରେ ସଫଳତା ପାଇବେ। ଭଲ କ୍ରିକେଟର ହେବାକୁ ହେଲେ ପ୍ରଥମେ ନିଜ ଉପରେ ଦୃଢ଼ ଆତ୍ମବିଶ୍ୱାସ ରଖିବା ଦରକାର। ଯେଉଁ ବ୍ୟାଟ୍ସମ୍ୟାନ୍ ସାମ୍ନାରେ ଥାଆନ୍ତୁ ବୋଲର ତାଙ୍କୁ ଆତ୍ମବିଶ୍ୱାସର ସହ ସାମ୍ନା କରିବା ନିମନ୍ତେ ଯୁବ ଖେଳାଳିମାନଙ୍କୁ ଇର୍ଫାନ ପରାମର୍ଶ ଦେଇଥିଲେ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓଡ଼ିଶାର ଯୁବ ଖେଳାଳିମାନଙ୍କୁ ଆଗକୁନେବାରେ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ସହାୟକ ହେବ ବୋଲି କହିଥିଲେ। ଉଦ୍‌ଘାଟନୀ ସମାରୋହର ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓସିଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ଓସିଏ ପକ୍ଷରୁ କଟକର ଏକ ଅନାଥ ଆଶ୍ରମ ଆଦୃତ ଚିଲ୍‌ଡ୍ରେନ୍ ହୋମ୍‌ର ପିଲାମାନଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୬ରେ ଉଦ୍‌ଯାପିତ ହେବ।



ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ଉଦ୍‌ଘାଟିତ

## ପୁଣ୍ଡ ନୁଆଁଇଲା ପିସିବି

# ପାଇକ୍ରଫ୍ଟ ରେଫରି ରହିଲେ

ଦୁବାଇ,୧୭।୯(ପି.ଟି.)

ଚଳିତ ଏସିଆ କପ୍‌ରେ ୟୁଏଇ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇ ଥିବା ଗ୍ରୁପ୍-ଏ' ମ୍ୟାଚ୍ ପୂର୍ବରୁ ଏକ ନାଟକୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ଭାରତ ବିପକ୍ଷ ମ୍ୟାଚ୍ ପରେ ସୃଷ୍ଟି ହୋଇଥିବା ନୋ-ହ୍ୟାଣ୍ଡସେକ୍ ବିବାଦ କାରଣରୁ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଏହି ଆବେଦନକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ପରେ ମଧ୍ୟ ପିସିବି ନିଜ ଜିଦ୍‌ରେ ଅଟଳ ରହିଥିଲା ଏବଂ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଦଳର ଖେଳାଳିଙ୍କୁ ହୋଟେଲ ନ ଛାଡ଼ିବାକୁ କହିଥିଲା। ଏଥିଯୋଗୁ ମ୍ୟାଚ୍ ହେବ କି ନାହିଁ, ସେନେଇ ଖୁବ୍ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଏପରିକି ପାଇକ୍ରଫ୍ଟଙ୍କ ବଦଳରେ ରିଚି ରିଚାର୍ଡସନ ପାକିସ୍ତାନ-ୟୁଏଇ ମ୍ୟାଚ୍ ପରିଚାଳନା କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଏଭଳି ପରିସ୍ଥିତି ଯୋଗୁ ମ୍ୟାଚ୍‌କୁ ଏକ ଘଣ୍ଟା ଲାଗି ଘୁଞ୍ଚାଇ ଦିଆଯାଇଥିଲା। ଭାରତ ବିପକ୍ଷ ମ୍ୟାଚ୍ ବେଳେ ଖେଳାଳିଙ୍କୁ ହ୍ୟାଣ୍ଡସେକ୍ କରିବାରୁ ଦୂରେଇ ରହିବା ପାଇଁ କହିଥିବାରୁ ପାଇକ୍ରଫ୍ଟ ପାକିସ୍ତାନ ଦଳର ଅଧିନାୟକ ଓ ମ୍ୟାନେଜରଙ୍କୁ କ୍ଷମାପ୍ରାର୍ଥନା କରିଥିବା ନେଇ ପିସିବି ପକ୍ଷରୁ କୁହାଯାଇଥିଲା। ଏହାପରେ ପାକିସ୍ତାନ ଖେଳାଳିମାନେ ୮ଟାରେ ଗ୍ରାଉଣ୍ଡରେ ପହଞ୍ଚିଥିଲେ ଏବଂ ୮.୩୦ରେ ଟସ୍ ପଡ଼ିଥିଲା। ରେଫରି ପାଇକ୍ରଫ୍ଟ ଟସ୍ ପରିଚାଳନା କରିବା ସହ ମ୍ୟାଚ୍ ପୂର୍ବରୁ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଥିଲା।

ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପରାଜୟ ପରେ ପାକିସ୍ତାନୀ ଖେଳାଳିଙ୍କ ସହ ଭାରତୀୟ ଖେଳାଳିମାନେ ହାତ ମିଳାଇବାକୁ ମନା କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣଙ୍କ ପ୍ରତି ସମ୍ମାନ ଜଣାଇ ଭାରତୀୟ ଦଳ ପକ୍ଷରୁ ଏଭଳି କରାଯାଇଥିଲା। ଏହାପରେ ଆଇସିସି ରୁଲ୍ସ ଓ ରେଗୁଲେଶନ ଭଙ୍ଗ କରିଥିବା ଦର୍ଶାଇ ପାଇକ୍ରଫ୍ଟଙ୍କୁ ଟୁର୍ନାମେଣ୍ଟରୁ ହଟାଇବା ପାଇଁ ପିସିସି ଦାବି କରିଥିଲା। ହେଲେ ଆଇସିସି ପକ୍ଷରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହାପରେ ପାଇକ୍ରଫ୍ଟଙ୍କୁ ହଟା ନ ଗଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିବାକୁ ଧମକ ଦେଇଥିଲା। ପାକିସ୍ତାନ ପକ୍ଷରୁ ୟୁଏଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ହେବାକୁଥିବା ଖବରଦାତା ସମ୍ମିଳନୀକୁ ମଧ୍ୟ ବାତିଲ କରାଯାଇଥିଲା।

# ନକ୍‌ଭିଙ୍କଠାରୁ ଭାରତ ଏସିଆ କପ୍ ନେବନାହିଁ

ଦୁବାଇ,୧୭।୯(ପି.ଟି.)

ଚଳିତ ଏସିଆ କପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ପରେ ଘଟିଥିବା ନୋ-ହ୍ୟାଣ୍ଡସେକ୍ ଘଟଣା ଏବେ ବଡ଼ଧରଣର ରାଜନୈତିକ ଓ କୂଟନୈତିକ ବିବାଦର ରୂପ ନେଇଛି। ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବାକୁ ନେଇ ପାକିସ୍ତାନ ପକ୍ଷରୁ ଦାବି କରାଗଲାଭଳି ଭାରତ ପକ୍ଷରୁ ମଧ୍ୟ ଏସିଆନ କ୍ରିକେଟ୍ କାଉନ୍‌ସିଲ(ଏସିସି) ନିକଟରେ କିଛି ଅନୁରୋଧ କରାଯାଇଛି। କେତେକ ଗଣମାଧ୍ୟମ ରିପୋର୍ଟ ମୁତାବକ, ଭାରତ ଯଦି ଏସିଆ କପ୍ ଜିତେ, ତେବେ ଏସିସି ଚେୟାରମ୍ୟାନ୍ ଥିବା ପାକିସ୍ତାନର ମହସିନ ନକ୍‌ଭିଙ୍କଠାରୁ ଭାରତ ଟ୍ରଫି ଗ୍ରହଣ କରିବନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏସିସିକୁ ଜଣାଇ ଦେଇଛନ୍ତି।

# ମନ୍ଧାନାଙ୍କ ଶତକରେ ଭାରତ ଜିତିଲା

ମୁଲାନପୁର,୧୭।୯(ପି.ଟି.)

ଓପ୍‌ନର ସ୍ମୃତି ମନ୍ଧାନାଙ୍କ ଶତକ ଓ ବୋଲରଙ୍କ ମାପଚୁପ ବୋଲିଂ ବଳରେ ଭାରତୀୟ ମହିଳା ଦଳ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୧୦୨ ରନ୍‌ରେ ହରାଇଛି। ଏହା ଦିନିକିଆ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳ ପାଇଁ ସର୍ବବୃହତ୍ ପରାଜୟ। ଏହି ପରାଜୟ ସହ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ଲଗାତର ୧୩ ଦିନିକିଆ ମ୍ୟାଚ୍ ଜିତିବାଧାରା ଭଙ୍ଗ ହୋଇଛି। ଅନ୍ୟପକ୍ଷରେ ଏହି ବିଜୟ ସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଘରୋଇ ଭାରତୀୟ ଦଳ ୧-୧ରେ ବରାବର କରିଛି। ସିରିଜ୍‌ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଦିଲ୍ଲୀଠାରେ ଆସନ୍ତା ୨୦ ତାରିଖରେ ଖେଳାଯିବ। ଶତକୀୟ ପାଳି ଖେଳିଥିବା ମନ୍ଧାନାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୫ ଓଭରରେ ୨୯୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମନ୍ଧାନା ୯୧ ବଲ୍‌ରେ ୧୪ ଚୌକା ଓ ୪ ଛକା ସହ ୧୧୭ ରନ୍ କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୯୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।




### ସଂକ୍ଷିପ୍ତ ସ୍କୋର

ଭାରତ ମହିଳା: ୪୯.୫ ଓଭରରେ ୨୯୨/ଅଲଆଉଟ୍ (ସ୍ମୃତି ମନ୍ଧାନା-୧୧୭, ଦୀପ୍ତି ଶର୍ମା-୪୦, ଡାର୍ସି ବ୍ରାଉନ୍-୩/୪୨, ଆଶ୍‌ଲେ ଗାର୍ଡ଼ନର-୨/୩୯)। ଅଷ୍ଟ୍ରେଲିଆ ମହିଳା: ୪୦.୫ ଓଭରରେ ୧୯୦/ଅଲଆଉଟ୍।

# ପ୍ରିୟାଂଶାଙ୍କ ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୬ ପଦକ

## ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୭।୯(ତପନ ସ୍ୱାଇଁ)

ବିହାରର ନାଳନ୍ଦା ଓ ପାଟ୍‌ନାରେ ଚାଲିଥିବା ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଓଡ଼ିଶା ମୋଟ ୬ଟି ପଦକ ହାସଲ କରିଛି। ଏହା ମଧ୍ୟରୁ କେବଳ ପ୍ରିୟାଂଶା ହୋତା ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ସବ୍‌ଜୁନିୟର, ୟୁଥ୍, ଜୁନିୟର ଓ ମହିଳା ବର୍ଗରେ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସୌମ୍ୟରଞ୍ଜନ ପଣ୍ଡା ୧୦ ମିଟର ଏୟାର ରାଇଫଲ ସବ୍‌ଜୁନିୟର ପୁରୁଷ ବିଭାଗରେ ରୌପ୍ୟ ଜିତିଥିବାବେଳେ ଅତ୍ରିଶା ରାଉତ ୧୦ ମିଟର ଏୟାର ରାଇଫଲ ବଧିର ମହିଳା ବର୍ଗରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି।


ପ୍ରିୟାଂଶା ହୋତା

# କଟକ ଜିତିଲା ଉଦ୍‌ଘାଟନୀ ମ୍ୟାଚ

ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ): ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଓଡ଼ିଶା ପ୍ରୋ ଟି୨୦ ମ୍ୟାଚରେ କଟକ ପାନ୍ଥର୍ସ ୩ ଉଇକେଟରେ ଭୁବନେଶ୍ୱର ଟାଇଗର୍ସକୁ ହରାଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ଟାଇଗର୍ସ ଗୌରବ ଚୌଧୁରୀଙ୍କ ୭୮, ରାଜେଶ ଧୂପରଙ୍କ ୬୫ ଓ ବିକ୍ରମ ସାମଲଙ୍କ ୩୪ ରନ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୮୮ ରନ କରିଥିଲା। ବିପକ୍ଷ ଦଳର ଭଗେଶ ଶର୍ମା ଓ ସୌଭାଗ୍ୟ ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ। କଟକ ପାନ୍ଥର୍ସ ପୂରା ୨୦ ଓଭର ଖେଳି ୭ ଉଇକେଟରେ ୧୮୯ ରନରେ ପହଞ୍ଚିଥିଲା। ସ୍ୱସ୍ତିକ ସାମଲ ୫୨, ପନକଲା ଶଶାଙ୍କ ୪୬ ଏବଂ ଶୁଭମ୍ ଶତ୍ରୁଜିତ ଓ ସୌରଭ ଗୌଡ଼ା ୩୪ ରନ ଲେଖାଏ କରି ଦଳକୁ ଜିତାଇଥିଲେ।

# ସୁପର-୪ରେ ପାକିସ୍ତାନ

ଦୁବାଇ,୧୭।୯

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ଗ୍ରୁପ-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ୪୧ ରନ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ପରାସ୍ତ କରିଛି। ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ନେଇ ଦେଖାଦେଇଥିବା ବିବାଦ କାରଣରୁ ମ୍ୟାଚ୍‌ଟି ଏକ ଘଣ୍ଟା ବିଳମ୍ବରେ ଖେଳାଯାଇଥିଲା। ଏହି ବିଜୟ ସହ ପାକିସ୍ତାନ ଗ୍ରୁପ୍-ଏରୁ ଭାରତ ପରେ ଦ୍ୱିତୀୟ ଦଳ ଭାବେ ସୁପର-୪ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପାଇଁ ଫଖର ଜାମନ ୫୦ (୨ ଚୌକା ଓ ୩ ଛକା) ଓ ଶାହିନ ଶାହା ଆଫ୍ରିଦୀ ୨୯ (୩ ଚୌକା ଓ ୨ ଛକା) ରନ କରିଥିଲେ। ୟୁଏଇ ପକ୍ଷରୁ ଜୁନେଦ ସିଦ୍ଦିକି ୪ ଓ ସିମରନଜିତ ସିଂ ୩ ଉଇକେଟ ନେଇଥିଲେ। ଜବାବରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା କାରଣରୁ ୟୁଏଇ ୧୭.୪ ଓଭରରେ ୧୦୫ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ରାହୁଲ ଚୋପ୍ରା ୩୫, ଧ୍ରୁବ ପାରାସର ୨୦ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ସାହିନ ଶାହ ଆଫ୍ରିଦୀ, ହାରିସ ରୌଫ ଓ ଅବ୍ରାର ଅହମଦ ୨ ଲେଖାଏ ଉଇକେଟ ନେଇଥିବାବେଳେ ସ୍ୟାମ୍ ଆୟୁବ ଓ ଅଧିନାୟକ ସଲ୍‌ମାନ ଆଘା ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

# ପ୍ରଥମ ଥ୍ରୋରେ ନୀରଜଙ୍କୁ ଫାଇନାଲ୍ସ ଯୋଗ୍ୟତା

ଟୋକିଓ, ୧୭।୯(ପି.ଟି.)

ଗତଥରର ଚାମ୍ପିୟନ ନୀରଜ ଚୋପ୍ରା ଏଠାରେ ଚାଲିଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ଭାରତର ଏହି ତାରକା ଆଥଲେଟ୍ ଗ୍ରୁପ୍ 'ଏ'ର କ୍ୱାଲିଫିକେଶନ ରାଉଣ୍ଡରେ ନିଜ ପ୍ରଥମ ଥ୍ରୋରେ ୮୪.୮୫ ମିଟର ଥ୍ରୋ କରି ସିଧାସଳଖ ଯୋଗ୍ୟତା ପାଇଛନ୍ତି। ଫାଇନାଲ୍ସ ପାଇଁ ଯୋଗ୍ୟତା ମାର୍କ ହେଉଛି ୮୪.୫୦ ମିଟର। ଟପ୍-୧୨ ଫିନିଶ୍ କରିଥିବା ଆଥଲେଟ୍‌ଙ୍କୁ ନେଇ ଫାଇନାଲ୍ସ ଗୁରୁବାର ଅନୁଷ୍ଠିତ ହେବ। ଫାଇନାଲ୍ସରେ ନୀରଜଙ୍କର ଅଲିମ୍ପିକ୍ସ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମଙ୍କ ସହ ମୁକାବିଲା ହେବ। ଗ୍ରୁପ୍ 'ବି'ରେ ନଦୀମ ଭଲ ଆରମ୍ଭ କରି ନ ଥିଲେ ହେଁ ତୃତୀୟ ତଥା ଅନ୍ତିମ ଥ୍ରୋରେ ୮୫.୨୮ ମିଟର ପକାଇ ଫାଇନାଲ୍ସରେ ପହଞ୍ଚିଛନ୍ତି। ୨୦୨୪ ଅଲିମ୍ପିକ୍ସ ପରେ ନଦୀମଙ୍କ ସହ ନୀରଜଙ୍କର ଏହା ପ୍ରଥମ ମୁକାବିଲା ହେବ। ପ୍ୟାରିସ ଅଲିମ୍ପିକ୍ସରେ ନଦୀମ ୯୨.୯୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ନୀରଜ ୮୯.୪୫ ମିଟର ସହିତ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏବେ ଏହାର ମଧୁର ପ୍ରତିଶୋଧ ନେବାକୁ ନୀରଜଙ୍କ ନିକଟରେ ସୁଯୋଗ ରହିଛି।

ନୀରଜଙ୍କ ବ୍ୟତୀତ ଗ୍ରୁପ୍ 'ଏ'ରୁ ସିଧାସଳଖ ଯୋଗ୍ୟତା ପାଇଥିବା ଅନ୍ୟ ଦୁଇ ଆଥଲେଟ୍ ହେଲେ ଜର୍ମାନୀର ଜୁଲିଆନ ୱେବର(୮୭.୨୧) ଓ ପୋଲାଣ୍ଡର ଦାୱିଦ ୱେଗନର (୮୫.୬୭ମିଟର)। ଏହି ୧୯ ଜଣିଆ ଗ୍ରୁପ୍‌ରେ ଥ୍ରୋ କରିଥିବା ଅନ୍ୟତମ ଭାରତୀୟ ସଚିନ ଯାଦବ ୮୩.୬୭ ମିଟର ଥ୍ରୋ କରି ୬ଷ୍ଠ ସ୍ଥାନରେ ରହିଥିଲେ ହେଁ ର୍‍ୟାଙ୍କ୍ ଭିତ୍ତିରେ ଫାଇନାଲ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ଚେକ୍ ରିପବ୍ଲିକ୍‌ର ଜାକୁବ ଭାଡଲେଚ୍ ୮୪.୧୧ ମିଟର ଥ୍ରୋ କରିଥିଲେ ମଧ୍ୟ ଫାଇନାଲ୍ସରେ ଦେଖିବାକୁ ମିଳିବେ।

## ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍



ଟୋକିଓରେ ଜାଭେଲିନ୍ ଥ୍ରୋ ଅବସରରେ ନୀରଜ ଚୋପ୍ରା।

### ଫାଇନାଲିଷ୍ଟ

ଆଣ୍ଡରସନ ପିଟର୍ସ (ଗ୍ରେନେଡା): ୮୯.୫୩
ଜୁଲିଆନ ୱେବର (ଜର୍ମାନୀ): ୮୭.୨୧
ଜିଲିଅସ ୟେଗୋ (କେନିୟା): ୮୫.୯୬
ଦାୱିଦ ୱେଗନର (ପୋଲାଣ୍ଡ): ୮୫.୬୭
ଅର୍ଶଦ ନଦୀମ (ପାକିସ୍ତାନ): ୮୫.୨୮
ନୀରଜ ଚୋପ୍ରା (ଭାରତ): ୮୪.୯୫
କୁର୍ଟିସ ଥମ୍ପସନ (ଆମେରିକା): ୮୪.୭୨
ଜାକୁବ ଭାଡଲେଚ୍ (ଚେକ୍ ରିପବ୍ଲିକ୍): ୮୪.୧୧
କେଶୋର୍ନ ୱାଲକଟ (ତ୍ରିନିଦାଦ ଆଣ୍ଡ ଟବାଗୋ): ୮୩.୯୩
ସଚିନ ଯାଦବ(ଭାରତ): ୮୩.୬୭
କାମେରିନ ମ୍ୟାକଏଣ୍ଟ୍ରି (ଅଷ୍ଟ୍ରେଲିଆ): ୮୩.୦୩
ରୁମେଶ ଥରଙ୍ଗା ପଥିରାଗେ (ଶ୍ରୀଲଙ୍କା): ୮୨.୮୦

# ସିଦ୍ଧାର୍ଥଙ୍କୁ ୩ ସ୍ୱର୍ଣ୍ଣ, ଓଡ଼ିଶାକୁ ୩୬ ପଦକ

## ଏସିଆନ ଓପନ୍ ଟାଏକୋଣ୍ଡୋ

ପୁରୁଣା ଭୁବନେଶ୍ୱର, ୧୭।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଏସିଆନ୍ ଓପନ୍ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ହାଇଦ୍ରାବାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ସିଙ୍ଗାପୁର, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ, ବାଂଲାଦେଶ, ଭୁଟାନ, ମାଲେସିଆ ଆଦି ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଏସ୍‌ଏସ୍ ମାର୍ଶାଲ ଆର୍ଟ ସ୍କୁଲର ୨୧ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସିଦ୍ଧାର୍ଥ କୁମାର ସାହୁ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ଅନ୍ୟ ଖେଳାଳିମାନେ ହେଲେ ଶ୍ରୀନିବାସ ସ୍ୱାଇଁ, ଆଫ୍ରନ୍ ପରୱିନ ଓ ନିର୍ଭିକା ମହାନ୍ତି। ସେହିପରି ଗଣେଶ କୁମାର ଦାସ, ଶୁଭମ୍ ଦାସ ମହାପାତ୍ର, ସୁବ୍ରତ ଗୋଛାୟତ, ସାଇ ଦିବ୍ୟାଂଶ ପୃଷ୍ଟି, ଓମ୍ ସତ୍ୟମେଧ ଜେନା ଓ ଚିନ୍ମୟ ପୃଷ୍ଟି ୨ଟି ଲେଖାଏ ଏବଂ ଶ୍ରୀନିବାସ ସ୍ୱାଇଁ, ଆଫ୍ରିନ୍ ପରୱିନ, ନିର୍ଭିକା ମହାନ୍ତି, ଶ୍ରେୟଂଶ ମହାପାତ୍ର, ସାଇ ରାଜ, ଅର୍ଜିତ ସାହୁ, ମିଭାନ ରଥ, ଆଗମନ୍ ମହାନ୍ତ, ନିର୍ବେଦ ମହାନ୍ତି, ସମ୍ପୂର୍ଣ୍ଣା ମିଶ୍ର, ସାହିଦ୍ ଅକ୍ତର ଖାଁ, ମାହିରା ପରବିନ୍, ଅମିତ କୁମାର ନାୟକ, ଆଦିତ୍ୟ ରଥ ଗୋଟିଏ ଲେଖାଏ ରୌପ୍ୟ ପଦକ ପାଇଛନ୍ତି। ସାହିଦ୍ ଅକ୍ତର ଖାଁ, ସମ୍ପୂର୍ଣ୍ଣା ମିଶ୍ର, ଅମିତ କୁମାର ନାୟକ, ଆଦିତ୍ୟ ରଥ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶା ଦଳର କୋଚ୍ ଥିଲେ ସିଦ୍ଧାର୍ଥ କୁମାର ସାହୁ।


ଏସିଆନ ଓପନ୍ ଟାଏକୋଣ୍ଡୋରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ